


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୬ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 06 MAY 2025

Vol.No. 36 ■ No.118 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଲେ ରାହୁଲ ଗାନ୍ଧୀ: ଚାଲିଛି ବଡ଼ ଆଲୋଚନା


ନୂଆଦିଲ୍ଲୀ, ୦୫/୫ : ଲୋକସଭାରେ କଂଗ୍ରେସର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପରବର୍ତ୍ତୀ ମୁଖ୍ୟଙ୍କ ନିଯୁକ୍ତି ପାଇଁ ଏକ ବୈଠକରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ସିବିଆଇ ମୁଖ୍ୟଙ୍କୁ ନିଯୁକ୍ତି କରିବା ପାଇଁ ଗଠିତ କମିଟିରେ ପ୍ରଧାନମନ୍ତ୍ରୀ, ଭାରତର ମୁଖ୍ୟ ବିଚାରପତି ଏବଂ ଲୋକସଭାରେ ବିରୋଧୀ ଦଳର ନେତା ଅନ୍ତର୍ଭୁକ୍ତ। ସିବିଆଇ ମୁଖ୍ୟଙ୍କ



କାର୍ଯ୍ୟକାଳ ଦୁଇ ବର୍ଷର ନିଶ୍ଚିତ ଥାଏ, ଯାହାକୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ବର୍ତ୍ତମାନର ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ କାର୍ଯ୍ୟକାଳ ମଇ ୨୫ରେ ଶେଷ ହେଉଛି। ସୁଦ, ୧୯୮୬ ବ୍ୟାଚର କର୍ଣ୍ଣାଟକ କ୍ୟାଡରର ଭାରତୀୟ ପୋଲିସ ସେବା (ଆଇପିଏସ) ଅଧିକାରୀ ତଥା ରାଜ୍ୟ ପୋଲିସ ମୁଖ୍ୟ, ୨୦୨୩ ମେ ମାସରେ ସୁବୋଧ କୁମାର ଜୟସ୍ୱାଲଙ୍କ ସ୍ଥାନରେ କେନ୍ଦ୍ରୀୟ ଅନୁସନ୍ଧାନ ସଂସ୍ଥାର ଦାୟିତ୍ୱ ଗ୍ରହଣ କରିଥିଲେ।

## ତେଜୁଛି 'ଜଗନ୍ନାଥ ଧାମ' ବିବାଦ: ମୁହଁ ଖୋଲିଲେ ଗଜପତି

ପୁରୀ , ୦୫/୫ (ନି.ପ୍ର): ଦୀଘା ଜଗନ୍ନାଥ ମନ୍ଦିରରକୁ 'ଧାମ' କୁହାଯିବା ନେଇ ସାରା ରାଜ୍ୟରେ ପ୍ରବଳ ବିରୋଧ କରାଯାଉଛି । ଜଗନ୍ନାଥପ୍ରେମୀ, ବୁଦ୍ଧିଜୀବୀ, ରାଜନେତା, ସବୁ ମହଲରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏଭଳି ହୀନ କାର୍ଯ୍ୟକୁ କଡ଼ା ନିନ୍ଦା କରାଯାଉଥିବା ବେଳେ ଏବେ ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ । ଦୀଘା ଜଗନ୍ନାଥ ମନ୍ଦିର 'ଜଗନ୍ନାଥ ଧାମ' ନୁହେଁ । ଜଗନ୍ନାଥ ଧାମ, ଶ୍ରୀପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର କୁହାଯାଇ ପାରିବନି ବୋଲି ପ୍ରେସ୍ ରିଲିଜ୍ ଜରିଆରେ ସ୍ପଷ୍ଟ କରିଛନ୍ତି ଗଜପତି ମହାରାଜା । ମୁକ୍ତି ମଣ୍ଡପ ମତକୁ ଆଧାର କରି ଗଜପତି



ମହାରାଜା କହିଛନ୍ତି, ପୁରୀ ହେଉଛି ମହାପ୍ରଭୁଙ୍କ ପବିତ୍ର ଆଦ୍ୟ ଓ ନିତ୍ୟ ପୀଠ । ପୁରୀ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତୀ ବିଗ୍ରହଙ୍କର ଶାସ୍ତ୍ରିୟ ଅନୁସାରେ ପ୍ରତିଷ୍ଠା ହୋଇଥିଲେ ମଧ ତାହା ଜଗନ୍ନାଥ ଧାମ, ଶ୍ରୀପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର କିମ୍ବା ନୀଳାଚଳ ଧାମ ଭାବରେ ନାମିତ କରାଯାଇ ପାରିବ ନାହିଁ । ଶ୍ରୀବିଗ୍ରହ ଦାରୁ ବ୍ୟତୀତ ଅନ୍ୟ କୌଣସି ଧାତୁ ବା ଶୀଳାରେ ନିର୍ମାଣ ବାରଣ । ଅନ୍ୟ କୌଣସି ଧାତୁ ବା ଶୀଳାରେ ନିର୍ମାଣ କରି ପୂଜା କରିବା ଉଚିତ ନୁହେଁ ।

▶▶ପୃଷ୍ଠା ୭

## ରାଉରକେଲାରେ ପୁଣି ଲଜ୍ଜା

ରାଉରକେଲା, ୦୫/୫ (ନି.ପ୍ର): ରାଉରକେଲାରେ ପୁଣି ଲଜ୍ଜା । ନାବାଳିକାକୁ ଦୁଷ୍କର୍ମ କରି ଆତ୍ମହତ୍ୟା ଉଦ୍ୟମ କଲା ଅଭିଯୁକ୍ତ। ଗତକାଲି ରାତିରେ ରାଉରକେଲା ପ୍ଲାଣ୍ଟସାଇଟ୍ ଅଞ୍ଚଳରେ ଜଣେ ୮ ବର୍ଷର ନାବାଳିକାକୁ ଜଣେ ୨୫ ବର୍ଷୀୟ ଯୁବକ ଦୁଷ୍କର୍ମ କରିଥିଲା । ଏହା ପରେ ପୋଲିସ ଭୟରେ ତିନି ମହଲା ଛାତରୁ ଡେଇଁ ପଡିଛି ଅଭିଯୁକ୍ତ । ତେବେ ତଳେ ଏକ ଚାରି ଚକିଆ ଗାଡ଼ି ଥିବାରୁ ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚି ଯାଇଛି ଅଭିଯୁକ୍ତ ଜଣକ । ଗୁରୁତର ଅବସ୍ଥାରେ ଅଭିଯୁକ୍ତକୁ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପ୍ଲାଣ୍ଟସାଇଡ଼ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ସୁସ୍ଥ ହେବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି କହିଛି ପୋଲିସ। ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।

## ଦ୍ୱନ୍ଦ ଦୂର କଲେ ଆଇନ ମନ୍ତ୍ରୀ: ବଳକା ଦାରୁରେ ମୂର୍ତ୍ତି ନିର୍ମାଣ ହୋଇନି

ଭୁବନେଶ୍ୱର, ୦୫/୫ (ନି.ପ୍ର): ବଳକା ଦାରୁରେ ମୂର୍ତ୍ତି ନିର୍ମାଣ ମିଛ। ମହାରଣା ସେବାୟତଙ୍କ ସହ କଥା ହେବା ପରେ ଏ କଥାରେ ସ୍ପଷ୍ଟତା ଆସିଛି । ଆଜି ଦୀଘା ମନ୍ଦିର ବିବାଦକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏଭଳି କହିଛନ୍ତି ଆଇନ ମନ୍ତ୍ରୀ। ମହାପ୍ରଭୁଙ୍କ ବଳକା ନବକଳେବର ଦାରୁରୁ ଦୀଘା ଜଗନ୍ନାଥ ମନ୍ଦିର ମୂର୍ତ୍ତି ନିର୍ମାଣ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ବଳକା ଦାରୁରେ ମୂର୍ତ୍ତି ନିର୍ମାଣ ମିଛ। ମହାରଣା ସେବାୟତଙ୍କ ସହ କଥା ହେବା ପରେ ଏ କଥାରେ ସ୍ପଷ୍ଟତା ଆସିଛି । ରାମକୃଷ୍ଣ ଦାସମହାପାତ୍ର



କହୁ କହୁ କହି ଦେଇଥିଲେ । ସେ ଭୁବନେଶ୍ୱରର ସୁଦର୍ଶନ ମହରଣାଙ୍କ ପାଖରେ ନିମ୍ବ କାଠରେ ମୂର୍ତ୍ତି ତିଆରି କରି ଦୀଘାରେ ଦେଇଥିଲେ । ଆଜି ଦୀଘା ମନ୍ଦିର ବିବାଦକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏଭଳି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ । ସତ୍ତ୍ୱଲିପି ଅନୁସାରେ ସମସ୍ତ ବଳକା ଦାରୁକାଠ ଦାରୁ ଘରେ ହିଁ ରହିବ ବୋଲି ସେ କହିଛନ୍ତି । ଏଥିସହ ଦୀଘା ଜଗନ୍ନାଥ ଧାମ ନାମକରଣ ବିବାଦ ନେଇ ଆଇନ ମନ୍ତ୍ରୀ ମମତା ସରକାରକୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ଦରକାର ପଡ଼ିଲେ ଆମେ ଆଇନର ଆଶ୍ରୟ ନେବୁ । ଧାମ ଶବ୍ଦର ନାଁ କେବଳ ୪ଟି ସ୍ଥାନ ସହ ଜଡ଼ିତ ।

▶▶ପୃଷ୍ଠା ୭

## ବଡ଼ ଯୁଦ୍ଧ ପାଇଁ ପ୍ରସ୍ତୁତି : ୭ରେ ହେବ ବେସାମରିକ ପ୍ରତିରକ୍ଷା ମକ୍ ଡ୍ରିଲ୍

ନୂଆଦିଲ୍ଲୀ, ୦୫/୫ : ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଏକ ବଡ଼ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି କି ଭାରତ ଭାରତ ସରକାରଙ୍କ ଘନ ଘନ ବୈଠକ, ଜାତିସଂଘ ସୁରକ୍ଷା ପରିଷଦର ବୈଠକ ଏହି ଆଶଙ୍କାକୁ ଆହୁରି ଘନୀଭୂତ କରୁଛି । ଏବେ ସରକାରଙ୍କ ଆଉ ଏକ ନିଷ୍ପତ୍ତି ଏହି ଆଶଙ୍କା ସୃଷ୍ଟି କରିଛି ଯେ ଭାରତ ପାକିସ୍ତାନ ମଧ୍ୟରେ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ ଲାଗିପାରେ । କେନ୍ଦ୍ର ଗୃହ ମନ୍ତ୍ରାଳୟ ଆସନ୍ତା ୭ ତାରିଖରେ ବେସାମରିକ ମକ୍ ଡ୍ରିଲ୍ କରିବାକୁ ବିଭିନ୍ନ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ମାଧ୍ୟମରେ ଯୁଦ୍ଧ ସ୍ଥିତିରେ ଲୋକମାନେ କିପରି ନିଜକୁ ରକ୍ଷା କରିପାରିବେ



ଓ ସେମାନଙ୍କ କର୍ତ୍ତବ୍ୟ କଣ ରହିବ ତାହାର ପ୍ରସ୍ତୁତି କରାଯିବ । ବିମାନ ଆକ୍ରମଣ ସାଇରନ ବାଜିଲେ ଲୋକମାନେ କିପରି ସୁରକ୍ଷିତ ସ୍ଥାନକୁ ଯିବେ, ଆକ୍ରମଣ ସମୟରେ ସାଧାରଣ ଲୋକ, ଛାତ୍ରଛାତ୍ରୀ ଓ ଅନ୍ୟମାନେ କିପରି ନିଜର ସୁରକ୍ଷା କରିପାରିବେ, କ୍ରାସ ବ୍ଲାକ ଆଉଟ ପଦକ୍ଷେପ (ଯେପରି ଆକାଶ ମାର୍ଗରୁ ଜନପଦଗୁଡ଼ିକ ଦେଖାନଯିବେ ସେଥିପାଇଁ ବିଭିନ୍ନ ପଦକ୍ଷେପ) ଆଦି ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯିବ ।

## ଆମେରିକାର ଫୋନିକ୍ସରେ ଗୁଳିକାଣ୍ଡ: ୩ ମୃତ, ୫ ଆହତ


ଗ୍ଲେଣ୍ଡାଲେରେ, ୦୫/୫ ଆମେରିକାରେ ପୁଣି ଥରେ ଏକ ବଡ଼ ଧରଣର ଗୁଳିଚାଳନା ଘଟଣା ସାମନାକୁ ଆସିଛି । ଘଟଣାଟି ଆରିଜୋନା ରାଜ୍ୟର ଗ୍ଲେଣ୍ଡାଲେରେ ଘଟିଛି। ସହରର ଏକ ରେଷ୍ଟୁରାଣ୍ଟରେ ଗୁଳିକାଣ୍ଡ ହେବାରୁ ୩ ଜଣ ମୃତ୍ୟୁବରଣ କରିଥିବାବେଳେ ୫ ଜଣ ଆହତ ହୋଇଛନ୍ତି । ସ୍ଥାନୀୟ ପୁଲିସ ଅଧିକାରୀ ମୋରୋନି ମେଣ୍ଡେଜ୍ ଘଟଣାସ୍ଥଳରୁ କହିଛନ୍ତି ଯେ ସନ୍ଧ୍ୟା ପ୍ରାୟ ୭:୪୫ ସମୟରେ ଏଲ୍ କାମାରନ୍ ଗିଗାଣ୍ଟେ ମାରିସ୍କୋସ୍ ଏବଂ ଷ୍ଟେକହାଉସରେ ଗୁଳିକାଣ୍ଡ ହୋଇଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପ୍ରାରମ୍ଭିକ ସୂଚନା ଅନୁସାରେ ୩ ଜଣ ମୃତ୍ୟୁବରଣ କରିଛନ୍ତି ଓ ୫ ଆହତ ହୋଇଛନ୍ତି । ତେବେ ଆହତମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଅଧିକ ସୂଚନା ଉପଲବ୍ଧ ହୋଇନାହିଁ। ଏହି ଗୁଳିକାଣ୍ଡରେ ଏକାଧିକ ବନ୍ଧୁକଧାରୀ ସାମିଲ ଥିବା ପୁଲିସ ସଂଦେହ କରୁଛି । ମାତ୍ର ତଦନ୍ତକାରୀମାନେ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖିନାହାଁନ୍ତି, କିନ୍ତୁ ଅନେକ ଲୋକଙ୍କୁ ପଚରାଉଚରା କରାଯାଉଛି। ଆମେରିକାର ବନ୍ଧୁକ ସଂସ୍କୃତି ସାରା ବିଶ୍ୱରେ କୁଖ୍ୟାତ । ଏକ ରିପୋର୍ଟ ଅନୁସାରେ, ଗତ ୫୦ ବର୍ଷ ମଧ୍ୟରେ, ଏହି ବନ୍ଧୁକ ସଂସ୍କୃତି ଯୋଗୁଁ ୧୫ ଲକ୍ଷରୁ ଅଧିକ ଆମେରିକୀୟ ପ୍ରାଣ ହରାଇଛନ୍ତି।

## ପଞ୍ଜାବର ସୀମାବର୍ତ୍ତୀ ଗ୍ରାମରେ ବ୍ଲାକ ଆଉଟ ଅଭ୍ୟାସ

ଚଣ୍ଡୀଗଢ , ୦୫/୫ (ନି.ପ୍ର): ଭାରତ ଏବଂ ପାକିସ୍ଥାନ ମଧ୍ୟରେ ଯୁଦ୍ଧ ଆଶଙ୍କା ମଧ୍ୟରେ ରବିବାର ରାତି ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ପଞ୍ଜାବର ସୀମାବର୍ତ୍ତୀ ଜିଲ୍ଲା ଫିରୋଜପୁରରେ ବ୍ଲାକଆଉଟ ଅଭ୍ୟାସ କରାଯାଇଛି। ଫିରୋଜପୁର ଜିଲ୍ଲା ପ୍ରଶାସନ ଶନିବାର ଏବଂ ରବିବାର ଦିନ ଫିରୋଜପୁର କ୍ୟାଂଟ ଅଂଚଳ ଏବଂ ସୀମାବର୍ତ୍ତୀ ଗ୍ରାମଗୁଡିକରେ ସାର୍ବଜନୀନ ଘୋଷଣା କରି ଏହି ସୁଚନା ପୁର୍ବରୁ ଦେଇସାରିଛି। କ୍ୟାଂଟନମେଂଟ ଅଧିକାରୀମାନେ ଡେପୁଟି କମିଶନର ଫିରୋଜପୁରଙ୍କୁ ପତ୍ର ଚିଠି ଲେଖି ଏହି ସୁଚନା ଦେଇଛନ୍ତି। ଲୋକଙ୍କୁ ସତର୍କ କରାଯାଇଥିଲା ଯେ ସେ ରବିବାର ରାତି ୯ଟାରୁ ୯.୩୦ ପର୍ଯ୍ୟନ୍ତ ଘରର ଲାଇଟ ବନ୍ଦ କରାଯାଇଥିଲା। ଏହି ସମୟ ମଧ୍ୟରେ ଜନରେଟର ଏବଂ ଇନଭର୍ଟର ମଧ୍ୟ ବନ୍ଦ ରଖନ୍ତୁ। ବ୍ଲାକ ଆଉଟ ଅଭ୍ୟାସ ସମୟରେ ସବୁଠି ଏବଂ ବିଦ୍ୟୁତ୍ ବନ୍ଦ କରି ପ୍ରଶାସନ ପକ୍ଷରୁ ସତର୍କତା ସ୍ୱରୁପ ବିଭିନ୍ନ ସ୍ଥାନରେ ୩୦ ମିନିଟ ପର୍ଯ୍ୟନ୍ତ ସାଇରନ ମଧ୍ୟ ବଜାଇଥିଲା।

## ବିଜେଡିର ନୂଆ ଟିମ୍: ମୁହଁ ଖୋଲିଥିବା ନେତା ଆଉଟ୍

ଭୁବନେଶ୍ୱର, ୦୫/୫ (ନି.ପ୍ର): ଶେଷରେ ନବୀନ ଘୋଷଣା କଲେ ଟିମ୍ । ଗଢିଲେ ପଲିଟିକାଲ୍ ଆଫାୟାର୍ସ କମିଟି । ଅସନ୍ତୁଷ୍ଟ ବରିଷ୍ଠଙ୍କୁ କଲେ ଥଇଥାନ । ସଂଗଠନ ସଂପାଦକ ପଦବୀ ଉଚ୍ଛେଦ କରି ବିଦ୍ରୋହୀଙ୍କ ମନ ଜିଣିବାକୁ ପ୍ରୟାସ । ପାଣ୍ଡିଆନ୍ ଛାପ ଦଳରୁ ପୋଛିବାକୁ ବରିଷ୍ଠ ଓ ଯୁବଙ୍କୁ ଦେଲେ ଦାୟିତ୍ୱ । ତେବେ ସାମ୍ନାକୁ ଆସି ଦଳ ବିରୋଧରେ ମୁହଁ ଖୋଲିଥିବା ବରିଷ୍ଠଙ୍କ ପକ୍ଷ ଛେଦନ କରିବାକୁ ଭୁଲିନାହାନ୍ତି । ଭୂପିନ୍ଦର ସିଂ, ଶଶିଭୂଷଣ ବେହେରା, ପ୍ରଫୁଲ୍ଲ




ମଲ୍ଲିକଙ୍କ ଭଳି ବରିଷ୍ଠ ନେତାଙ୍କୁ କୌଣସି ସାଂଗଠନିକ ଦାୟିତ୍ୱ ମିଳିନି । ଯାହାକୁ ନେଇ ଚର୍ଚ୍ଚା ବଢିଛି ଦଳରେ । ସଭାପତି ଭାବେ ନିର୍ବାଚିତ ହେବାର ପ୍ରାୟ ୧୫ ଦିନ ପରେ ଆଜି ନିଜ ଟିମ ଗଢିଛନ୍ତି ନବୀନ । ବିଭିନ୍ନ ଛାମୁଆ ସଂଗଠନ ସମେତ ଦଳର ପଦାଧିକାରୀ

▶▶ପୃଷ୍ଠା ୭

## ଜାମ୍ମୁକାଶ୍ମୀରରେ ପୁଣି ପାକିସ୍ତାନ ସେନାର ଅସ୍ତ୍ରବିରତି ଉଲଙ୍ଘନ

ଶ୍ରୀନଗର , ୦୫/୫ (ନି.ପ୍ର): ପହଲଗ୍ରାମରେ ୨୨ ଅପ୍ରେଲରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କୀ ଆକ୍ରମଣ ପରେ ପାକିସ୍ଥାନ ନିୟନ୍ତ୍ରଣ ରେଖା ଏବଂ ଆନ୍ତର୍ଜାତୀୟ ସୀମାରେ ଲଗାତାର ଅସ୍ତ୍ରବିରତି ଉଲଙ୍ଘନ କରୁଛି ।ପାକିସ୍ଥାନ ସେନା ବିନା କୌଣସି ଜାମ୍ମୁକାଶ୍ମୀର ଅଂଚଳରେ ଗୁଳିଚାଳନା କରୁଛି ।ଭାରତୀୟ ସେନାର ଜଣେ ପଦସ୍ଥ ଅଧିକାରୀଙ୍କ ଅନୁସାରେ ,ଚାରି-ପାଂଚ ମଇ ରାତିରେ ପାକିସ୍ଥାନର ସେନା ପୁଣି ଥରେ ଏପରି କାର୍ଯ୍ୟ କରିଛି ।ଶୀର୍ଷ ସାମରିକ ଅଧିକାରୀ କହିଛନ୍ତି ଯେ ରାତିରେ ପାକିସ୍ଥାନ ସେନା ପୋଷ୍ଟଗୁଡିକ ଜାମ୍ମୁକାଶ୍ମୀରର କୁପୱାଡା ,ବାରାମୁଳା ପୁଞ୍ଚ, ରାଜୌରୀ , ମେଣ୍ଢର, ନୌଶେରା ,ସୁନ୍ଦରବନୀ ଏବଂ ଅଖନୁର ଆଖାପାଖ ଅଂଚଳରେ ନିୟନ୍ତ୍ରଣ ରେଖା ରେଖା ପାର ହୋଇ ଛୋଟ ଅସ୍ତ୍ରଶସ୍ତ୍ର ଅକାରଣରେ ଗୁଳିଚାଳନା କରିଥିଲେ। ପାକିସ୍ଥାନର ସେନାର ଏହି କାର୍ଯ୍ୟର ଭାରତୀୟ ସେନା ତୁରନ୍ତ ଏବଂ ଉପଯୁକ୍ତ ଜବାବ ଦେଇଥିଲା।

## ପୁଣି ଚମକାଇଲା ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତ୍ତି: ବିଦେଶୀ ଫିଲ୍ମ ପାଇଁ ଆମେରିକାରେ ଲାଗିବ ଶତପ୍ରତିଶତ ଟାରିଫ




ନୂଆଦିଲ୍ଲୀ, ୦୫/୫ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନେଇଛନ୍ତି । ସେ ଏବେ ଶୁଳ୍କ ସମ୍ପର୍କିତ ଜାରି ଥିବା ପ୍ରସଙ୍ଗରେ ଚଳଚ୍ଚିତ୍ର ଶିଳ୍ପକୁ ମଧ ସାମିଲ କରିଛନ୍ତି। ଆମେରିକା ବାହାରେ ନିର୍ମିତ ଚଳଚ୍ଚିତ୍ର ଉପରେ ଟ୍ରମ୍ପ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି । ଏହା ହଲିଉଡ୍ ଉପରେ ସିଧାସଳଖ ପ୍ରଭାବ ପକାଇପାରେ । ଟ୍ରମ୍ପ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଏହି ସୂଚନା ଦେଇଛନ୍ତି ।

▶▶ପୃଷ୍ଠା ୭

## ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତକୁ ଋଷର ପୂର୍ଣ୍ଣ ସମର୍ଥନ

ନୂଆଦିଲ୍ଲୀ, ୦୫/୫ : ଜଳ,ଡିଜିଟାଲ ଷ୍ଟ୍ରାଇକ ସାଙ୍ଗକୁ ପାକିସ୍ତାନ ପାଇଁ ଏୟାରସ୍ପେଶ ବନ୍ଦ କରିଛି ଭାରତ । ଏଥିସହ ସମସ୍ତ ପ୍ରକାର ଆମଦାନୀ ଓ ରପ୍ତାନୀ ମଧ ବନ୍ଦ କରିଛି ଭାରତ । ଆଗକୁ ଆତଙ୍କୀସ୍ତାନ ଉପରେ ଅର୍ଥନୀତି ପ୍ରହାର । ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଅଧ୍ୟକ୍ଷକଙ୍କୁ ସାକ୍ଷାତ କରି ପାକିସ୍ତାନକୁ ଆର୍ଥିକ ସହାୟତା କରିବାକୁ ଦାବି କରିଛନ୍ତି ଭାରତୀୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଯେଉଁ ଦେଶ ଆତଙ୍କବାଦକୁ ଶରଣ ଦିଏ ବା ପ୍ରଶ୍ରୟ ଦିଏ ସେଭଳି



ଦେଶକୁ କୌଣସି ପ୍ରକାର ଆର୍ଥିକ ସହାୟତା ଦେବା ଉଚିତ ନୁହେଁ ବୋଲି ଭାରତ ଯୁକ୍ତି ବାଢିଛି । ଖରାପ ଆର୍ଥିକ ସ୍ଥିତି ଦେଇ ଗତି କରୁଥିବା ପାକିସ୍ତାନକୁ ଏଡିବି ଓ ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ଆର୍ଥିକ ସହାୟତା କରିଥାଏ । ଏହି ଅର୍ଥ ଜଳବାୟୁ ପରିବର୍ତ୍ତନ ସମସ୍ୟାକୁ ସୁଧାରିବାକୁ,ରାସ୍ତା ନିର୍ମାଣ ଓ ବିଦ୍ୟୁତ ସୁବିଧାରେ ସାଧାରଣ ଭାବରେ ବ୍ୟବହାର କରାଯାଏ । ଏଥିସହ ପାକିସ୍ତାନକୁ ଏଫଏଟିଏଫର ଗ୍ରେ ଲିଷ୍ଟର ସାମିଲ କରିବାକୁ ଭାରତ ଦାବି କରିଛି ।

# ମା' କାଲୁଣୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଦ୍ରକ,୦୫/୫(ନି. ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଭଗବାନପୁର ପଂଚାୟତ ପଦ୍ମପୋଖରୀ ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା' କମଳିନୀ (କାଲୁଣୀ) ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ବୁଧବାର ଏପ୍ରିଲ ୩୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଷ୍ଠା ଉତ୍ସବ ମେ ୩ ତାରିଖ ଶନିବାର ଉଦଯାପନ ହେବ। ପ୍ରଥମ ଦିବସରେ ଅଙ୍କୁରାରୋପଣ ଓ ଯଜ୍ଞାଧିବାସ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଦ୍ୱିତୀୟ ଦିବସରେ କଳସ ଯାତ୍ରା, ସୂର୍ଯ୍ୟ ପୂଜା, ଯଜ୍ଞ କର୍ମ ଓ ମନ୍ଦିର ପ୍ରତିଷ୍ଠା ପରେ ଦେବୀଙ୍କ ବିଗ୍ରହ ପୁର୍ନପ୍ରତିଷ୍ଠା କରାଯାଇଥିଲା। ଏଥିସହ ପାର୍ଶ୍ୱ ଦେବଦେବୀ, ନବଗ୍ରହ ଆଦିଙ୍କୁ ସ୍ଥାପନା କରାଯାଇଥିଲା। ଏହି ଅବସରରେ ପଦ୍ମପୋଖରୀ ଗ୍ରାମର ଶତାଧିକ ପୁରୁଷ ଏବଂ ମହିଳା ସ୍ଥାନୀୟ ଜୟ ନଈରୁ ଘଟୋତଳନ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବାର ପରେ ଯଜ୍ଞକୁଣ୍ଡ ନିକଟରେ ସ୍ଥାପନ କରାଯାଇଥିଲା। ଶୁକ୍ରବାର ତୃତୀୟ ଦିବସରେ ସୂର୍ଯ୍ୟ ପୂଜା, ଯଜ୍ଞକର୍ମ ଏବଂ ଉପଚାର ପୂଜା ଅନୁଷ୍ଠିତ ହୋଇଯାଇଛି। ଶନିବାର ସପ୍ତଶତୀ ଚଣ୍ଡୀ ପାଠ ଓ ପୂର୍ଣ୍ଣାହୁତି ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦଯାପିତ ହେବ। ଯଜ୍ଞକାଣ୍ଡରେ ପଣ୍ଡିତ ରାଜେଶ ତ୍ରିପାଠୀ, ଅଶୋକ ଦାଶ, ରବୀନ୍ଦ୍ର ଦୀକ୍ଷିତ, ମନୋଜ ମିଶ୍ର, ସନ୍ତୋଷ ମିଶ୍ର, ବିଶ୍ୱଜିତ ପତି ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ସୁବାସ ଖଟୁଆ, କୈଳାଶ ଖଟୁଆ, ପର୍ଶୁରାମ ପାତ୍ର କାର୍ଯ୍ୟ ତୁଲାଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ 'ସମ୍ବାଦ' ଗ୍ରୁପର ଅଧକ୍ଷ ତଥା ପୂର୍ବତନ ସାଂସଦ ଓ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ମନ୍ଦିର କାରୁକାର୍ଯ୍ୟକୁ ପ୍ରଶଂସା କରିବା ସହ ଗ୍ରାମବାସୀଙ୍କୁ ସାଧୁବାଦ ଜଣାଇଥିଲେ। ଏଭଳି ଧର୍ମୀୟ କାର୍ଯ୍ୟରେ ସମସ୍ତେ ସାମିଲ ହୋଇ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ଦାବିରେ ସାଧାରଣ ସଭା

ସମ୍ବଲପୁର,୦୫/୫(ନି. ପ୍ର): ଅଗ୍ରଣୀ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ପୁନର୍ବାର ଦାବି ହୋଇଛି। ଏହି ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ଛାତ୍ର କର୍ମଚାରୀ ଏବଂ ଶିକ୍ଷକ ସଂଘ (ଆସେଟ) ତରଫରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମିନି ଅଡିଟୋରିୟମ୍ ଠାରେ ପୂର୍ବ ସାଂସଦ ଭବାନୀ ଶଙ୍କର ହୋତାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ସଭା ରେ ଏନେଇ ବିଚାର ଆଲୋଚନା ସହିତ ଦାବୀ ହାସଲକୁ ନିର୍ଣ୍ଣାୟକ ସ୍ତରରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଏସ୍ଇଟି ର ଆବାହକ ପ୍ରଫେସର ଏକାମ୍ବର କରିଆଲି ଙ୍କ ଆହ୍ୱାନକ୍ରମେ ଏହି ସଭାରେ ଛାତ୍ରଛାତ୍ରୀ, ଛାତ୍ରଗବେଷକ, କର୍ମଚାରୀ ଓ ଶିକ୍ଷକ ମାନେ ଯୋଗଦାନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ର ରୋଡ ମ୍ୟାପ ପ୍ରଦାନ କରିବା ପାଇଁ ନିଜ ନିଜ ମତ ଉପସ୍ଥାପନ କରିଥିଲେ। ଉକ୍ତ ସଭାରେ ଆମନ୍ତ୍ରିତ ହୋଇ ଆସିଥିବା ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ଓ ଛାତ୍ରନେତା ସୁରେଶ୍ୱର ଶତପଥି, ସଞ୍ଜୟ କୁମାର ବାବୁ, ବିରେନ୍ ପ୍ରଧାନ, ଅଭିନାଶ ପଟେଲ, ଶୁଭ୍ରାଂଶୁ ଶେଖର ପାଠୀ, ତେଜରାଜ ଭୋଇ, ଅଶୋକ ବେହେରା, ଶଶୀଭୂଷଣ ପ୍ରଧାନ, ପୂର୍ବତନ ସମ୍ପାଦକ ଓ ବର୍ତ୍ତମାନର ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ ଯୋଗଦାନ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ଓ ଛାତ୍ରନେତା ଭାବରେ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ଦେଇ ସମସ୍ତ, ତ୍ୟାଗ ସ୍ୱିକାର କରିବାର ସମୟ ଆସିଛି ଓ ଆଗାମୀ ଦିନରେ ଏହାକୁ ଯୁକ୍ତିଯୁକ୍ତ ଭାବରେ ଶେଷ ପର୍ଯ୍ୟାୟରେ ପହଞ୍ଚାଇବା ପାଇଁ ସମସ୍ତ ସହଯୋଗ ପ୍ରଦାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଉକ୍ତ ସଭାକୁ ପୂର୍ବତନ ବିଭାଗୀୟ ମୁଖ୍ୟ ଡ.ବିଜୟ କୁମାର ମିଶ୍ର ଓ ଡ. ପ୍ରଭାତ କୁମାର ମହାପାତ୍ର ସମ୍ବୋଧିତ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶୈକ୍ଷିକ ଓ ଗବେଷଣାର ମାନ ସମ୍ପର୍କରେ ଆଲୋକପାତ କରିବା ସହିତ ଭାରତବର୍ଷର ଏକ ଉତ୍କର୍ଷ ବିଶ୍ୱବିଦ୍ୟାଳୟ ରୂପେ ଅବିହିତ କରିଥିଲେ ଓ ଅଶ୍ୱିନୀ କୁମାର ସାହୁ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ସହ ଏକ ନିର୍ଣ୍ଣାୟକ ସ୍ତରରେ ପହଞ୍ଚାଇବା ଉପରେ ଯୋର ଦେଇଥିଲେ। ସଭାର ପ୍ରାରମ୍ଭରେ ଆବାହକ ପ୍ରଫେସର ଏକାମ୍ବର କରିଆଲି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆସେଟ ର ସଂଯୋଜକ ଭାବାନୀ ପ୍ରସାଦ ସିଂ ଏଏସ୍ଇଟି ଗଠନ ଆରମ୍ଭରୁ ଏହାର କାର୍ଯ୍ୟକଳାପ ଦିଗରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ବିବରଣୀ ଦେଇଥିଲେ। ସାଧାରଣ ସଭାକୁ ସମ୍ବୋଧିତ କରି ପିଜି କଉନ୍ସିଲ୍ ଅଧକ୍ଷ ପ୍ରଫେସର ତୁଷାର କାନ୍ତ ଦାସ ଏବଂ ଦାୟିତ୍ୱରେ ଥିବା କୁଳପତି ସମସ୍ତଙ୍କୁ ଅଭିନନ୍ଦନ ଜଣାଥିଲେ। ଶେଷରେ ସତ୍ୟ ନାରାୟଣ କର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାକୁ ପ୍ରଫେସର ପ୍ରୟାସ ଡସନା ଓ ପ୍ରଫେସର ଅମୂଲ୍ୟ ସାହୁ ସଂଯୋଜନା କରିଥିଲେ।

# ବଲାଙ୍ଗିରରେ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ପାଳିତ

ବଲାଙ୍ଗିର,୦୫/୫(ନି. ପ୍ର): ମେ ୩ ତାରିଖ କୁ ସାରା ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ରୂପେ ପାଳନ କରିଆସୁଛି। ବଲାଙ୍ଗିର ସାମ୍ବାଦିକ ଭବନ ଠାରେ ଏସ ୟୁ ଯେ ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ଏହି ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ମିଶ୍ର ଯୋଗଦେଇ ଗଣମାଧ୍ୟମ କେତେ ସ୍ୱାଧୀନ ସେ ବିଷୟରେ ଅନେକ ଦୃଷ୍ଟାନ୍ତ ଦେଇ ତାଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ।ସେ କହିଥିଲେ ସାମ୍ବାଦିକତା କରିବାକୁ ହେଲେ ସୁକୁ,ଡୁଗୁ ଭଳିଆ ଲୋକଙ୍କ ଉପରେ ଗ୍ରାଉଣ୍ଡ ଜିରୋ କୁ ଯାଇ ଦୃଷ୍ଟାନ୍ତ ମୂଳକ ଲେଖା ପରିବେଷଣ କରିବା ଜରୁରୀ ବୋଲି କହିଥିଲେ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏସ ୟୁ ଯେ ରାଜ୍ୟ ଉପସଭାପତି ମହେନ୍ଦ୍ର କୁମାର ଦର୍ଜି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବଲାଙ୍ଗିର ଜିଲ୍ଲା ଶାଖା ସମ୍ପାଦକ ରଘୁ ନନ୍ଦନ ସିଂ ସଭା ପରିଚାଳନା କରିଥିଲେ।ଜିଲ୍ଲା ଶାଖା ସଭାପତି ଶରତ ମହାକୁଡ ସଭାପତି ଅଭିଭାଷଣ ପ୍ରଦାନ କରିଥିଲେ। ଦୈନିକ ଖବର କାଗଜ ଧରିତ୍ରୀ ର ଜିଲ୍ଲା ପ୍ରତିନିଧି ବିରେନ୍ଦ୍ର କୁମାର ଝାଙ୍କର ଆଗାମୀ ଦିନରେ ଗଣମାଧ୍ୟମ କେତେ ସୁରକ୍ଷିତ ସେ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ।ନିଉଜ୍ ଲେଖିଲା ବେଳେ ଅନେକ ବିଷୟ କୁ ଦୃଷ୍ଟି ଆଗରେ ରଖି ସଠିକ୍ ତଥ୍ୟ ଦେଇ ଖବର ପରିବେଷଣ କରିବା ପାଇଁ ସୂଚାଇ ଦେଇଥିଲେ।କଥା କହିବା ସ୍ୱାଧୀନତା ରେ ଅଙ୍କୁଶ ଲାଗିଥିବା ବେଳେ ଖବର ଲେଖିଲା ବେଳେ ମଧ୍ୟ ସଚେତନ ରହିବାକୁ ପଡିବ ବୋଲି ସେ ତାଙ୍କର ବକ୍ତବ୍ୟ ରେ ଉଲ୍ଲେଖ କରିଥିଲେ।କିଛି ଠକ ଏବଂ ଅଣ ସାମ୍ବାଦିକ ମାନଙ୍କ ପ୍ରଦୁର୍ଭାବ ଯୋଗୁଁ ସାମ୍ବାଦିକ ଜଗତ ବଦନାମ ହେଉଥିବା ପ୍ରସଙ୍ଗ ମାଧ୍ୟମ ରେ ସୂଚାଇ ଦେଇଥିଲେ। ଶିକ୍ଷ୍ୟାବିତ୍ ମନୋରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣମାଧ୍ୟମ ର ସ୍ୱାଧୀନତା ଉପରେ ଲାଗୁଥିବା ଅଙ୍କୁଶ ଦେଶ ତଥା ସମାଜ ପାଇଁ କଲ୍ୟାଣକାରୀ ନୁହେଁ ବୋଲି କହିଥିଲେ।ବରିଷ୍ଠ ସାମ୍ବାଦିକ ବିମଳ ଚରଣ ହୋତା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନାରଦ ଏବଂ ସାମ୍ବାଦିକ ମଧ୍ୟରେ ଥିବା ସମନ୍ୱୟ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ନାରଦ ସାମ୍ବାଦିକ ଙ୍କ ଭୂମିକା ତୁଲାଉଥିବା ବେଳେ ତାଙ୍କର ସମ୍ପୂର୍ଣ୍ଣ ସ୍ୱାଧୀନତା ଥିଲା।ଏଣୁ ସମାଜ ରେ ସ୍ୱଛତା ପାଇଁ ଗଣମାଧ୍ୟମ ର ସ୍ୱାଧୀନତା ଆବଶ୍ୟକ ବୋଲି ସେ ତାଙ୍କ ବକ୍ତବ୍ୟ ରେ ଉପସ୍ଥାପନ କରିଥିଲେ।ବରିଷ୍ଠ ସାମ୍ବାଦିକ ତଥା ଏସ ୟୁ ଯେ ରାଜ୍ୟ ଉପଦେଷ୍ଟା ଗୋପବନ୍ଧୁ ଶତପଥୀ ତାଙ୍କ ବକ୍ତବ୍ୟରେ ଗଣମାଧ୍ୟମ ର ସ୍ୱାଧୀନତା କେତେ ଜରୁରୀ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସାମ୍ବାଦିକ ଚିତ୍ତ ରଞ୍ଜନ ମିଶ୍ର,ବଜ୍ରବାହୁ ନାମକୁ ନେଇ ତାଙ୍କ ବକ୍ତବ୍ୟ ରେ,ବାଜ୍ରବାହୁ ଏକ ଅକର୍ମଣ୍ୟ ବ୍ୟକ୍ତିତ୍ୱ ଉପରେ ସମାଲୋଚନା ମୂଳକ ଭାବରେ ଗଣମାଧ୍ୟମ କେତେ ସ୍ୱାଧୀନ ସେ ବିଷୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ଚନ୍ଦ୍ରଭାନୁ ମୋଲାନା,ସୁଧୀର ମିଶ୍ର, ମୁକେଶ ବହିଦାର ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମ ସ୍ୱାଧୀନତା ଉପରେ ବହୁ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ସାମ୍ବାଦିକ ରାଜେଶ ପାଣିଗ୍ରାହୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। ଏହି ବୈଠକ ରେ ବଲାଙ୍ଗିର ଏସ ୟୁ ଜେ ର ସମସ୍ତ ସଦସ୍ୟ ମାନଙ୍କ ମଧ୍ୟରେ ପବନ ଅଗ୍ରୱାଲ, ମହେନ୍ଦ୍ର କୁମାର ପଧାନ , ଜୟପ୍ରକାଶ ମଟାରି , ରାଧାକୃଷ୍ଣ ମିଶ୍ର , ଚିତ୍ର ସେନ ବେହେରା, ବଣ୍ଟି ମିଶ୍ର, ବିନୋଦ ଦୀପ, ସନ୍ତୋଷ ଠାକୁର ଓ ଅନ୍ୟମନେ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ଆରୟା କାରଖାନା ଆଗରେ ଅଂଚଳବାସୀଙ୍କ ଗଣଧାରଣା

ଯୋଡ଼ା,୦୫/୫(ନି. ପ୍ର): ବଲାଣି ଥାନା ଅନ୍ତର୍ଗତ ମାଟକାମବେଡା ଔଦ୍ୟୋଗିକ କ୍ଷେତ୍ରରେ ଥିବା ଆରୟା କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଗଣ ଧାରଣାରେ ବସିଛନ୍ତି ଅଂଚଳବାସୀ। ଏହି ଧାରଣା ଆଜି ଦ୍ୱିତୀୟ ଦିନରେ ପହଂଚିଥିବା ବେଳେ କାରଖାନା କର୍ତ୍ତୃପକ୍ଷ ଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରୁନଥିବାରୁ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଆନ୍ଦୋଳନକାରୀ ମୁଖ୍ୟ ଫାଟକ ସମ୍ମୁଖରେ ବସିଥିବା ଯୋଗୁଁ କାରଖାନାକୁ କଂଚା ମାଲ୍ ପରିବହନ ବନ୍ଦ ହୋଇପଡିବା ସହିତ କାରଖାନାରୁ ଉତ୍ପନ୍ନ ଦ୍ରବ୍ୟ ପରିବହନ ଓ ଅନ୍ୟାନ୍ୟ କାରଖାନା କାର୍ଯ୍ୟକଳାପ ଏକ ପ୍ରକାର ବନ୍ଦ ହୋଇ ପଡିଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ଏଠାକାର ସ୍ଥାନୀୟ ଲୋକଙ୍କ ଜମି ଉପରେ କାରଖାନା ନିର୍ମାଣ କରି ଘରୋଇ କମ୍ପାନୀ ହଜାର ହଜାର କୋଟି ଟଙ୍କା ଲାଭ କରିଥିଲେ ସୁଦ୍ଧା ଏଠାକାର ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଉନାହିଁ କମ୍ପାନୀ। ସେମାନେ ଅଭିଯୋଗ କରି କହିଛନ୍ତି ଯେ, କମ୍ପାନୀ ନିରୀହ ଆଦିବାସୀଙ୍କ ଜମି ବର୍ଷ ବର୍ଷ ଧରି ବେଆଇନ ଭାବରେ ଜବରଦଖଲ କରି ରଖିଥିଲେ ସୁଦ୍ଧା ଜମିହରାଙ୍କୁ କୌଣସି ସୁବିଧା ପ୍ରଦାନ କରୁନାହାନ୍ତି। ଏହା ବ୍ୟତୀତ ସେମାନେ ଅଭିଯୋଗ କରିଛନ୍ତି ଯେ, କମ୍ପାନୀ ବାହାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରୁଥିବା ବେଳେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକ ଯୁବତୀ ଓ ଜମିହରାଙ୍କୁ ନିଯୁକ୍ତି କ୍ଷେତ୍ରରେ ଅବହେଳା କରି ଆସୁଛି। କାରଖାନା ଯୋଗୁଁ ମାତ୍ରାଧିକ ଧୂଳି ଧୂଆଁ ଯୋଗୁଁ ପରିବେଶ ପ୍ରଦୂଷିତ ହେବା ଯୋଗୁଁ ସ୍ଥାନୀୟ ଜନସାଧାରଣ ବିଭିନ୍ନ ରୋଗରେ ରୋଗାକ୍ରାନ୍ତ ହେଉଛନ୍ତି। ଏହା ବ୍ୟତୀତ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଯୋଗୁଁ ଚାଷ ଜମି ଉର୍ବରତା ହରାଇବା ସହିତ ଚାଷ ଜମି ଚାଷ ଅନୁପଯୋଗୀ ହୋଇପଡିଛି। ଏହାଦ୍ୱାରା ବେକାରୀ ସମସ୍ୟା ଏଠାରେ ଉତ୍କଟ ରୂପ ନେଇଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଅଂଚଳବାସୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହିଁ। ଏ ନେଇ ଅଂଚଳବାସୀ ଗତ ବର୍ଷ ଅଗଷ୍ଟ ୩୧ ତାରିଖରେ ଏକ ଲିଖିତ ଚିଠି ମାଧ୍ୟମରେ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ନକରିବାରୁ ବାଧ୍ୟ ହୋଇ ଗଣ ଧାରଣାରେ ବସିଛନ୍ତି। କାରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କୁ ଯୋଗ୍ୟତା ଭିତିରେ ନିଯୁକ୍ତି, ସ୍ଥାନୀୟ ଯୁବକଙ୍କୁ କାରଖାନାରେ ବିଭିନ୍ନ ଠିକା କାମ, ଖଣିଜ ପଦାର୍ଥ ଓ ଉତ୍ପନ୍ନ ଦ୍ରବ୍ୟ ପରିବହନ ସହିତ ଚିକିତ୍ସା, ପାନୀୟ ଜଳ ଯୋଗାଣ, ଶିକ୍ଷା ଭଳି ମୌଳିକ ସୁବିଧା ଯୋଗାଇ ଦେବାର ଲିଖିତ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ଏହି ଧର୍ମଘଟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେମାନେ କହିଛନ୍ତି।

# ଦେଶବ୍ୟାପୀ ପୁସ୍ତକ ଏବଂ ଅଧ୍ୟୟନ ସାମଗ୍ରୀ ପହଂଚାଇବା ପାଇଁ ଜ୍ଞାନ ପୋଷ୍ଟ ସେବା ଆରମ୍ଭ

କନ୍ଧମାଳ ,୦୫/୫(ନି. ପ୍ର): ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଜ୍ଞାନ ପୋଷ୍ଟ ସେବା ଘୋଷଣା କରିଛନ୍ତି, ଯାହା ସାରା ଦେଶରେ ପୋଷ୍ଟ ଅଫିସ ମାଧ୍ୟମରେ ପୁସ୍ତକ ଏବଂ ଅଧ୍ୟୟନ ସାମଗ୍ରୀ ସୁଲଭ ମୂଲ୍ୟରେ ବିତରଣ କରିପାରିବ। ଏହି ପରିପେକ୍ଷୀରେ ଫୁଲବାଣୀ ମୁଖ୍ୟ ଡାକଘର ଅଧକ୍ଷ ରାଜ କିଶୋର ମହାରଣା ଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଶ୍ରୀ ମହାରଣା କହିଛନ୍ତି ଯେ ଜ୍ଞାନ ପୋଷ୍ଟ ଏହି ବିଶ୍ୱାସ ସହିତ ସୃଷ୍ଟି କରାଯାଇଛି ଯେ ଶିକ୍ଷା ସମ୍ବଳ ଭୌଗୋଳିକ କିମ୍ବା ସୁଲଭ ମୂଲ୍ୟ ଉପରେ ନିର୍ଭର କରିବା ଉଚିତ୍ ନୁହେଁ। ସେ କହିଛନ୍ତି ଯେ ଜ୍ଞାନ ପୋଷ୍ଟ ଅଧୀନରେ ପଠାଯାଇଥିବା ପୁସ୍ତକ ଏବଂ ମୁଦ୍ରିତ ଶିକ୍ଷା ସମ୍ବଳ ଟ୍ରାକିଂ କରାଯାଇ ପାରିବ ଏବଂ ମୂଲ୍ୟ- ପ୍ରଭାବଶାଳୀ ବିତରଣ ସୁନିଶ୍ଚିତ କରିବା ପାଇଁ ପୋଷ୍ଟ ଅଫିସ ମାଧ୍ୟମରେ ପରିବହନ କରାଯିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ସେବାଗୁଡ଼ିକ ୧ ମେ ଠାରୁ କାର୍ଯ୍ୟକ୍ଷମ ହେବ। ଜ୍ଞାନ ପୋଷ୍ଟ ମାଧ୍ୟମରେ, ଇଣ୍ଡିଆ ପୋଷ୍ଟ ସାର୍ବଜନୀନ ସେବା ପ୍ରତି ଏହାର ସ୍ଥାୟୀ ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦେଶ କରେ, ଶିକ୍ଷା ବ୍ୟବଧାନକୁ ପୂରଣ କରିବାରେ ସାହାଯ୍ୟ କରେ, ଗୋଟିଏ ପରେ ଗୋଟିଏ ପୁସ୍ତକ। ଏଥି ସହିତ ଯେଉଁମାନେ ଚାକିରୀ ଆଶାୟୀ ପାର୍ଥୀ ଏବଂ ଛାତ୍ର ଛାତ୍ରୀ ମାନେ ଜ୍ଞାନ ପୋଷ୍ଟ ମାଧ୍ୟମରେ ସୁଲଭ ମୂଲ୍ୟରେ ଷ୍ଟଡି ମେଟେରିଆଲ ପାଇ ପାରିବେ। ଅନ୍ୟ ମାନଙ୍କ ମଧ୍ୟରେ ପୋଷ୍ଟାଲ ଉପ ଅଧକ୍ଷ ଲିଙ୍ଗରାଜ ପ୍ରଧାନ, ବରିଷ୍ଠ ପରିଚାଳକ ଅଭିନାଶ ପାଣି, ପୋଷ୍ଟ ମାଷ୍ଟର ଶୁଭ୍ରାଶିଷ ମଣ୍ଡଳ, ଡେପୁଟି ପୋଷ୍ଟ ମାଷ୍ଟର ପ୍ରଭାତ ଚନ୍ଦ୍ର ବେହେରା, ବିଜନେସ ଏକ୍ସକୁକେଟିଭ ଶେଷ ଦେବ ସାହୁ, ଡ଼ବଲାପମେଣ୍ଟ ଅଫିସର ସଂଗ୍ରାମ କେଶରୀ ପ୍ରଧାନଙ୍କ ସମେତ ଡାକ ଘର କର୍ମଚାରୀ ଓ ଗଣ ମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଶିମିଳିପାଳ ଅଧ୍ୟୟନ କେନ୍ଦ୍ର ଓ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସଂରକ୍ଷଣ ବିଭାଗର ଜାତୀୟ ଆଲୋଚନାଚକ୍ର

ବାରିପଦା ,୦୫/୫(ନି. ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ଶିମିଳିପାଳ ଅଧ୍ୟୟନ କେନ୍ଦ୍ର ଓ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସଂରକ୍ଷଣ ବିଭାଗର ମିଳିତ ତତ୍ତ୍ୱାବଧାନରେ ଆୟୋଜିତ ଏକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦଘାଟିତ ହେଇଯାଇଛି। 'ବିକଶିତ ଭାରତ ପରିପ୍ରେକ୍ଷୀରେ ସୁରକ୍ଷିତ ଅଞ୍ଚଳରେ ମଣିଷ-ପ୍ରକୃତି ଏବଂ ବନ୍ୟପ୍ରାଣୀ ସମ୍ପର୍କ' ଶୀର୍ଷକ ଏହି ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷାକ ଭାବେ ଯୋଗ ଦେଇ ଅଧ୍ୟକ୍ଷତା କରିଥିଲେ। ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ପରିବେଶଗତ ଗବେଷଣା ଏବଂ ସ୍ଥାୟୀ ସଂରକ୍ଷଣ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ବନ୍ୟପ୍ରାଣୀ ପିସିସିଏଫ୍ ତଥା ପୂର୍ବତନ ସଦସ୍ୟ, ଲୋକାୟୁକ୍ତ, ଭୁବନେଶ୍ୱର ଡକ୍ଟର ଦେବବ୍ରତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିକଶିତ ଭାରତର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବା ପାଇଁ ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ମାନବ ବିକାଶ ମଧ୍ୟରେ ନୀତିଗତ ସମନ୍ୱୟର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ବିଜ୍ଞାନ ଏକାଡେମୀର ସଚିବ ପ୍ରଫେସର ଆଶିଷ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଜୈବ ବିବିଧତା ସଂରକ୍ଷଣରେ ବୈଜ୍ଞାନିକଙ୍କ ଭୂମିକା ଏବଂ ନାଗରିକଙ୍କ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ (ଦକ୍ଷିଣ)ର ଉପନିର୍ଦ୍ଦେଶକ ଡକ୍ଟର ସମ୍ରାଟ ଗୌଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂରକ୍ଷିତ କ୍ଷେତ୍ର ପରିଚାଳନାର ଜଟିଳତା ଉପରେ ଆଲୋକପାତ କରିଥିଲେ। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ (ଉତ୍ତର)ର ଉପନିର୍ଦ୍ଦେଶକ ସାଇ କିରଣ ଡି. ଏନ. ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ସମ୍ପ୍ରଦାୟ-ଆଧାରିତ ସଂରକ୍ଷଣ ପଦ୍ଧତି ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ବିଶ୍ୱବିଦ୍ୟାଳୟ ଶିମିଳିପାଳ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ତଥା ଆବାହକ ପ୍ରଫେସର ହେମନ୍ତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହ-ଆବାହକ ଜୈବପ୍ରଯୁକ୍ତି ବିଭାଗର ପ୍ରଫେସର ବିଶ୍ୱଜିତ ରଥ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ରଖିଥିଲେ। ଆଲୋଚନାଚକ୍ରର କାର୍ଯ୍ୟକାରୀ ସମ୍ପାଦକ ତଥା ଶିମିଳିପାଳ ଅଧ୍ୟୟନ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ବସନ୍ତ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୁଗ୍ମ କାର୍ଯ୍ୟକାରୀ ସମ୍ପାଦକଗଣ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତା ସଂରକ୍ଷଣ ବିଭାଗର ଡ. ଶୁଭାନୀ ରଥ, ଡ. ଅଶୋକ କୁମାର ମଲ୍ଲିକ, ଡ. ରବୀନ୍ଦ୍ର କୁମାର ମିଶ୍ର, କୋଷାଧକ୍ଷ ଡ. ଦେବାଶିଷ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଆଲୋଚନାଚକ୍ରରେ ୧୩୦ ଜଣ ଗବେଷକ/ ଗବେଷିକା ଓ ବିଭିନ୍ନ ବେସରକାରୀ ସଂଗଠନର ପ୍ରତିନିଧି ଭାଗନେଉଛନ୍ତି। ଏହି ଆଲୋଚନାଚକ୍ରର ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

# ତିହିଡି ବ୍ଲକ ବରିଷ୍ଠ ନାଗରିକ ସଂଘର ବୈଠକ

ଭଦ୍ରକ,୦୫/୫(ନି. ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ବରିଷ୍ଠ ନାଗରିକ ସଂଘର ବୈଠକ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜର୍ମାନୀ ଗବେଷକ ଜୋନ ଗୁଡନାଫ କହିଥିଲେ ବରିଷ୍ଠ ମାନେ ସମାଜ ଗଠନର ମେରୁଦଣ୍ଡ। ସେମାନେ ସୁସ୍ଥ ରହିବା ପାଇଁ ହେଲେ ପ୍ରତିଦିନ ଲିଖନ ପଠନ ଓ କଥନର ତିନିଟି ଟ୍ୱାଲେଟ ଖାଇବା ଉଚିତ। ଏହାଦ୍ୱାରା ମସ୍ତିଷ୍କ. ସୁସ୍ଥ ରହେ. ଓ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ଏହା. ସହାୟକ ହୋଇଥାଏ। ଆଲୋଚକ ଭାବେ ବରିଷ୍ଠ ନାଗରିକ ସୁରେନ୍ଦ୍ର କୁମାର ନାୟକ, ଶିକ୍ଷାବିତ ଦ୍ୟାନନ୍ଦ ମଲ୍ଲିକ, ଶିକ୍ଷାବିତ ସୋମନାଥ ପାଢୀ, ସମ୍ପାଦକ ବିଭୂତି ଭୂଷଣ ସେନାପତି, ସନ୍ୟାସୀ ବ୍ରହ୍ମ, ଧନେଶ୍ୱର ବିଶ୍ୱାଳ, ଅକ୍ଷୟ. କୁମାର ବ୍ରହ୍ମ, ଜଗନ୍ନାଥ ନାୟକ, ହରିଶ୍ଚନ୍ଦ୍ର ବାରିକ, କୃତିବାସ ଜେନା, ପି. ହୃଷିକେଶ, ମଥୁରା ମୋହନ ବେହେରା, ନରହରି ନାୟକ, ରାଜନେତା ରଘୁନାଥ ପାତ୍ର, ଗୟାଧର ବଳ ପ୍ରମୁଖ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ତିହିଡି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଶତାଧିକ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଂଟନ କରି କହିଥିଲେ ଯେ, ମୋର ଗୁରୁଜନ ହେଉଛନ୍ତି ବରିଷ୍ଠ ନାଗରିକ।

# ଖୋର୍ଦ୍ଧା ପୌରାଞ୍ଚଳ ଅଧୀନ ୱାର୍ଡ ଦୁଇଟି ବହୁମୁଖି ସମ୍ମିଳନୀ ଗୃହ ଉଦ୍ଘାଟିତ

ଖୋର୍ଦ୍ଧା,୦୫/୫(ନି. ପ୍ର): ପୌର ପରିଷଦ ଅଧୀନ ୱାର୍ଡ ନମ୍ବର ୧୨ ଓ ୫ ରେ ଏକ ଗୋଟି ଲେଖାଏଁ ବହୁମୁଖି ସମ୍ମିଳନୀ ଗୃହ ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଙ୍କ ଦ୍ୱାରା ଉଦ୍ଘାଟିତ ହୋଇ ଖୋର୍ଦ୍ଧା ପୌରବାସୀଙ୍କୁ ଲୋକାର୍ପିତ କରି ଖୋର୍ଦ୍ଧାରେ ବାଳିକା ଶିକ୍ଷାର ବ୍ୟାପକ ଉନ୍ନତି ଆଣିବା ଏବଂ ଦଳମତ ନିର୍ବିଶେଷରେ ଖୋର୍ଦ୍ଧା ଏକ ଅଗ୍ରଣୀ ଜିଲ୍ଲାରେ ପରିନତକରି ସମଗ୍ର ଦେଶରେ ନାମ ଟେକ ରଖିବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ଖୋର୍ଦ୍ଧା ସର୍ଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବହୁମୁଖି ସମ୍ମିଳନୀ ଗୃହ ପୌରବାସୀଙ୍କୁ ସାହାରା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ବୋଲି କହିଛନ୍ତି। ପୌର ପରିଷଦ ଅଧକ୍ଷାଙ୍କ ପୌରହିତ୍ୟରେ ଗାନ୍ଧୀ ପଡିଆଠାରେ ଆୟୋଜିତ ସାଧାରଣ ସଭାରେ ଉପାଧକ୍ଷ,ପୌର ନିର୍ବାହୀ ଅଧିକାରୀ, କର୍ପୋରେଟର, ବୁଦ୍ଧିଜୀବୀ ଏବଂ ପୌରାଞ୍ଚଳର ବହୁ ନାଗରିକା ଯୋଗଦେଇଥିଲେ।

# ଜ୍ଞାନ ପୋଷ୍ଟ ନାମକ ଏକ ନୂତନ ଡାକ ଉତ୍ପାଦ ପ୍ରଚଳନ କରିଛି କୋରାପୁଟ ଜିଲ୍ଲା ଡାକ ବିଭାଗ

ଜୟପୁର,୦୫/୫(ନି. ପ୍ର): କୋରାପୁଟ ଜିଲାରେ ଡାକ ବିଭାଗ 'ଜ୍ଞାନ ପୋଷ୍ଟ' ନାମକ ଏକ ନୂତନ ଡାକ ଉତ୍ପାଦ ପ୍ରଚଳନ କରିଛି ଯାହା ପ୍ରେରକଙ୍କୁ ଡାକଘର ମାଧ୍ୟମରେ ରିହାତି ଦରରେ କିଛି ପୁସ୍ତକ ଏବଂ ଅଧ୍ୟୟନ ସାମଗ୍ରୀ ପୋଷ୍ଟ କରିବାକୁ ଅନୁମତି ଦିଏ। ଏହି ସୁବିଧା ୧ ମଇ ୨୦୨୫ ଠାରୁ ସମସ୍ତ ବିଭାଗୀୟ ଡାକଘରେ ଉପଲବ୍ଧ ହୋଇଛି। ଏହି ଉତ୍ପାଦ ଡାକଘରର କାଉଣ୍ଟରରେ ଖୁଚୁରା ବୁକିଂ ପାଇଁ ଉପଲବ୍ଧ। ଏହି ସେବା ଡାକ ବିଭାଗର ଶିକ୍ଷାକୁ ସମର୍ଥନ କରିବା ଏବଂ ଦେଶର ପ୍ରତ୍ୟେକ ଭାଗରେ ଶିକ୍ଷାର୍ଥୀଙ୍କ ନିକଟରେ ପହଂଚିବା ପାଇଁ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଜ୍ଞାନ ପୋଷ୍ଟ' ଅଧୀନରେ ପଠାଯାଇଥିବା ପୁସ୍ତକ ଏବଂ ଶିକ୍ଷାଗତ ସାମଗ୍ରୀଗୁଡ଼ିକୁ ଟ୍ରାକ କରାଯାଇପାରିବ ଏବଂ ମୂଲ୍ୟ-ପ୍ରଭାବଶାଳୀ ବିତରଣ ସୁନିଶ୍ଚିତ କରିବା ପାଇଁ ପାର୍ସଲ ପୋଷ୍ଟ ଭାବରେ ସ୍ଥଳଭାଗ ମାଧ୍ୟମରେ ପରିବହନ କରାଯିବ। ପ୍ୟାକେଜଗୁଡ଼ିକୁ ୩ଶହ ଗ୍ରାମ ପର୍ଯ୍ୟନ୍ତ ପ୍ରତି ପ୍ୟାକେଟ୍ ପାଇଁ କେବଳ ୨୦ ଟଙ୍କାରୁ ଆରମ୍ଭ କରି ୫ ହଜାର ଗ୍ରାମ ପର୍ଯ୍ୟନ୍ତ ପ୍ୟାକେଟ ପାଇଁ ସର୍ବାଧିକ ଶହେ ଟଙ୍କା ପର୍ଯ୍ୟନ୍ତ ପଠାଯାଇପାରିବ (ପ୍ରଯୁଜ୍ୟ ଟିକସ ଏବଂ ମୂଲ୍ୟଯୁକ୍ତ ସେବା ଶୁଳ୍କ ବ୍ୟତୀତ)। 'ଜ୍ଞାନ ପୋଷ୍ଟ' ଜିନିଷଟି କଭର ବିନା କିମ୍ବା ଏକ ଖୋଲା ଲଫାପାରେ ପୋଷ୍ଟ କରାଯିବ। ଜ୍ଞାନ ପୋଷ୍ଟ ଅଧୀନରେ ପୋଷ୍ଟ କରିବାକୁ ଥିବା ଜିନିଷଗୁଡ଼ିକ: ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଶିକ୍ଷା ବୋର୍ଡ, ବିଶ୍ୱବିଦ୍ୟାଳୟ ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଇଁ ପତ୍ରବିନିମୟ ଏବଂ ନିୟମିତ ପାଠ୍ୟକ୍ରମ ପାଇଁ ପାଠ୍ୟକ୍ରମରେ ନିର୍ଦ୍ଦିଷ୍ଟ ଜିନିଷଗୁଡ଼ିକ। ସରକାରଙ୍କ ଅଧୀନରେ ସ୍ୱାୟତ୍ତଶାସିତ ସଂସ୍ଥା ଏବଂ ସାମ୍ବିଧାନିକ ସଂସ୍ଥା। ଦେଶର ପ୍ରାସଙ୍ଗିକ ଆଇନ ଅନୁଯାୟୀ ଜାରି କିମ୍ବା ପ୍ରକାଶିତ ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ପ୍ରକୃତି ସହିତ ଜଡିତ ସାହିତ୍ୟ ଧାରଣ କରିବା। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ଆଶାୟୀମାନଙ୍କ ଦ୍ୱାରା ବ୍ୟବହୃତ ପାଠ୍ୟପୁସ୍ତକ। ପ୍ରସାରଣ ପାଇଁ ସର୍ତ୍ତାବଳୀ: ପୁସ୍ତକଗୁଡ଼ିକ ଥିବା ଏକ ପୁସ୍ତକ କିମ୍ବା ପ୍ୟାକେଟକୁ 'ଜ୍ଞାନ ପୋଷ୍ଟ' ଅଧୀନରେ ପଠାଯିବ ଯାହା ନିମ୍ନଲିଖିତ ବିଷୟ ଉପରେ ନିର୍ଭର କରେ। ଏଥିରେ ନିୟମିତ ବ୍ୟବଧାନରେ ପ୍ରକାଶିତ କୌଣସି ପ୍ରକାଶନ ରହିବ ନାହିଁ।

# ଅଗ୍ନିକାଣ୍ଡ ବିପନ୍ନକୁ ପୁଲିସର ସହାୟତା

କୋରେଇ,୦୫/୫(ନି. ପ୍ର): ପାଣିକୋଇଲି ଥାନା ଅର୍ନ୍ତଗତ ମୂଳାପାଳ ପଂଚାୟତର ବରପଦା ଗ୍ରାମରେ ଅନାମ ଖଟୁଆଙ୍କ ଘରେ ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଅନାମଙ୍କ ସ୍ତ୍ରୀ ଲକ୍ଷ୍ମୀ ଜୀବନ୍ତ ଦଗ୍ଧ ହେବା ସହ ପରଦିନ ଆକ୍ରାନ୍ତ ଅନାମର କଟକରେ ଚିକତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ନାତି ଅଶୋକ ଅର୍ଦ୍ଧଦଗ୍ଧ ଅବସ୍ଥାରେ କଟକ ବଡ ମେଡିକାଲରେ ଚିକିତ୍ସିତ ଅଛନ୍ତି। ଗୋଟିଏ ପଟେ ଘରପୋଡି ଯାଇ ବିପନ୍ନ ଥିବା ଅନାମଙ୍କ ପୁଅ ଅଭିମନ୍ୟୁ ପରିବାର ବାପ ମାଙ୍କୁ ହରାଇଥିବା ବେଳେ ପୁତ୍ର ଅଶୋକ ଏବେ କଟକ ଡାକ୍ତରଖାନାରେ ଚକିତ୍ସାଧିନ ଅଛି। ଅଗ୍ନିକାଣ୍ଡରେ ସମସ୍ତ ଆସବାସ ପତ୍ର, ଧାନ, ଚାଉଳ, ଟଙ୍କା ପୋଡି ଯାଇଥିବା ବେଳେ ଘରେ ଖାଇବାକୁ ଦାନା ମୁଠାଏ ନାହିଁ। ଏପରି ଦୟନୀୟ ପରିସ୍ଥିତିରେ ଥିବା ଅଭିମନ୍ୟୁ ପରିବାରକୁ ସହାୟତାର ହାତ ବଢାଇଛି ପାଣିକୋଇଲି ପୁଲିସ। ଥାନାଧିକାରୀ ରଂଜିତ କୁମାର ମହାନ୍ତି ଆଜି ମଧ୍ୟାନ୍ନରେ ବରପଦା ପହଂଚି ଶୋକସନ୍ତପ୍ତ ପରିବାରକୁ ଭେଟିଛନ୍ତି। ଚାଉଳ, ଚୁଡା, ଚିନି, ବିସ୍କୁଟ, ଆଳୁ ଆଦି ନେଇ ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ଚଳିବାର ବ୍ୟବସ୍ଥା କରିଛନ୍ତି। ସମିତିସଭ୍ୟ ମଧୁସୂଦନ ନନ୍ଦୀ, ପୂର୍ବତନ ସରପଂଚ ନିରଂଜନ ନାୟକ, ଗୋଲକ ମାଝୀ ସମେତ ଗ୍ରାମାବସୀମାନେ ଉପସ୍ଥିତ ରହି ପରିବାରକୁ ସମବେଦନା ଜଣାଇବା ସହ ବିପନ୍ନ ପରିବାକୁ ତୁରନ୍ତ ସରକାରୀ ସହୟତା, ବାସଗୃହ ଯୋଗାଇଦେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଇନ୍ଦିରା ଗାନ୍ଧୀ ସ୍ମୃତି ବିଜ୍ଞାନ ଓ ବୈଷୟିକ ହାୟର ସେକେଣ୍ଡାରୀ ସ୍କୁଲର ନୂତନ ଭାରପ୍ରାପ୍ତ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ

ଭଦ୍ରକ,୦୫/୫(ନି. ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ଠାରେ ଅବସ୍ଥାପିତ ଇନ୍ଦିରା ଗାନ୍ଧୀ ସ୍ମୃତି ବିଜ୍ଞାନ ଓ ବୈଷୟୀକ ହାୟର ସେକେଣ୍ଡାରୀ ସ୍କୁଲର ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ ଅଧକ୍ଷ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଗତ ୩୦ ତାରିଖ ଅପରାହ୍ନରେ ଓଡ଼ିଶା ସରକାରଙ୍କ ବିଧି ଅନୁଯାୟୀ ଭଦ୍ରକ ଜିଲ୍ଲାପାଳଙ୍କ ଚିଠି ଅନୁସାରେ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏନେଇ କଲେଜ ପରିସରରେ ଏକ ସ୍ୱାଗତ ଉତ୍ସବ ପାଳନ କରାଯାଉଛି। ଏହି ଉତ୍ସବରେ ବଶିଷ୍ଠ ଅର୍ଥନୀତି ବିଭାଗର ଅଧ୍ୟାପିକା ଅର୍ଚ୍ଚନା ମହାନ୍ତି ନୂତନ ଅଧକ୍ଷଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା କରିଥିଲେ। ଅଧ୍ୟାପକ ଚିତରଂଜନ ଦାଶ, ଦିଲ୍ଲିପ କୁମାର ମିଶ୍ର, ଭରତ ଚନ୍ଦ୍ର ବେହେରା , ନରେନ୍ଦ୍ର ସାହୁ, ଅଧ୍ୟାପିକା ମନସ୍ମିତା ସାହୁ, ଚିନ୍ମୟୀ ସେଠୀ, କମଳ ଲୋଚନ ମଳିକ, ଗୋଲକ ସେଠୀ, ଗୋପବନ୍ଧୁ ଯେନା, ଗୋଲକ ମଳିକ, ରମାମଣୀ ମାଝି, କୃପାସିନ୍ଧୁ ସାହୁ, ରଶ୍ମିତା ଯେନା, ଓ ଅନ୍ୟ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।ଆଗାମୀ ଦିନରେ କଲେଜ ରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରି ଙ୍କୁ ସାଙ୍ଗରେ ନେଇ କଲେଜ ର ଉନ୍ନତୀ ସହିତ ଉତମ ଶିକ୍ଷା ପ୍ରଦାନ ରେ ସଚେତନ ହେବେ ବୋଲି ନୂତନ ଅଧକ୍ଷ ଶ୍ରୀ ନାୟକ କହିଛନ୍ତି। ଦାୟିତ୍ୱ ନେଲା ପରେ ଶ୍ରୀ ନାୟକ କଲେଜ ପରିସର ରେ ଥିବା ପ୍ରତିଷ୍ଠାତା ଜଗନ୍ନାଥ ରାଉତ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# କାର୍ବାଇଡ୍ ଦିଆ କଦଳୀ ଭାରି କ୍ଷତିକାରକ; ୪ଟି ଉପାୟରେ ଜାଣନ୍ତୁ ଏହା ଗଛ ପାଚିଲା କି ନାହିଁ

ଆଜିକାଲି, ବଜାରରେ ଫଳର ଚାହିଦା ବୃଦ୍ଧି ହେତୁ ସେଗୁଡିକୁ ପଚେଇବା ପାଇଁ ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଛି। ବିଶେଷକରି କଦଳୀକୁ ଶୀଘ୍ର ପଚେଇବା ପାଇଁ ଫଳ ଚାଷୀମାନେ କାର୍ବାଇଡ୍ ବ୍ୟବହାର କରୁଛନ୍ତି। ଯଦି ଏହା ଆପଣଙ୍କ ପେଟକୁ ଯାଏ, ଏହା ବିଷ ପରି କାମ କରିବ। ଏହା ହେଉଛି ପର୍ବପର୍ବାଣିର ଋତୁ। ଏହି ସମୟରେ ପ୍ରତ୍ୟେକ ଘରେ ବ୍ରତ-ଉପବାସ ପାଳନ କରାଯାଏ ଏବଂ ଫଳମୂଳ ଖିଆଯାଏ। ଏହି ସମୟରେ କଦଳୀକୁ 'ସୁପରଫୁଡ୍' କୁହାଯାଏ କାରଣ ଗୋଟିଏ କଦଳୀ ଖାଇବା ଦ୍ୱାରା ଦିନସାରା ଶକ୍ତି ମିଳିଥାଏ। କିନ୍ତୁ ଏହାକୁ ନେଇ ଏକ ସମସ୍ୟା ମଧ୍ୟ ଅଛି। ଆଜିକାଲି, ବଜାରରେ ଫଳର ଚାହିଦା ବୃଦ୍ଧି ହେତୁ ସେଗୁଡିକୁ ପଚେଇବା ପାଇଁ ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଛି। ବିଶେଷକରି କଦଳୀକୁ ଶୀଘ୍ର ପଚେଇବା ପାଇଁ ଫଳ ଚାଷୀମାନେ କାର୍ବାଇଡ୍ ବ୍ୟବହାର କରୁଛନ୍ତି। ଯଦି ଏହା ଆପଣଙ୍କ ପେଟକୁ ଯାଏ, ଏହା ବିଷ ପରି କାମ କରିବ। ଏଭଳି ପରିସ୍ଥିତିରେ ବିଷାକ୍ତ କଦଳୀକୁ କିପରି ଚିହ୍ନଟ କରାଯିବ ତାହା ଜାଣିବା ଜରୁରୀ। ଏଠାରେ ଆମେ ଆପଣଙ୍କୁ କହିବୁ ବଜାରରୁ କଦଳୀ କିଣିବାବେଳେ ଆପଣ କେଉଁ ଜିନିଷକୁ ଧ୍ୟାନରେ ରଖିଲେ କାର୍ବାଇଡ୍ ଦିଆଯାଇଥିବା କଦଳୀକୁ ଚିହ୍ନି ପାରିବେ ଆଉ ସତର୍କ ରହିବେ।

ପ୍ରଥମ ଉପାୟ: ପ୍ରାକୃତିକ ଭାବରେ ପାଚିଥିବା କଦଳୀରେ କଳା କିମ୍ବା ବାଦାମୀ ଦାଗ ଦେଖାଯାଏ, ଯେତେବେଳେ କି କାର୍ବାଇଡ୍ ପରି ବିପଜ୍ଜନକ ରାସାୟନିକ ପଦାର୍ଥରେ ପଚାହୋଇଥିବା କଦଳୀ ଚୋପାରେ ଦାଗ ନଥାଏ। ଏଗୁଡ଼ିକ ଦୂରରୁ ଚକ୍ ?ଚକ୍ ଦେଖାଯାଏ। ଏହି କଦଳୀଗୁଡ଼ିକର ସ୍ୱାଦ ମଧ୍ୟ କଞ୍ଚା ପରି ଲାଗେ।

ଦ୍ୱିତୀୟ ଉପାୟ: ରାସାୟନିକ ପଦାର୍ଥରେ ପାଚିଥିବା କଦଳୀ ବହୁତ ସୁନ୍ଦର ଦେଖାଯାଏ। ସଫାସୁତୁରା ଏବଂ ଶକ୍ତିଶାଳୀ ଦେଖାଯାଉଥିବା କଦଳୀକୁ ଦବାଇବା ବେଳେ ଯଦି ପାଚିଲା ଲାଗେ, ତେବେ ଜାଣନ୍ତୁ ଯେ ଏହି କଦଳୀ ରାସାୟନିକ ପଦାର୍ଥ ଦ୍ୱାରା ପଚାଯାଇଛି। ଏଗୁଡିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ।

ତୃତୀୟ ଉପାୟ: ଏକ ବାଲ୍ଟି ନିଅନ୍ତୁ ଆଉ ସେଥିରେ ପାଣି ଭରନ୍ତୁ। ଏବେ ସେଥିରେ କଦଳୀ ପକାନ୍ତୁ। ଯଦି କଦଳୀ ସ୍ୱାଭାବିକ ଭାବରେ ପାଚିଥାଏ, ତେବେ ଏହା ବୁଡ଼ିବା ଆରମ୍ଭ କରିବ, କିନ୍ତୁ ଯଦି ଏହା ରାସାୟନିକ ଭାବରେ ପାଚିଥାଏ, ତେବେ ଏହା ଭାସିବା ଆରମ୍ଭ କରିବ। ଏହି ଉପାୟରେ ଆପଣ ସହଜରେ ଚିହ୍ନଟ କରିପାରିବେ।

ଚତୁର୍ଥ ଉପାୟ: ଯଦି କଦଳୀ ଗୋଟିଏ ଜାଗାରେ ପାଚିଛି ଆଉ ଅନ୍ୟ ଜାଗା କଞ୍ଚା ଅଛି, ତେବେ ଜାଣନ୍ତୁ, ଏହା ରାସାୟନିକ ପଦାର୍ଥ ଦ୍ୱାରା ପାଚିଛି। କଦଳୀ ପ୍ରାକୃତିକ ଭାବରେ ପାଚିଲେ ସବୁଆଡ ହଳଦିଆ ଦେଖାଯିବ। ଏହି ଉପାୟଗୁଡିକର ସାହାଯ୍ୟରେ ଆପଣ ରାସାୟନିକ କଦଳୀରୁ ଦୂରେଇ ରହି ସୁସ୍ଥ କଦଳୀ ଖାଇପାରିବେ।




# ଏହି ଦିଗକୁ ଗୋଡକରି ଶୋଉଛନ୍ତି କି... ? ପଡିବ ନକରାତ୍ମକ ପ୍ରଭାବ



ଶରୀରକୁ ରିଲାକ୍ସ ଦେବା ଓ ସୁସ୍ଥ ଜୀବନ ଜୀଇବା ପାଇଁ ଶୋଇବା ଜରୁରୀ। ପ୍ରତ୍ୟେକ ମଣିଷ ଶୋଉଥିଲେ ମଧ୍ୟ ଅନେକ ଏହାର ଠିକ୍ ଉପାୟ ଜାଣନ୍ତି ନାହିଁ। ତେବେ ଏବେ ପ୍ରଶ୍ନ ହେଉଛି ଶୋଇବାର ଉପଯୁକ୍ତ ଉପାୟ କ'ଣ ? କେଉଁ ଦିଗକୁ ଗୋଡ କରି ଶୋଇବା ଉଚିତ୍ ନୁହେଁ ଆସନ୍ତୁ ଜାଣିବା। ବାସ୍ତୁଶାସ୍ତ୍ର ଅନୁସାରେ, ଯଦି ଜଣେ ବ୍ୟକ୍ତି ନିଜ ପାଦକୁ ଭୁଲ ଦିଗରେ ରଖି ଶୋଇଥାଏ, ତେବେ ତାଙ୍କ ଶରୀରରୁ ସମସ୍ତ ଶକ୍ତି ବାହାରିଯାଏ, କାରଣ ଭୁଲ ଦିଗରେ ପାଦ ରଖି ଶୋଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡେ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ଦକ୍ଷିଣ ଆଡକୁ ପାଦ ରଖି ଶୋଇବା ଉଚିତ ନୁହେଁ। ଦକ୍ଷିଣ ଦିଗକୁ ଯମଦୂତ, ଯମ ଏବଂ ନକାରାତ୍ମକ ଶକ୍ତିର ଦିଗ ଭାବରେ ବିବେଚନା କରାଯାଏ, ତେଣୁ ଏହି ଦିଗକୁ ପାଦ ରଖି ଶୋଇବା ଉଚିତ ନୁହେଁ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ପୂର୍ବ ଦିଗକୁ ମଧ୍ୟ ଗୋଡ କରି ଶୋଇବା ଉଚିତ ନୁହେଁ। ଏହା ବ୍ୟତୀତ, ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇବା ମଧ୍ୟ ଉଚିତ ନୁହେଁ। ଏହା ଶରୀର ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ରରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତି ପୂର୍ବ କିମ୍ବା ଦକ୍ଷିଣ ଆଡକୁ ପାଦ ରଖି ଶୋଇଥାଏ ତେବେ ତାଙ୍କ ମନରେ ନକାରାତ୍ମକ ଚିନ୍ତାଧାରା ଏବଂ ଭୟାନକ ସ୍ୱପ୍ନ ଆସେ। ଏହା ବ୍ୟତୀତ ଲୋକମାନେ ନିରାଶା ଏବଂ ଭୟର ଶିକାର ହୁଅନ୍ତି। ବାସ୍ତୁବୀତଙ୍କ ମତରେ, ଜଣେ ବ୍ୟକ୍ତି ଉତ୍ତର ଦିଗକୁ ପାଦ ଦେଇ ଶୋଇବା ଦ୍ୱାରା ସୁଖ, ସମୃଦ୍ଧି, ଶାନ୍ତି, ଆର୍ଥିକ ଲାଭ ପାଇବା ସହିତ ଆୟୁ ବୃଦ୍ଧି ହୁଏ। ଏହା ବ୍ୟତୀତ ପୂର୍ବ ଆଡକୁ ମୁଣ୍ଡ କରି ଶୋଇବା ଦ୍ୱାରା ଜ୍ଞାନ ପ୍ରାପ୍ତ ହେବାରେ ସାହାଯ୍ୟ ମିଳେ।

# କୁକୁର ବି ରକ୍ତଦାନ କରନ୍ତି

ଅନ୍ୟର ଜୀବନ ବଞ୍ଚାଇବା ଲାଗି କେବଳ ମଣିଷ ରକ୍ତଦାନ କରନ୍ତି ନାହିଁ, ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁର ବି ରକ୍ତଦାନ କରି ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ । କୁକୁରଙ୍କଠାରୁସଂଗୃହୀତ ରକ୍ତ ପୋଷା କୁକୁର ଏବଂ ବିଲେଇଙ୍କର ମଧ୍ୟ ଜୀବନ ରକ୍ଷା କରିପାରେ । ଏପରିକି ବୁଲା କୁକୁରଙ୍କଠାରୁ ମଧ୍ୟ ରକ୍ତ ସଂଗ୍ରହ କରାଯାଇପାରିବ । ପଶୁ ଚିକିତ୍ସକଙ୍କ କହିବା ଅନୁସାରେ, ମଣିଷ କପରି କୁକୁରଙ୍କ ରକ୍ତରେ ମଧ୍ୟ ପ୍ଲେଟଲେଟସ, ପ୍ଲାଜମା, ଆରବିସି, ଡବ୍ଲୁବିସି ରହିଥାଏ । ଏମାନଙ୍କର ତିନିପ୍ରକାର ଗ୍ରୁପ୍, ରହିଛି-ଟି , ଓ, ଜି । ମଣିଷ ରକ୍ତ ତୁଳନାରେ କୁକୁର ରକ୍ତ ଅଧିକ ସମୟ, ଅର୍ଥାତ ୬ମାସ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରେ । କୌଣସି ରୋଗ ତଥା ଅସ୍ତ୍ରୋପଚାର ସମୟରେ କୁକୁରକୁ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ଲାବ୍ରାଡର ଜର୍ମାନ ଶେଫର୍ଡ ଏବଂ ଡୋବରମ୍ୟାନ ପରି କୁକୁର ପ୍ରାୟତଃ ଏନିମିଆ ର ଶିକାର ହୋଇଥାନ୍ତି । ତେଣୁ ଏମାନଙ୍କୁ ଅନେକ ସମୟରେ ରକ୍ତ ଦେବା ଆବଶ୍ୟକ ହୋଇଥାଏ । ବର୍ଷକରୁ ୭ବର୍ଷ ବୟସର କୌଣସି ସୁସ୍ଥ କୁକୁର ରକ୍ତଦାନ କରିପାରିବେ । ଥରକେ ଗୋଟିଏ କୁକୁର ୧ ୟୁନିଟ୍ ବା ୩୫୦ ମିଲି ରକ୍ତଦାନ କରିପାରେ । ଥରେ ରକ୍ତଦାନ କରିବାର ୪୫ଦିନ ଯାଏ କୁକୁରଠାରୁ ଆଉ ରକ୍ତ ନିଆଯାଇପାରିବ ନାହିଁ । ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ହସପିଟାଲ ଆସିଥିବା ବୁଲା କୁକୁର ଚିକତ୍ସା ପରେ ସେହିଠାରେ ରହିଯାନ୍ତି ଏବଂ ପରେ ଆବଶ୍ୟକ ସମୟରେ ସେମାନେ ରକ୍ତଦାନ କରି ବହୁ ଦାମୀ ପୋଷାକୁକୁରଙ୍କ ଜୀବନ ରକ୍ଷା କରିପାରନ୍ତି ।



## ମିଠା ପୁରି

**ଆବଶ୍ୟକ ସାମଗ୍ରୀ:** କ୍ଷୀର, ଘିଅ, ମଇଦା, ଗ୍ରାଇଣ୍ଡିଂ ହୋଇଥିବା ଚିନି, ତେଲ, ଗ୍ରାଇଣ୍ଡିଂ ହୋଇଥିବା ନଡ଼ିଆ, ଗୁଜରାତି ଗୁଣ୍ଡ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଇଦା ନିଅନ୍ତୁ। ସେଥିରେ ଚିନି ପାଉଡର, ଗ୍ରାଇଣ୍ଡି ହୋଇଥିବା ନଡ଼ିଆ,ଗୁଜରାତି ଗୁଣ୍ଡ ଏବଂ ଘିଅ ପକାଇ ଭଲ ଭାବରେ ଗୋଳାନ୍ତୁ। ପରେ ଏଥିରେ କ୍ଷୀର ପକାଇ ଭଲ ଭାବରେ ଚକଟି ଦିଅନ୍ତୁ। ଚକଟା ହୋଇଥିବା ମଇଦାକୁ କିଛି ସମୟ ପାଇଁ ଘୋଡ଼ାଇ ରଖନ୍ତୁ। ପରେ ମଇଦାକୁ ବାହାର କରି ଛୋଟ ଛୋଟ ଗୋଳା କରନ୍ତୁ ଏବଂ ପୁରି ସାଇଜରେ ବେଲନ୍ତୁ।

ଏବେ କରେଇରେ ତେଲ ଗରମ କରନ୍ତୁ। ସେଥିରେ ବେଲା ହୋଇଥିବା ପୁରିକୁ ପକାନ୍ତୁ। ପୁରି ଟିକେ ଫିକା ନାଲି ରଙ୍ଗରେ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏହା ପରେ ଏହାକୁ ଏକ ଥାଳିରେ ବାହାର କରି ରଖନ୍ତୁ। ପ୍ରସ୍ତୁତ ହୋଇଗଲା ମିଠା ପୁରି।



# ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଭୋଜନର ଆବଶ୍ୟକତା




ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ପ୍ରତ୍ୟେକ ବର୍ଗ ତଥା ବୟସର ଲୋକ ଭୋଜନ ଉପରେ ଗୁରୁତ୍ୱ ଦେବା ଜରୁରୀ । ଯେପରି ସକାଳ ଜଳଖିଆରେ ଏବେ ଲୋକେ ସ୍ୱାସ୍ଥ୍ୟପ୍ରଦ ଭୋଜନ ଭାବେ ଓଟ୍ସ ଖାଉଛନ୍ତି । ପୋଷକତତ୍ତ୍ୱ ଭରପୂର ଏଇ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକାରୀ, କିନ୍ତୁ କେବଳ ଏହା ଖାଇଲେ ଶରୀରକୁ ଶକ୍ତି ମିଳିଥାଏ, ତାହା ଭାବିବା ଭୁଲ । ଏଣୁ ଆମିଷ ଖାଉଥିବା ଲୋକେ ବ୍ରେଡ୍ ଆମଲେଟ୍, କିମ୍ବା ସିଝା ଅଣ୍ଡା ଖାଇପାରନ୍ତି । ନଚେତ୍ ଅନ୍ୟମାନେ ରୁଟି ଦୁଇପଟ ସହ ସିଝା ତରକାରି ମଧ୍ୟ ଖାଇପାରିବେ୨ । ଏହା ସହ ଆପଣ ନିଜ ପ୍ରିୟ ଚା ଓ କଫି ପିଇଲେ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼େନାହିଁ । ଅନ୍ୟପାଖେ ସକାଳର ଆରମ୍ଭ ଯଦି ଗୋଟିଏ କଦଳୀ ଖାଇ ଅବା ଫ୍ରୁଟ୍ ସାଲାଡରେ ଆରମ୍ଭ ହୁଏ, ତାହା ବି ଉତ୍ତମ । ରାତିବେଳା ଭୋଜନ ୮ଟା ମଧ୍ୟରେ କରିବା ଉଚିତ । କାରଣ ଏପରି କଲେ ଖାଦ୍ୟ ହଜମ ହେବା ପାଇଁ ପର୍ଯ୍ୟାପ୍ତ ସମୟ ମିଳିଥାଏ । ପ୍ରାଚୀନ କାଳରେ ଲୋକେ ସନ୍ଧ୍ୟା ସମୟରେ ହିଁ ରାତ୍ରିଭୋଜନ ଶେଷ କରୁଥିଲେ । ଏହା ଅନ୍ୟତମ କାରଣ ଥିଲା ସେମାନଙ୍କ ନୀରୋଗ ଓ ସୁସ୍ଥ ଜୀବନଶୈଳୀର । ରାତି ଭୋଜନରେ ଅଧିକ ତେଲମସଲା ନ ଖାଇ ହାଲକା ଭୋଜନ କରନ୍ତୁ । ଭୋଜନର ଠିକ୍ ପରେପରେ ଶୋଇ ନଯାଇ କିଛି ଚଲାବୁଲା କରିବା ଉଚିତ । ଦ୍ୱିପ୍ରହର ଭୋଜନକୁ ମଧ୍ୟ ଗୁରୁତ୍ୱ ଦିଅନ୍ତୁ । ଏଥିରେ ସାଲାଡ, ଭାତ ଡାଲି ଓ ତରକାରି ଖାଆନ୍ତୁ । ଅନ୍ୟ ସମୟରେ ଭୋକ ଲାଗିଲେ ଏଣୁତେଣୁ ନ ଖାଇ ବରଂ ବାଦାମ ଭଜା, ଚୁଡ଼ା ଭଜା ଇତ୍ୟାଦି ଜଳଖିଆ ଖାଇବା ଉଚିତ । ଏତ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏସବୁ ଭୋଜନର ନିତାନ୍ତ ଆବଶ୍ୟକତା ରହିଛି । ଦୈନିକ ନିଜ ଖାଦ୍ୟରେ ଗାଜର, ବ୍ରୋକୋଲି,ଫୁଲକୋବି, ବିନ୍ସ, ବିଟ୍ ଇତ୍ୟାଦି ସାମିଲ କରିବାକୁ ଚେଷ୍ଟା କରନ୍ତୁ । ଏସବୁ ପରିବା ସହଜରେ ହଜମ ହେବା ସହ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ଶକ୍ତି ଯୋଗାଇଥାଏ ।





# କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ

ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍ସକୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ରାଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।




# ଖାଇବା ପରେ ନିଦ ଲାଗେ କାହିଁକି ?



ବହୁତ ଲୋକ ଅଛନ୍ତି, ଯାହାଙ୍କୁ ଖାଦ୍ୟ ଖାଇସାରିଲା ପରେ ନିଦ ଆସିଥାଏ । ଏହା ଏକ ସାଧାରଣ କଥା । ଖାଦ୍ୟ ଖାଇଲା ପରେ ଶରୀରରେ ପାଚନ ପ୍ରକ୍ରିୟା ହୋଇଥାଏ, ଫଳରେ ଶରୀରରେ କିଛି କେମିକାଲ ପରିବର୍ତ୍ତନ ଦେଖାଯାଇଥାଏ । ସବୁ ସମୟ ଖାଇବା ପରେ ଯଦି ଆପଣଙ୍କୁ ନିଦ ଲାଗିଥାଏ, ତେବେ ଏହା ଏକ ଖରାପ କଥା । ଏହାଦ୍ୱାରା ଶରୀର ଉପରେ କୁପ୍ରଭାବ ପଡ଼ିଥାଏ । ଏଥିପାଇଁ ଆପଣ ବିଶେଷଜ୍ଞ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

ଆମ ପେଟ ଖାଦ୍ୟରେ ପୂର୍ଣ୍ଣ ହୋଇଥାଏ, ନିଦ ଲାଗିଥାଏ । ଏହାର କାରଣ ବହୁତ ପ୍ରକାର ଥାଏ । ଯେପରି କେଉଁ ପ୍ରକାର ଖାଦ୍ୟ ଗ୍ରହଣ କରିବା, କିପରି ଶୋଇବା, ସ୍ୱାସ୍ଥ୍ୟର ଅବସ୍ଥା ଇତ୍ୟାଦି । ଶରୀର କାର୍ଯ୍ୟକ୍ଷମ କରିବା ପାଇଁ ଶକ୍ତିର ଆବଶ୍ୟକ ଏବଂ ଶକ୍ତି ଖାଦ୍ୟରୁ ମିଳେ । ଖାଦ୍ୟ ଖାଇସାରିଲା ପରେ ପାଚନ ପ୍ରକ୍ରିୟା ସମୟରେ ଶରୀର ଖାଦ୍ୟର ପୋଷକ ତତ୍ତ୍ୱକୁ ଭାଙ୍ଗି ଏହାକୁ ଗ୍ଲୁକୋଜରେ ପରିଣତ କରାଇଥାଏ । ଏହି ଗ୍ଲୁକୋଜ ପରେ ଶକ୍ତିରେ ପରିଣତ ହୋଇଥାଏ । ଖାଦ୍ୟ ଖାଇସାରିଲା ପରେ ଶରୀରରୁ ଆମିଲିନ, ଗ୍ଲୁକାଗୋନ୍ ଏବଂ କୋଲେସିଷ୍ଟୋକେନିନ୍ ନାମକ କେତେକ ହରମୋନ୍ ନିର୍ଗତ ହୋଇଥାଏ । ଏହି ହରମୋନକୁ କୋଷ ଶକ୍ତିରେ ପରିଣତ କରାଇଥାଏ । ଏହି ସମୟରେ ମସ୍ତିଷ୍କରେ ସେରୋଟୋନିନ୍ ନିର୍ଗତ ହୋଇଥାଏ, ଯାହା ନିଦ କରାଇଥାଏ ଶରୀର ସବୁପ୍ରକାର ଖାଦ୍ୟ ପଦାର୍ଥକୁ ଏହିପରି ପାଚନ କରିଥାଏ, କିନ୍ତୁ କେତେକ ଗରିଷ୍ଠ ଖାଦ୍ୟରେ ପ୍ରୋଟିନର ପରିମାଣ ଅଧିକ ଥିବାରୁ ନିଦ ଲାଗିଥାଏ । ଯେପରି ଭାତ, ମାଂସ, ଛେନା, ଅଣ୍ଡା, ଚିଜ୍, ମାଛ, ସୋୟାବିନ୍ ଆଦି । ସେଥିପାଇଁ ଏହିପରି ଗରିଷ୍ଠ ଖାଦ୍ୟ କମ୍ ଖାଇବା ଉଚିତ୍ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ମଇ ୨୦୨୫, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଯୁଦ୍ଧ ଓ ନିର୍ବାଚନ...

ଜଣେ ନାୟକ ଦୃଷ୍ଟିରେ ଯୁଦ୍ଧ ଓ ନିର୍ବାଚନ ସମାନ ଗୁରୁତ୍ୱ ବହନ କରେ। କାରଣ ଉଭୟ କ୍ଷେତ୍ରରେ ସୁନିଶ୍ଚିତ ବିଜୟ ହାସଲ ହିଁ ତାହାର ଲକ୍ଷ୍ୟ। ହୋଇପାରେ ଏହି ଦୁଇଟି ଦିଗ ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥ ସୁରକ୍ଷା ସକାଶେ ଉଦ୍ଦିଷ୍ଟ। ଏକଥା ମଧ ଯୁକ୍ତି କରାଯାଇପାରେ କି ନାୟକତ୍ୱ ଜାହିର କରିବାର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଉଭୟ କ୍ଷେତ୍ରରେ ରହିଛି। ସେ ଯାହାହେଉ କେଉଁଟିକୁ କେଉଁ ପରିସ୍ଥିତିରେ ଅଗ୍ରାଧିକାର ଦିଆଯିବ, ତାହାର ସମୟ ନିର୍ଦ୍ଧାରଣ କରିବାରେ ଆମଠାରୁ ସେହି ନାୟକ ହିଁ ଅଧିକ ବିଚାରବନ୍ତ। ଯୁଦ୍ଧ ନିଷ୍ପତ୍ତି ଓ ଘୋଷଣା କରିବା ଦୁଇଟି ଭିନ୍ନ ଦିଗ। ଅନୁକୂଳ ସମୟ, ସୁବିଧା ଓ ସୁଯୋଗ ଦେଖି ଯୁଦ୍ଧ ଘୋଷଣା କରାଯିବା ରଣକୌଶଳର ଏକ ଅଙ୍ଗ। ସେ ଦୃଷ୍ଟିରୁ ସମୟ ନେବାକୁ ଚାହୁଁଥିବା ନାୟକ ଜନଗଣଙ୍କ ଭାବାବେଗର ଚାପରେ ଭିନ୍ନ ଏକ ପ୍ରସଙ୍ଗ ଉପସ୍ଥାପନ କରିବାର ପ୍ରାସଙ୍ଗିକତା ଉପଲବ୍ଧି କରିଥାଇପାରନ୍ତି। ଆଦର୍ଶଗତ ମତପାର୍ଥକ୍ୟ ସତ୍ତ୍ୱେ ବିକଶିତ ଭାରତର ଲକ୍ଷ୍ୟ ହାସଲ ପ୍ରତି ତାଙ୍କର ଥିବା ନିଷ୍ଠା ଓ ଆନ୍ତରିକତାର ଅନ୍ୟତମ ଅଙ୍ଗ ରୂପେ ସାମାଜିକ ନ୍ୟାୟ ପ୍ରଦାନରେ ଜାତିଭିତ୍ତିକ ଜନଗଣନାର ଥିବା ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ପଛରେ ପଡ଼ିଯିବାର ଏହା ଥିଲା ଅନ୍ୟତମ କାରଣ। ଆଗକୁ ବିରୋଧୀଙ୍କୁ ସୁଯୋଗ ନଦେବା ସକାଶେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କର ଏହି ଘୋଷଣା 'ମାଷ୍ଟର ଷ୍ଟ୍ରୋକ୍' ବୋଲି କୁହାଯାଇପାରେ। ଯୁଦ୍ଧ ସମ୍ପର୍କରେ ସରକାର କ'ଣ ନିଷ୍ପତ୍ତି ନେଲେ ତାହା ଜାଣିବା ପାଇଁ ସମଗ୍ର ଦେଶବାସୀ ଉତ୍ସୁକତାର ସହ ବୁଧବାର ଅପରାହ୍ନ ୪ଟାକୁ ଅପେକ୍ଷା କରିଥିବା ବେଳେ ମନ୍ତ୍ରିପରିଷଦର ସଦସ୍ୟ ଜାତିଭିତ୍ତିକ ଜନଗଣନା ସମ୍ପର୍କରେ ଘୋଷଣା କରିଥିଲେ। କ୍ଷମତାସୀନ ଦଳ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମଧ୍ୟରେ ଏହାକୁ ନେଇଥିବା ବିରୋଧାଭାସ ନେଇ ବିଚାରବିମର୍ଶ ଯେ ହୋଇନାହିଁ ଏକଥା ନୁହେଁ। କେରଳର ପଲକଡ଼ ବୈଠକରେ ଏଥିଲାଗି ସବୁଜ ସଂକେତ ମଧ ମିଳିଥିଲା। ରାଜନୈତିକ ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକ ତାହାକୁ ଆନୁଷ୍ଠାନିକ ଅନୁମୋଦନ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ କି ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଗତ ମାସରେ ପ୍ରଥମଥର ପାଇଁ ଆରଏସ୍‌ଏସ୍‌ର ନାଗପୁର ମୁଖ୍ୟାଳୟକୁ ଯିବା ଏବଂ ସଂଗଠନର ମୁଖ୍ୟ ମୋହନ ଭାଗବତଙ୍କ ଅଚାନକ ପ୍ରଧାନମନ୍ତ୍ରୀଙ୍କୁ ବାସଭବନରେ ଭେଟିବାର ପୃଷ୍ଠଭୂମି ଯାହା ଥାଉନା କାହିଁକି ଘଟଣାକ୍ରମେ କିନ୍ତୁ ଏହି ନିର୍ଣ୍ଣାୟକ ନିଷ୍ପତ୍ତି ନେବାରେ ସହାୟକ ହୋଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜାତି ଜନଗଣନାର ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ। ରାଜ୍ୟରେ ମହାମେଣ୍ଟ ସରକାର କ୍ଷମତାସୀନ ଥିବା ବେଳେ ଜାତି ସର୍ବେକ୍ଷଣ କରିବା ସହ ସେ ସଂକ୍ରାନ୍ତ ତଥ୍ୟ ସାଧାରଣରେ ପ୍ରକାଶ କରିଥିଲେ। ଏହି ରିପୋର୍ଟକୁ ଆଧାର କରି ସଂରକ୍ଷଣ ପରିସର ବୃଦ୍ଧି ପାଇଁ ନୀତୀଶଙ୍କ ଉଦ୍ୟମ ଅଦାଲତରେ ଅଗ୍ରାହ୍ୟ ହୋଇଗଲା ସତ, କିନ୍ତୁ ବିରୋଧୀ ରାଜନୀତି ପାଇଁ ଏହା ଏକ ମୁଖ୍ୟ ଅସ୍ତ୍ର ରୂପେ ଗତ ନିର୍ବାଚନରେ କାର୍ଯ୍ୟ କରିଥିଲା। ଅବଶ୍ୟ ନୀତୀଶ ହଠାତ୍ ମହାମେଣ୍ଟ ରାଜନୀତିରୁ ଓହରି ଆସି ବିଜେପି ନେତୃତ୍ୱରେ ଗଠିତ ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ହେଲେ। ବିହାର ଜାତିଆଣ ରାଜନୀତିର ଏହି ଅସ୍ତ୍ରକୁ ପ୍ରଧାନମନ୍ତ୍ରୀ ସେହି ରାଜ୍ୟ ବିଧାନସଭା ନିର୍ବାଚନରେ ପ୍ରୟୋଗ କରିବାକୁ ଯାଉଛନ୍ତି ବୋଲି କୁହାଯାଇପାରେ। ଯେ କୌଣସି ପ୍ରସଙ୍ଗ ନେଇ ମତୈକ୍ୟ ପ୍ରକାଶ ପାଇବା ପୂର୍ବରୁ ଶାସକ ଓ ବିରୋଧୀ ଦଳ ମଧ୍ୟରେ ବାଦ-ବିବାଦ ଓ ମତଭେଦ ରହିବା ସ୍ୱାଭାବିକ। ଆମକୁ ଏଠାରେ କହିବାକୁ ପଡୁଛି ଯେ ୨୦୨୧ରେ ହେବାକୁ ଥିବା ଜନଗଣନା କୋଭିଡ୍ ମହାମାରୀ ଦୃଷ୍ଟିରୁ ସ୍ଥଗିତ ରଖାଯାଇଥିଲା। ଏଥିମଧ୍ୟରେ ୪ବର୍ଷ ଅତିକ୍ରମ କରିଥିଲେ ମଧ ତାହା ସମ୍ପାଦିତ ହୋଇନାହିଁ। ଦୁଇମାସ ତଳେ ସରକାର ଜନଗଣନା ଓ ବର୍ଦ୍ଧିତ ଲୋକସଂଖ୍ୟା ଆଧାରରେ ନିର୍ବାଚନମଣ୍ଡଳୀ ପୁନଃନିର୍ଦ୍ଧାରଣ କରାଯିବାର ସୂଚନା ଦେଇଥିଲେ। ତାହାକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ବିବାଦର ସମାଧାନ ହେବା ପୂର୍ବରୁ ଜାତିଭିତ୍ତିକ ଜନଗଣନା ଘୋଷଣା କରି ବିରୋଧୀଙ୍କ ହାତରୁ ପ୍ରସଙ୍ଗ ଛଡ଼ାଇନେଇଛନ୍ତି। ଏଥିନେଇ ସରକାରଙ୍କୁ ଦୋଷାରୋପ କଲା ବେଳେ ମନେରଖିବାକୁ ହେବ ଯେ ବିରୋଧୀଙ୍କ ଦାବିକୁ ଏଡ଼ାଇଯାଇ ଏ ପର୍ଯ୍ୟନ୍ତ ଦେଶରେ ଜନଗଣନା କରାଯାଇ ନାହିଁ। ବରଂ ଏକଥା ଏବେ କୁହାଯାଇ ପାରିବ ଯେ ଏବର ସରକାର ଦେଶରେ ପ୍ରଥମଥର ସକାଶେ ଜାତିଭିତ୍ତିକ ଜନଗଣନା କରିବାକୁ ଯାଉଛନ୍ତି। ଏହି ଶ୍ରେୟ ତାଙ୍କଠାରୁ କେହି ଛଡ଼ାଇ ନେଇ ପାରିବେ ନାହିଁ। ମନ୍ତ୍ରି ପରିଷଦର ସଦସ୍ୟ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଲା ବେଳେ କଂଗ୍ରେସ ଶାସିତ ରାଜ୍ୟ ଓ କେନ୍ଦ୍ରରେ କ୍ଷମତାସୀନ ତତ୍କାଳୀନ ମନମୋହନ ସିଂହ ସରକାରଙ୍କ ଜାତିଜନଗଣନା ଆଭିମୁଖ୍ୟକୁ କଠୋର ସମାଲୋଚନା କରିଛନ୍ତି। ଏପରିକି ତେଲଙ୍ଗାନା ଓ କର୍ଣ୍ଣାଟକ ସରକାରଙ୍କ ଜାତିଗତ ସର୍ବେକ୍ଷଣକୁ ଅବୈଜ୍ଞାନିକ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଆକ୍ଷେପ କରିଥିଲେ। କିନ୍ତୁ ଏକଥା ମଧ ସ୍ୱୀକାର କରିବାକୁ ପଡ଼ିବ ଯେ ବିରୋଧୀଙ୍କ ପକ୍ଷରୁ ଏହା ସପକ୍ଷରେ ଯେଉଁ ଜନମତ ସୃଷ୍ଟି ହୋଇଛି, ତାହା କେନ୍ଦ୍ରରେ କ୍ଷମତାସୀନ ସରକାରଙ୍କୁ ଗ୍ରହଣ କରିବାକୁ ବାଧ କରିଛି। କାରଣ କ୍ଷମତା ରାଜନୀତିର ଏକ ଅସ୍ତ୍ର ହୋଇପଡ଼ିଛି।

# ସୋମାଲି ଜଳଦସ୍ୟୁ

### ବିଷ୍ଣୁ ପ୍ରସାଦ ଦାସ

ସୋମାଲିଆ ଦେଶ ଫେଡେରାଲ୍ ରିପବ୍ଲିକ ଅଫ୍ ସୋମାଲିଆ ନାମରେ ପରିଚିତ, ଏହାର ଅବସ୍ଥିତି ଆଫ୍ରିକା ମହାଦେଶର ପୂର୍ବରେ ଏବଂ ଏହି ଦେଶର ପଶ୍ଚିମରେ ଇଥିଓପିଆ, ଉତ୍ତର-ପଶ୍ଚିମ ଦିଗରେ ଜିବୁଟି, ଦକ୍ଷିଣ-ପଶ୍ଚିମ ଦିଗରେ କେନିଆ, ଉତ୍ତରରେ ଆଡେନ୍ ଗଲ୍ଫ ଏବଂ ପୂର୍ବରେ ଭାରତ ମହାସାଗରରେ ସୀମାବଦ୍ଧ ହୋଇ ରହିଛି । ଏହାର ରାଜଧାନୀ ମୋଗାଡିସୁ, ଦେଶର କ୍ଷେତ୍ରଫଳ ୬,୩୭,୬୫୭ ବର୍ଗ କିଲୋମିଟର ଏବଂ ଜନସଂଖ୍ୟା ପ୍ରାୟ ୧,୮୧,୪୩,୩୭୮ ଜଣ । ତେବେ ବର୍ତ୍ତମାନ ସମୟରେ ଏହି ଦେଶର ଜଳ ଦସ୍ୟୁ ମାନେ କାହିଁକି ବିଭିନ୍ନ ଦେଶର ଜଳ ପୋତ ଗୁଡିକୁ ଅପହରଣ କରି ନାବିକ ମାନଙ୍କୁ ବନ୍ଧକ ରଖି କୋଟି କୋଟି ଡଲାର ରୋଜଗାର କରୁଛନ୍ତି ? ଏହା ପଛର କାହାଣୀ କ'ଣ ହୋଇ ପାରେ ?

ସୋମାଲିଆ ଦେଶ ପାଖ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଜାହାଜ ଚଳାଚଳ କରେ ଆମେ ଯଦି ଇତିହାସ ପୃଷ୍ଠା ଓଲଟାଇବା ତେବେ ୧୯୬୦ ମସିହା ପର୍ଯ୍ୟନ୍ତ ଉତ୍ତର ସୋମାଲିଆରେ ବ୍ରିଟିଶ ଶାସନ ଚାଲୁଥିବା ସମୟରେ ଦକ୍ଷିଣ ସୋମାଲିଆ ଇଟାଲୀ ଦେଶର ଶାସନ ଚାଲୁଥିଲା । ସ୍ୱାଧୀନତା ପରେ ୧ ଜୁଲାଇ ୧୯୬୦ ମସିହାରେ ଦୁଇ ସୋମାଲିଆର ଏକତ୍ରୀକରଣ ହୋଇ ଥିଲା, କିନ୍ତୁ ୧୫ ଅକ୍ଟୋବର ୧୯୬୯ ତାରିଖ ଦିନ ସୋମାଲିଆର ରାଷ୍ଟ୍ରପତିଙ୍କୁ ତାଙ୍କ ଦେହରକ୍ଷୀ ଗୁଳି କରି ହତ୍ୟା କରିଦେଇ ଥିଲା । ଏହାପରେ ସେନା ମୁଖ୍ୟ ନିଜକୁ ଦେଶର ରାଷ୍ଟ୍ରପତି ଭାବେ ଘୋଷଣା କରି ଶାସନ ଭାର ହାତକୁ ନେଇଥିଲେ , ଜାତି, ଧର୍ମ ତଥା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଭେଦ ଭାବ ସୃଷ୍ଟି ନକରି ସେ ଦେଶକୁ ଶାସନ କରିବା ବଦଳରେ ଦେଶରେ ଅରାଜକତା ସୃଷ୍ଟି କରିବାକୁ ଖୋରାକ ଯୋଗାଇ ଦେଇଥିଲେ ଶେଷରେ ୨୭ ଜାନୁଆରୀ ୧୯୯୧ ମସିହା ଦିନ ଏହା ଚରମ ସୀମାରେ ପହଞ୍ଚି ଯାଇଥିଲା ଏବଂ ବିଦ୍ରୋହୀ ମାନେ ରାଷ୍ଟ୍ରପତିଙ୍କୁ କ୍ଷମତାଚ୍ୟୁତ କରିଥିଲେ । ସୋମାଲିଆର କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିଲା , ସେହି ସମୟରେ ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀ ମାନଙ୍କ ମଧ୍ୟରେ କ୍ଷମତାକୁ ନେଇ ଭୀଷଣ ସଂଘର୍ଷ ହୋଇଥିଲା । ଅତୀତରେ ବ୍ରିଟିଶ ଶାସନ ଅଧୀନରେ ଥିବା ସୋମାଲିଆକୁ କିଛି ବିଦ୍ରୋହୀ ଗୋଷ୍ଠୀ ନିଜ ଅକ୍ତିଆରକୁ ନେଇ ଏକ ନୂତନ ରାଷ୍ଟ୍ର ରୂପେ ଘୋଷଣା କରି ଦେଲେ, ସେହି ଦେଶର ନାମ ସୋମାଲୀ ଲ୍ୟାଣ୍ଡ ରଖି ଦେଲେ । ବିଡମ୍ବନାର ବିଷୟ ଏହିକିଯେ, ନୂତନ ସୋମାଲୀ ଲ୍ୟାଣ୍ଡକୁ ଆଜି ପର୍ଯ୍ୟନ୍ତ ପୃଥିବୀର ଅନେକ ଦେଶ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେଇ ନାହାନ୍ତି ।

ସୋମାଲିଆରେ ୧୯୯୧ ମସିହା ପରଠାରୁ ଗୃହ ଯୁଦ୍ଧ , ମହାମାରୀ, ତଥା ବିଭିନ୍ନ କାରଣରୁ ୩ ଲକ୍ଷ ୫୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇ ଯାଇଥିଲା । ସବୁଠାରୁ ବଡ଼ କଥା ହେଲା ସୋମାଲିଆ ଉପକୂଳରେ ସାମୁଦ୍ରିକ ଜୈବ ବିବିଧତା ପୂର୍ଣ୍ଣ ଅନେକ ପ୍ରଜାତିର ସାମୁଦ୍ରିକ ମତ୍ସ୍ୟ , କୋରାଲ୍ ବା ପ୍ରବାଳ ବିଭିନ୍ନ ପ୍ରକାରର ସାମୁଦ୍ରିକ ବୃକ୍ଷ ଲତା ଦେଖିବାକୁ ମିଳି ଥାଏ, ଏହା ସହିତ ପ୍ରଚୁର ପରିମାଣରେ ଟୁନା ମାଛ , ଅନେକ ପ୍ରଜାତିର ଦାମୀ ମାଛ ସୋମାଲିଆର ମତ୍ସ୍ୟଜୀବି ମାନେ ଧରି ନିଜର ଜୀବିକା ନିର୍ବାହ କରିଥାନ୍ତି । ଧୀରେ ଧୀରେ ଅନ୍ୟ ଦେଶର ମାଛ ଧରା ଟ୍ରଲର ,ଜାହାଜ ଇତ୍ୟାଦି ଆସି ସୋମାଲିଆ ଜଳ ସୀମା ମଧ୍ୟରୁ ଦାମୀ ଟୁନା ମାଛ ବେଆଇନ ଭାବେ ନେଇ ଯାଉଥିଲେ ଫଳରେ ସୋମାଲିଆର ମତ୍ସ୍ୟଜୀବି ମାନେ ଅନେକ କ୍ଷତି ସହୁ ଥିଲେ । ଏହାଠାରୁ ଆଉ ଏକ ବଡ଼ ସମସ୍ୟା ଥିଲା ଯେତେବେଳେ କେନ୍ଦ୍ରୀୟ ସରକାର କ୍ଷମତାଚ୍ୟୁତ ହେଲେ ସେତେବେଳେ ସୋମାଲିଆ କୋଷ୍ଟ ଗାର୍ଡ ମଧ ସ୍ଥାଣୁ ହୋଇଗଲା ଫଳରେ ସୋମାଲିଆର ତଟ ରକ୍ଷା ହୋଇ ପାରିଲା ନାହିଁ । ମିଳିତ ଜାତିସଂଘଙ୍କ ଆକଳନ ଅନୁଯାୟୀ ପ୍ରତିବର୍ଷ ପ୍ରାୟ ୩୦୦ ମିଲିୟନ ଡଲାର ମୂଲ୍ୟର ସାମୁଦ୍ରିକ ମତ୍ସ୍ୟ ଏହିଠାରୁ ଅନ୍ୟ ଦେଶର ଲୋକମାନେ ଲୁଟି ନେଉଥିଲେ ଫଳରେ ସୋମାଲିଆର ସାମୁଦ୍ରିକ ମତ୍ସ୍ୟ ଉପରେ ନିର୍ଭର କରୁଥିବା ବ୍ୟବସାୟୀ ମାନେ ମୁଣ୍ଡରେ ହାତ ଦେଇ ବସିଲେ ଦିନକୁ ଦିନ ସେମାନେ ଦରିଦ୍ର ହେବାକୁ ଲାଗିଲେ ତାହା ଛଡା ବିଦେଶୀ ଟ୍ରଲର/ଜାହାଜ ସମୁଦ୍ର ତଳୁ ଏପରି ଭାବେ ଜାଲ ଟାଣି ନେଉ ଥିଲେ ଯାହା ଦ୍ୱାରା ସମୁଦ୍ର ବକ୍ଷରେ ଥିବା ପ୍ରବାଳ ଏବଂ ଅନ୍ୟ ସାମୁଦ୍ରିକ ବୃକ୍ଷ ଲତା ନଷ୍ଟ ହୋଇ ଯାଉଥିଲା ପ୍ରକୃତିର ସୌନ୍ଦର୍ଯ୍ୟ ତଥା ସନ୍ତୁଳନକୁ ସେମାନେ ଖୀନ୍ ଭିନ୍ କରି ଦେଉଥିଲେ । ସୋମାଲିଆର ମତ୍ସ୍ୟ ଜୀବିଙ୍କ ପାଖରେ ଆଧୁନିକ ହାତ ହତିଆର ନ'ଥିଲା ଫଳରେ ସେମାନେ ବିଦେଶୀ ଜାହାଜକୁ ବିରୋଧ କରି ପାରୁ ନଥିଲେ।

୧୯୯୧ ପରଠାରୁ ୟୁରୋପ ମହାଦେଶରୁ ବାହାରୁଥିବା ବିଷାକ୍ତ ଶିଳ୍ପ ବର୍ଜ୍ୟବସ୍ତୁ , ମେଡିକାଲ ବର୍ଜ୍ୟବସ୍ତୁ ଗୁଡିକୁ ଜାହାଜ ଯୋଗେ ଆଣି ସୋମାଲିଆ ନିକଟବର୍ତ୍ତୀ ସମୁଦ୍ର ମଧ୍ୟରେ ନିକ୍ଷେପ କରାଗଲା ଏହାର କାରଣ ନିୟମାନୁଯାୟୀ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଏହାକୁ ଭୂମିଗତ କରିବାକୁ ୟୁରୋପ ମହାଦେଶରେ ଟନ ପିଛା ୨୫୦ ଡଲାର ବା ୨୧ ହଜାର ୫୦୦ ଟଙ୍କା ଖର୍ଚ୍ଚ ଲାଗିଥାଏ ସେହି ତୁଳନାରେ ସୋମାଲିଆ ସମୁଦ୍ରରେ ନିକ୍ଷେପ କରିବାକୁ ପ୍ରତି ଟନ ପିଛା ୨.୫ ଡଲାର ବା ଆମ ଟଙ୍କାରେ ପ୍ରାୟ ୨୩୦ ଟଙ୍କା ଖର୍ଚ୍ଚ ହେଉଥିବା ସମୟରେ ସେମାନେ ଖୁବ୍ ଲାଭବାନ୍ ହେଉଥିଲେ କିନ୍ତୁ ଅନ୍ୟପକ୍ଷରେ ଦେଖିବାକୁ ଗଲେ ସୋମାଲିଆ ଉପକୂଳର ପରିବେଶ ଦିନକୁ ଦିନ ଦୂଷିତ ହେବାକୁ ଆରମ୍ଭ କଲା, ପ୍ରଦୂଷଣ ବଢି ଚାଲିଲା, ମାଛ ମାନଙ୍କ ବଂଶ ବୃଦ୍ଧି ହେଲା ନାହିଁ , କୋରାଲ ବା ପ୍ରବାଳ ଲୋପ ପାଇବା ସହିତ ସମୁଦ୍ର ଜଳ ବିଷାକ୍ତ ହେବାକୁ ଆରମ୍ଭ ହେଲା । ଯେଉଁମାନେ ବର୍ଜ୍ୟବସ୍ତୁ ଆଣି ସମୁଦ୍ରରେ ପକାଉଥିଲେ ସେମାନେ ସୋମାଲିଆର କିଛି ଗୁଣ୍ଡା ଶ୍ରେଣୀୟ , ବିଦ୍ରୋହୀଙ୍କୁ ଧରି ଏହି କାର୍ଯ୍ୟ କରି ଯାଉଥିଲେ ପ୍ରତିବଦଳରେ ସେମାନେ ଆଧୁନିକ ଅସ୍ତ୍ର ଶସ୍ତ୍ର, ବନ୍ଧୁକ, ମିସାଇଲ୍, ଆଧୁନିକ କ୍ଷିପ୍ର ବେଗ ଗାମୀ ଯାନ୍ତ୍ରିକ ବୋଟ୍ ଇତ୍ୟାଦି ନେଉଥିଲେ । ଏହାର କାରଣ ଥିଲା ଯେ ସେମାନେ ଅତ୍ୟାଧୁନିକ ଅସ୍ତ୍ର ଶସ୍ତ୍ର, ବୋଟ୍ ଦ୍ୱାରା ବିଦେଶୀ ମାଛ ଧରା ବୋଟ୍ /ଜାହାଜ ମାନଙ୍କୁ ନିଜ ସାମୁଦ୍ରିକ ସୀମାରୁ ବହିଷ୍କାର କରିବା ତଥା ନିଜ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା । ବର୍ଜ୍ୟବସ୍ତୁ ଦିନକୁ ଦିନ ବଢିବାକୁ ଲାଗିଲା ଏଥିରେ ଇଟାଲୀ ଦେଶର କିଛି ମାଫିଆ ଥିଲେ ସେମାନେ ବର୍ଜ୍ୟବସ୍ତୁ ସୋମାଲିଆର ସମୁଦ୍ରରେ ନିକ୍ଷେପ କରି ଫେରିବା ସମୟରେ ଟୁନା ମାଛ ନେଇ ୟୁରୋପ ଯାଉଥିଲେ ଏବଂ ମାଛ ବିକ୍ରି କରି ଲାଲେ ଲାଲ୍ ହେଉଥିଲେ ।

୨୦୦୪ ମସିହା, ଭାରତ ମହାସାଗରରେ ଏକ ବିରାଟ ସୁନାମି ଆସିଥିଲା ତା'ର ପ୍ରଭାବରେ ସୋମାଲିଆ ସମୁଦ୍ର ମଧ୍ୟରେ ପଡିଥିବା ବର୍ଜ୍ୟବସ୍ତୁ ସବୁ ସୋମାଲିଆର ଉପକୂଳ ରେ ଆସି ଜମା ହୋଇଗଲା , ଫଳରେ ସବୁ ବିଷାକ୍ତ ଜିନିଷ ମନୁଷ୍ୟର ଖାଦ୍ୟ ପେୟ, ଜଳ ବାୟୁରେ ମିଶିଗଲା ଲୋକମାନେ ଭୀଷଣ ମହାମାରୀ, କ୍ୟାନ୍ସର ଜାତୀୟ ରୋଗରେ ଆକ୍ରାନ୍ତ ହେଲେ , ସୋମାଲିଆ ଦରିଦ୍ରରୁ ଦରିଦ୍ର ହୋଇଗଲା । କିଛି ଉପାୟ ନ' ପାଇ ସେମାନେ କିଛି ଗୋଷ୍ଠୀ କରି ନିଜକୁ କୋଷ୍ଟଗାର୍ଡ ରୂପେ ନାମିତ କରି ବିଦେଶୀ ଜାହାଜ ଗୁଡିକୁ ମାଛ ମାରିବାରୁ ନିବୃତ କରି ପାରିଲେ , କିଛି ଗୋଷ୍ଠୀ ସୋମାଲିଆ ସମୁଦ୍ରରେ ଯାଉଥିବା ବିଭିନ୍ନ ଦେଶର ପଣ୍ୟ ବାହୀ ଜାହାଜ ଗୁଡିକୁ ନିଜ ଅକ୍ତିଆରକୁ ନେଇ ଲୁଟ୍ ପାଟ୍ ସହିତ ପଣବନ୍ଦୀ କରି ରଖିଲେ ଏବଂ ଜାହାଜ ମାଲିକ ତଥା ସେହି ଦେଶର ସରକାରଙ୍କ ଠାରୁ କୋଟି କୋଟି ଆମେରିକୀୟ ଡଲାର ଅସୁଲ କରୁଥିଲେ । ପଣ୍ୟବାହୀ ଜାହାଜର ସର୍ବୋଚ୍ଚ ଗତି ୫୦/୬୦ କିଲୋମିଟର ଘଣ୍ଟା ପ୍ରତି ଥିବା ସମୟରେ ସୋମାଲୀ ଜଳଦସ୍ୟୁ ମାନଙ୍କ ପାଖରେ ଥିବା ହାଇ ସ୍ପିଡ଼ ବୋଟ୍ ଏବଂ ଅତ୍ୟାଧୁନିକ ମାରଣାସ୍ତ୍ର ପାଖରେ ପଣ୍ୟବାହୀ ଜାହାଜ ମାନେ ହାତ ଟେକି ଦେଉଥିଲେ । ଧୀରେ ଧୀରେ ଏହି ପ୍ରକ୍ରିୟା ବଢି ଚାଲିଲା ଶେଷରେ ଏହାକୁ ରୋକ ଲଗାଇବାକୁ ଅନେକ ଦେଶର ନୌବାହିନୀ ଅଣ୍ଟା ଭିଡ଼ିଲେ, ପ୍ରତି ଜାହାଜରେ ଅତ୍ୟାଧୁନିକ ଅସ୍ତ୍ର ଶସ୍ତ୍ର ସହିତ କମାଣ୍ଡୋ ନିଯୁକ୍ତି ହେଲେ । ୨୦୦୫ ମସିହାରୁ ୨୦୧୨ ପର୍ଯ୍ୟନ୍ତ ଜଳ ଦସ୍ୟୁଙ୍କ ଦେଶ ବୋଲାଉଥିବା ସୋମାଲିଆ ଉପରେ ରୋକ୍ ଲାଗିବା ଆରମ୍ଭ ହେଲା କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ ହୋଇ ପାରିଲା ନାହିଁ । ଭାରତୀୟ କୋଷ୍ଟଗାର୍ଡ /ନୌବାହିନୀ ମଧ ଭାରତ ମହାସାଗରରେ ସୋମାଲୀ ଜଳଦସ୍ୟୁଙ୍କୁ ଉଚିତ୍ ଜବାବ ଦେବାକୁ ଜାଗ୍ରତ ଅଛି ।

ତେବେ କଥା ଉଠୁଛି ସୋମାଲିଆ ଦେଶ ବାସିଙ୍କୁ ଏପରି ଘୃଣ୍ୟ କାର୍ଯ୍ୟ ପାଇଁ କିଏ ସହଯୋଗ କରିଲା ? ଏଥିପାଇଁ କିଏ ଦାୟୀ ? ତେବେ ଏହାର ଉତ୍ତର କିଛି ମାତ୍ରାରେ ଦେଶର ଅରାଜକତା , ଶାସନ କର୍ତ୍ତାଙ୍କ ଅଯୋଗ୍ୟ ପଣିଆ , ଜାତିଭେଦ , ଦରିଦ୍ରତା, ଧର୍ମ ଭେଦଭାବ , ଶିକ୍ଷାର ଅଭାବ, କର୍ମଯୋଗାଣରେ ଅନିୟମିତତା ଦାୟୀ ରହିବା ସମୟରେ ୟୁରୋପୀୟ ଦେଶ ମାନେ ଜାଣିଶୁଣି ସୋମାଲିଆ ସମୁଦ୍ର ଜଳ ଦୂଷିତ କରିବା ଅନ୍ୟାୟ ଭାବେ ମାଛ ମାରି ଲୁଟିନେବା, ଅତ୍ୟାଧୁନିକ ମାରଣାସ୍ତ୍ର , ବୋଟ୍ ଇତ୍ୟାଦି ଯୋଗାଇବା ପ୍ରତ୍ୟକ୍ଷ ହେଉ ବା ପରୋକ୍ଷରେ ହେଉ ସେମାନଙ୍କୁ ଜଳ ଦସ୍ୟୁ କରିବାକୁ ପ୍ରୋତ୍ସାହନ ଦେଇଛନ୍ତି । କଥାରେ ଅଛି ' ମରତା କ୍ୟା ନେହିଁ କରତା ' ଯିଏ ଦରିଦ୍ରତାର ଶେଷ ସୀମାରେ ପହଞ୍ଚି ଯାଇଛି, ଖାଇବାକୁ ନାହିଁ, ପିନ୍ଧିବାକୁ ନାହିଁ, ରହିବାକୁ ନାହିଁ ସେ ନିଶ୍ଚିତ ଭାବେ ବଞ୍ଚିବାକୁ ସଂଗ୍ରାମ କରିବ ସେତେବେଳେ ସେ ନିୟମ, କାନୁନ୍, ଧର୍ମ କିଛି ମାନିବ ନାହିଁ । ତେଣୁ ପୃଥିବୀର ସ୍ୱାର୍ଥପର ଦେଶ ମାନେ ଯେଉଁଭଳି ଭାବେ ଅନ୍ୟ ନିରୀହ , ଗରିବ ଦେଶ ମାନଙ୍କ ଉପରେ ଅତ୍ୟାଚାର, ଅନୀତି କରୁଛନ୍ତି ସେମାନେ ସେହି କାର୍ଯ୍ୟରୁ ନିବୃତ ହୋଇ ସମସ୍ତଙ୍କୁ ସୁଖରେ ଶାନ୍ତିରେ ସହାବସ୍ଥାନ କରିବାର ସୁଯୋଗ ଦେବାକୁ ଅନୁରୋଧ, ଯଦିଓ ଏହି ଅନୁରୋଧ କୁ ନିଜ ସ୍ୱାର୍ଥ ପାଇଁ କେହି ଗ୍ରହଣ କରିବେ ନାହିଁ । ଅପରାଧୀ କେବେବି ମା ' ପେଟରୁ ଅପରାଧୀ ହୋଇ ନ'ଥାଏ ତାକୁ ପରିସ୍ଥିତି ଅପରାଧୀ କରି ଦେଇ ଥାଏ , କେବଳ ସୋମାଲିଆ ନୁହେଁ ଅନେକ ଆଫ୍ରିକୀୟ ଦେଶ ଏବଂ ତାର ନାଗରିକ ମାନେ ଆଜି ଅନେକ ଦୁଃଖ ଯନ୍ତଣାର ଶିକାର ହୋଇ କର୍ମକୁ ଆଦରି ପଶୁ ତୁଲ୍ୟ ବଞ୍ଚିଛନ୍ତି ଏବଂ ସେହି ଦେଶର ଭୂମିଗତ ଖଣିଜ ସମ୍ପଦ , ତୈଳ ଅନେକ ଉନ୍ନତ ଦେଶ ଜୋର ଜବରଦସ୍ତ ନେଇ ଯାଉଛନ୍ତି, ସବୁ ଦେଖି ସବୁ ଜାଣି ମିଳିତ ଜାତିସଙ୍ଘ ନିରବ ତାଙ୍କୁ କେହି ମାନନ୍ତି ନାହିଁ ଏହା କେବଳ ଧଳା ହାତୀ ପୋଷା ଯାଉଥିବା ସଙ୍ଘ ବୋଲି କିଛି ଗୁଣି ଜ୍ଞାନୀ ବିବେଚନା କରନ୍ତି । ଜୋର୍ ଯାହାର ମୁଲକ୍ ତାହାର ନୀତି ସର୍ବତ୍ର ଦୃଷ୍ଟି ଗୋଚର ହୁଏ । ତେବେ ପୃଥିବୀ ପୃଷ୍ଠରେ ସବୁ ଦେଶ ମଧ୍ୟରେ ସମାନତା କେବେ ଆସିବ ? ଏହା କେବଳ ସମୟ କହିବ ବା ଏକ ଭୟଙ୍କର ପ୍ରଳୟ କହିବ ଓ ଜୟ ହିନ୍ଦ୍ ।


ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


# ତାଜମହଲ

### ଡକ୍ଟର ଲକ୍ଷ୍ମଣ ସାହୁ

ଏକାକୀ କୋଠରୀର କାନ୍ଥରେ ତାଜମହଲ ଚିତ୍ରକୁ ଦେଖି ରାକେଶ ବସିଥିଲେ । ତାଙ୍କର ମନେ ପଡ଼ିଲା ଯେତେବେଳେ ଅନାମିକା ତା'ଙ୍କୁ ଥରେ ଅତି ସ୍ନେହପୂର୍ଣ୍ଣ ଶ୍ରଦ୍ଧାରେ କହିଥିଲେ, 'ଚାଲ ତାଜମହଲ ବୁଲିଯିବା । ଆଜି ପର୍ଯ୍ୟନ୍ତ ମୁଁ ତୁମ ସହିତ କୌଣସି ସ୍ଥାନକୁ ଯାଇପାରି ନାହିଁ ।

ପତ୍ନୀଙ୍କ କଥା ଶୁଣି ସେ ହସି ହସି ଧୀରେ କହିଲେ, ଆଚ୍ଛା ପ୍ରେମର ସ୍ମାରକୀ ତାଜମହଲ । ତମେ ବୋଧହୁଏ ମୋତେ ଏତେ ପ୍ରେମ କରୁଛ ଜଣାପଡିଗଲା । ମୁଁ ତୁମର ସେହି ଇଚ୍ଛାକୁ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ପୂରଣ କରିଦେବି । ଅନାମିକା କେତେ ଖୁସି ହେଲେ ଜାଣା ନାହିଁ । ତଥାପି ତାଙ୍କର ଖୁସି ସ୍ପଷ୍ଟ ବାରି ହୋଇ ଯାଉଥିଲା ।

ପରଦିନ ସନ୍ଧ୍ୟାରେ ସେ ଏକ ଉପହାର ଆଣିଦେଲେ । ଏହା ଦେଖି ଅନାମିକା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ଏହା କ'ଣ ? 'ଆରେ, ଅନ୍ତତଃ ପକ୍ଷେ ଏଥିରୁ କାଗଜ ଖୋଲି ଦେଖ । ଅତ୍ୟନ୍ତ ଆଗ୍ରହ ସହକାରେ ସେ କାଗଜ ଖୋଲିଲେ, ' ବନ୍ଧେଇ ହୋଇ ଥିବା ତାଜମହଲର ଚିତ୍ର । 'ତୁମେ କହିଲ ଯେ ମୁଁ ତାଜମହଲକୁ ଦେଖି ନାହିଁ । ବର୍ତ୍ତମାନ ଏହି ଚିତ୍ରକୁ କାନ୍ଥରେ ଟାଙ୍ଗି ଦିଅ ଓ ଯେତେବେଳେ ତୁମେ ଏହାକୁ ପସନ୍ଦ କରିଛ ତାହାକୁ ମନ ଭରି ଦେଖିନେଉଥିବ । ଏବେ ଆଉ କୁହ ନାହିଁ ଯେ ମୁଁ ତୁମକୁ ତାଜମହଲ କେବେ ବୁଲେଇ ଦେଖାଇ ନାହିଁ ।

ଏହା କହି ସେ ହସିଲେ । ଅନାମିକା ଏବିଷୟରେ କେତେ ରାଗିଗଲେ କହିହେବ ନାହିଁ । 'ମୁଁ ତୁମକୁ ତାଜମହଲ କିଣିବାକୁ କହି ନାହିଁ । ବୁଲେଇ ନେବାକୁ କହିଛି ? ବେଳେବେଳେ ମୁଁ କିଛି କହିଥାଏ । ତୁମେ କିଛି ନା କିଛି ବାହାନା କରି ହସାଇବ । ଯେମିତି ମୋ ନାଆଁ ଦେବାରେ ତମେ ଓସ୍ତାଦ.. ଅନାମିକା ।

'ତୁମେ କାହିଁକି ରାଗିଛ ? ଆଜିକାଲି ଅଫିସରେ କେତେ କାମ ଅଛି ଜାଣିନାହଁ ।

ଆଚ୍ଛା ତାହେଲେ ତମେ କେବେଠାରୁ ସମୟ ପାଇବ ?

ଭବିଷ୍ୟତରେ ପିଲାମାନଙ୍କର ଶିକ୍ଷାର ମୂଲ୍ୟ ବୃଦ୍ଧି ହେବାକୁ ଯାଉଛି । ତେଣୁ ଆମକୁ ଟିକିଏ ଅଧିକ ପରିଶ୍ରମ କରିବାକୁ ପଡ଼ିବ ।

'ଏହା ଶୁଣି ଶୁଣି ଏତେ ବର୍ଷ ବିତିଗଲା ।'

ଏହାତ କିଛି ଦିନର କଥା । ଦେଖ ତୁମ ପୁଅ ବବି ଚାକିରି ପାଇଯିବ । ସେ ତୁମର ସମସ୍ତ ଇଚ୍ଛା କିପରି ପୂରଣ କରିବ, ଏବେ ଠାରୁ ଗୋଟିଏ ଲମ୍ବା ତାଲିକା କରି ରଖ ?

'ହଁ ହଁ ବାପାତ ତା'ର ସମସ୍ତ ଇଚ୍ଛା ପୂରଣ କଲେ । ଏବେ କେବଳ ପୁଅ ପାଇଁ ଟିକିଏ ଚିନ୍ତା ଅଛି ।

' ଆରେ, ତୁମେ ବ୍ୟକ୍ତିଗତ ଭାବେ କାହିଁକି ଅଭିଯୋଗ କରୁଛ ?' ରୋଷେଇ ଘରୁ ଆସୁଥିବା ବେଳେ ଅନାମିକା କହିଛନ୍ତି । 'ମୋର ସେପରି କିଛି ମନେ ପଡିଗଲା ।'

'ତୁମେ କାହିଁକି ସ୍ୱିଟର ପିନ୍ଧିଲ ନାହିଁ ? ତୁମେ ଜାଣିଛ ବାହାରେ କେତେ ଥଣ୍ଡା, ତମକୁ ଶୀଘ୍ର ଥଣ୍ଡା ଧରିବ ?

ଏହା ତୁମ ପାଇଁ କହି ସେ ଆଲମାରୀରୁ ରାକେଶଙ୍କ ପାଇଁ ସ୍ୱିଟର ବାହାର କରିବାକୁ ଲାଗିଲେ । ପ୍ରତ୍ୟେକଟି ସ୍ୱିଟର ଅନେକ ବର୍ଷ ପୁରୁଣା । ପ୍ରତ୍ୟେକ ଥର ସେ ଏହାକୁ ସାଇତି ଦେଇ କହିଥିଲେ, 'ବର୍ତ୍ତମାନ ପିଲାମାନଙ୍କ ପାଇଁ ଖର୍ଚ୍ଚର ଆବଶ୍ୟକ ରହିଛି । ଗୋଟିଏ ମଧ୍ୟବିତ୍ତ ପରିବାର ଜଣକ ମୁଣ୍ଡରେ ସବୁ ଦାୟିତ୍ୱ । ରାକେଶ ଥଣ୍ଡା ନିଶ୍ୱାସ ନେଇଗଲେ । ଜଞ୍ଜାଳରୁ ମୁକ୍ତି କାହିଁ..

ରୋଷେଇ ଘରେ ଚା' ତିଆରି କରୁଥିବାବେଳେ ଅନାମିକା ପୁରୁଣା ସ୍ମୃତି ସମୂହକୁ କ୍ରମାଗତ ଭାବରେ ଚାରଣକରି ହନ୍ତସନ୍ତ ହେଉଥିଲେ । ବବି ଯେତେବେଳେ ଇଂଜିନିୟର ପୋଷ୍ଟିଂ ପାଇଗଲା ସେତେବେଳେ ସେ କେତେ ଖୁସି ହୋଇ ନଥିଲେ । ଝିଅ ମଧ କଲେଜରେ ଅଧ୍ୟାପିକା ହୋଇଥିଲା । ଯେତେବେଳେ ଝିଅ କଲେଜରେ ତାଙ୍କ ସହ କାମ କରୁଥିବା ପ୍ରଫେସରଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କଲା । ସେତେବେଳେ ଦୁହେଁ ତାଙ୍କ ଇଚ୍ଛାକୁ ସମ୍ମାନ କଲେ ଓ ସେମାନଙ୍କୁ ବହୁତ ଚାକଚମକରେ ବିବାହ ଦେଲେ । ଇଂଜିନିୟର ବବି ତା' ସହକର୍ମୀଙ୍କ ଝିଅକୁ ମଧ ଇଚ୍ଛାନୁସାରେ ବିବାହ କରିଥିଲା । ବୋହୂ ମଧ ଏକ କମ୍ପାନୀରେ ମ୍ୟାନେଜର ଥିଲେ ।

ସବୁକିଛି ଠିକ୍ ଚାଲିଥିଲା । ହଠାତ୍ ଦିନେ ବବି କହିଥିଲେ, 'ବାପା ରାଜଶ୍ରୀ ଏକ ଆମେରିକୀୟ କମ୍ପାନୀଠାରୁ ବହୁତ ଭଲ ଅଫର ପାଇଛନ୍ତି ।'

' କିନ୍ତୁ ବୋହୂ ମଧ ଏଠାରେ କାମ କରୁଛନ୍ତି !'

'ଠିକ୍ ଅଛି, ବାପା । କିନ୍ତୁ ଆପଣ ଜାଣନ୍ତି ଆମେରିକାରେ ଚାକିରି ପାଇବାକୁ ଲୋକମାନେ କେତେ ସ୍ୱପ୍ନ ଦେଖନ୍ତି । ଅଥଚ ସେ ନିଜ ଚେଷ୍ଟାରେ ଏ ଅଫର ପାଇଛନ୍ତି । ତୁମେ ଖୁସି ଓ ଗର୍ବ କରିବା କଥା ।

'ବୋହୂ କ'ଣ ଏକୁଟିଆ ଯିବେ ?'

' ଓଃ ନା ବାପା, ତାଙ୍କ ସହ ମୁଁ ମଧ ଯିବି । ମୁଁ ତା'ଙ୍କୁ ଏକାକୀ କିପରି ଛାଡ଼ିବି ? '

ଆଉ ଆମ ବିଷୟରେ କ'ଣ !'

ପାଟି ଖନି ହୋଇଗଲା ।

'ହଁ ବାପା, ମୁଁ ତୁମ ଦୁହିଁଙ୍କୁ ମଧ ସାଙ୍ଗରେ ନେଇଯିବି । କିନ୍ତୁ ଆମେ ସେଠାରେ ସେଟ୍ ହୋଇଗଲା ପରେ । ଏବେ ବୋଉ ଓ ତୁମେ ଏକୁଟିଆ ରହିବ। ଦିଦି ତୁମ ପାଖକୁ ଆସିବ । ଆପଣ ଜାଣନ୍ତି ନାହିଁ ? ତୁମେ ବୁଝିପାରୁଛ କି ନାହିଁ କେଜାଣି ? '

'ହଁ ପୁଅ, ଆମେ ବୁଝିଗଲୁ । କିନ୍ତୁ କିଛି ସମୟ ପରେ ।' ଆଖିରେ ଲୁହ ଲୁଚାଇ ଅନାମିକା କହିଲେ ।

ପରେ ଝିଅ ଖବର ପାଇ ଫୋନ୍ ରେ ବହୁତ ଜୋର ଦେଇଥିଲା । ସେମାନଙ୍କୁ ସାଙ୍ଗରେ ନେବାକୁ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ପବିତ୍ର ଚନ୍ଦନ ଯାତ...

### ରାମଚନ୍ଦ୍ର ବେହେରା

ପୂଣ୍ୟ ବୈଶାଖର ନୀତି ମଧ୍ୟେ ସାର
ପବିତ୍ର ଚନ୍ଦନ ଯାତ
ଚନ୍ଦନ ପ୍ରଲେପି ମଦନମୋହନ
ଦୂରାନ୍ତି ଗ୍ରୀଷ୍ମ ତପତ
ନରେନ୍ଦ୍ର ପୋଖରୀ ଯାଇଁ
ଆଡମ୍ବର ସହ ଚାପ ଖେଳିଥାନ୍ତି
ସହର୍ଷେ ଶ୍ରୀକ୍ଷେତ୍ର ସାଇଁ।
ଅକ୍ଷି ତୃତୀୟାରୁ ଆରମ୍ଭ ହୁଅଇ
ଚାଲେ ବୟାଳିଶ ଦିନ
ଜୈଷ୍ଠ ମାସ ଶୁକ୍ଳ ଚତୁର୍ଦ୍ଦଶୀ ଦିନ
ହୋଇଥାଏ ଏହା ପୂର୍ଣ୍ଣ
ହୁଏ ଭକ୍ତ ସମାଗମ
ଶଂଖ ହୁଳହୁଳି କାହାଳୀ ଶବଦେ
ହସିଉଠେ ପୁରୀଧାମ।
ଭକ୍ତଂକ ଗହଣେ ଭବ୍ୟ ପଟୁଆର
ଦିଶେ ବଡ ଶୋଭାବନ
ସାଥିରେ ଯାଆନ୍ତି ଭୂଦେବୀ ଶ୍ରୀଦେବୀ
ଭ୍ରାତା କୃଷ୍ଣ ବଳରାମ
ପୁଣି ପଂଚ ମହାଦେବ
ଘଣ୍ଟ ଘଣ୍ଟି ତାଳେ ନାମ ସଂକୀର୍ତ୍ତନ
ଭରିଦିଏ ଭକ୍ତି ଭାବ।
ମାନବୀୟ ଲୀଳା କରନ୍ତି ସାଆନ୍ତ
ପୁଷ୍ପରେ ସଜେଇ ହୋଇ
ବାହାର ଚନ୍ଦନ ଭିତର ଚନ୍ଦନ
ଚାଲେ ପ୍ରଥା ଅନୁଯାୟୀ
ଧନ୍ୟ ତାଂକ ଯାତ୍ରା ନୀତି
ଚନ୍ଦନ ଯାତକୁ ଯେ'କରେ ଦର୍ଶନ
ମିଳିଥାଏ ମୋକ୍ଷପ୍ରାପ୍ତି।


ତେନ୍ତୁଳିପଦା,ଜଗତସିଂହପୁର
ମୋ: ୭୩୫୫୬୩୪୩୪୬


## ସବୁ କରିପାର ତୁମେ

### ନିରଞ୍ଜନ ସାହୁ

ତୁମେ ଲେଖିପାର ଲିଭାଇ ବି ପାର
ତୁମେ ପୁଣି ଭାଙ୍ଗିପାର
ମୁଁ ତାହା କରେନା ଅଶାନ୍ତି ଭରେନା
କରେ ସର୍ବ ଉପକାର ।

କାହିଁକି କେଜାଣି ତୁମରି ମନରେ
ରହଇ ଖରାପ ଭାବ
ତୁମେ ଜାଣିଥିବ ତୁମେ ବୁଝିଥିବ
ତହିଁରୁ ମିଳେ କି ଲାଭ
ଅତି ସହଜରେ ଡେଇଁଯାଅ ତୁମେ
ଲକ୍ଷ୍ମଣର ତିନିଗାର ।

ବାହାରକୁ ତୁମେ ବହୁତ ସୁନ୍ଦର
ଭିତରଟା ହଳାହଳ
ସବୁକିଛି ତୁମେ କରିଦେଇପାର
ଖଟାଇକି କଉଶଳ
ନିମିଷେ ପ୍ରଳୟ କରିପାର ତୁମେ
ମାରିଦେଲେ ଆଖିଠାର ।

ତୁମ ପରି ମୁହିଁ ହୋଇପାରେ ନାହିଁ
ସେହି ଚିନ୍ତାଧାରା ନାହିଁ
କାହାର ଅନିଷ୍ଟ କରିବିନି ଜମା
ଖରାପ ଦୃଷ୍ଟିରେ ଚାହିଁ
ଧରମ କରିବା କରମ କରିବା
ଏହା ଅଟେ କଥା ସାର ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


## ଅଦୃଶ୍ୟ ଘୁଙ୍ଗୁର

### ଡ.ଶୁଭେନ୍ଦୁ ମେହେର

ନିର୍ଜନ ଅନ୍ଧାର ଭିତରୁ.....!
ତଲ୍ଲୀନ ଘୁଙ୍ଗୁରର ତାଳେତାଳେ
ମୃଦୁ ଗମ୍ଭୀର ଶବ୍ଦରେ,
କାମନାର ଶୁଭ୍ର ଆଲିଙ୍ଗନ ତୋଳି
ନିଇତି ଆସେ...!

ଶତ ପୁଷ୍ପର ଗନ୍ଧେ
ପ୍ରୀତି ମାଧୁରୀର ଛନ୍ଦେ,
ନିନାଦିତ ଛମ୍ ଛମ୍ ମନ୍ତ୍ର
ଆଉ ପାପପୁଣ୍ୟର ହିସାବ ଭିତରେ
ମୂର୍ତ୍ତିମତୀ ବିଭୋର କରେ !
ଚୋରେଇ ନିଏ,
ମୋ' ଜୀବନର ଅବଶିଷ୍ଟ
ନିଦ୍ରିତ ସପନ ।
ବଦଳରେ ଦେଇଯାଏ
ଶୂନ୍ୟ ଲଲାଟରେ ମୋର
ଅଜସ୍ର ଚୁମ୍ବନ।

ମେଘତୃଷ୍ଣାର ନୀଳ ଅମ୍ବର ତଳେ
ସବୁଜ ଶୃଙ୍ଗାର ପ୍ରଶସ୍ତ ଛାତିରେ
ମୋ' ତୃଷ୍ଣାନଦୀର ପ୍ରତିବିମ୍ବ ।
କେଉଁ ପଦ୍ମତୋଳାର ଡାକରେ
ସେ' ହସାଏ ମଜାଏ ରସାଏ
ଫୁଟାଇ ଦିଏ ଇଚ୍ଛାର କଦମ୍ବ ।।

ଛନ୍ଦ ତାଳ ଲୟର ଷୋଡ଼ଶ ମୁଦ୍ରାରେ
ତନ୍ମୟୀ ଜ୍ୟୋତ୍ସ୍ନାର ମୃଦୁ ଛୁଆଁ
ଆତ୍ମାମାତ୍ମା ହୁଏ,
ମୋ' ବିଶ୍ୱାସର ସଶକ୍ତ ପ୍ରାଚୀର ।
ସେ' ପ୍ରୀତିଲଗ୍ନା ହେଉ କି
ମେଘମଗ୍ନା....!
ସେ' ପୂର୍ଣ୍ଣଯୌବନା ହେଉ କି
ନବନବିନା..!
ଯାହା ପାଇଁ ମୁହିଁ ଅସ୍ଥିର ବାରମ୍ବାର ।

ପ୍ରାପ୍ତିର ସକଳ ପ୍ରୟାସ ଭିତରେ
କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ
ବିଲୀନ ହୁଏ ମୁଁ
ତା' ଅଦୃଶ୍ୟ ସତ୍ତାରେ ।
ଭୋଗ ଅଭୋଗର ଦୋଛକି ମଝିରେ
ନୀରବ ନୈସର୍ଗିକ ଚେତନା ଭିତରେ ।

ଅନେକ ଖୋଜେ,
ପାଏନି କିନ୍ତୁ.....!
ଯଦି କେବେ ପାଇଯାଏ ତାକୁ
ସେ' ଘୁଙ୍ଗୁର ପିନ୍ଧା ପାଦରେ
ରଙ୍ଗେଇ ଦେବି ରକ୍ତର ଅଳତା ।
ଗଭାରେ ତା' ଖୋସିଦେବି
କୁରେଇର ପେନ୍ଥା ।

ଏଠି ନିରୋଳାରେ,
କୂଳ ଖାଉଛି ଇଚ୍ଛାନଦୀ !
କାମନାର ପରିପାଟୀରେ ଭିଜୁଛି
ନୃତ୍ୟନଟୀର ଦେହ।
ବାରମ୍ବାର ବିଭୋର କରୁଛି
ଅନୁଭୂତିର ଅଭିମନ୍ତ୍ରିତ କୋହ ।

ମୋର ଏକଲା ଓ ଅଭାବୀ ପଣ
ଭିତରେ
ଶୂନ୍ୟ କଳସୀରେ
ସଦ୍ୟ ସତେଜ ଅଶ୍ରୁଗଙ୍ଗା,
ଆଞ୍ଜୁଳାଏ ଆତ୍ମୀୟତା
ଆଉ ପାପୁଲିଏ ନୀରବତା ।
ଆସ,
ତୁମେ ହିଁ ତ ଦୀପ୍ତରୂପା,
ଦେବୀ ଆଉ କଣ ଦେବି !
ଯନ୍ତ୍ରଣାର ଜରାଜୀର୍ଣ୍ଣ ହୃଦ ସହରରୁ
କେବଳ କରିବି ତୁମ ନୀରବ ପ୍ରତୀକ୍ଷା।


+ଯାଲୋଏ, ସୁବର୍ଣ୍ଣପୁର

# କବିତାମାଳା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୬ ମଇ ୨୦୨୫, ମଙ୍ଗଳବାର

## ଭାବୁଥିଲି ଯାହା ହେଲାନାହିଁ ତାହା

### ନୀଳମଣି ଚାନ୍ଦ



ଭାବୁଥିଲି ଯାହା ହେଲା ନାହିଁ ତାହା
ମୋ ଜୀବନ ଯାନ ଗତି
ଗତି କରୁଥିଲା ଭିନ୍ନ ପଥ ଦେଇ
ହୋଇ ସେ ଚଞ୍ଚଳମତି ।

ନିର୍ଦ୍ଦେଶକୁ ମୋ'ର ହତାଦର କରି
ମାନିଲା ବିଧିର କଥା
ସବୁ ଦେଖି ହୋଇଗଲି ମୂକ ପକ୍ଷୀ
ନୋଇଁ ଯାଉଥିଲା ମଥା
ଯେମିତି ଏ ଗଛ ଲାଗୁଥିଲା ଅଛ
ସତେ ଅମାନିଆ ଅତି ।

ଏଇତ ଜୀବନ ଅଳପ ସପନ
ଥିଲା ବେଶି ବାସ୍ତବତା
କାହାଣୀର ସମ ମୋଡ ନେଉଥିଲା
ଜୀବନ ଯାତ୍ରାର କଥା
ବଦଳିଛି ରୁଚି ମୁଁ ଯାଉଛି ଲୁଚି
ଭୟ ଲାଗେ ତା'ର ପ୍ରତି ।

+ ୨୭, ମନ୍ତ୍ର ମାନୋର,
ଗୋଠପାଟଣା, ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭

## ଅନୁଭବ ଏକ ଦର୍ପଣ

### ନିହାରିକା ପ୍ରଧାନ

ଅନୁଭବ ଆସେ କେତେଭଙ୍ଗୀରେ
କେବେ ସେ ଦୃଷ୍ଟିରେ ତ
କେବେ ବାଣୀରେ
ପୁଣି କେବେ ଓଷ୍ଠରେ ତ
କେବେ ପୁଣି ଆସେ ଆଖିରେ ।
ନିମିଷକେ ବାଣୀଦ୍ୱାରା
ଭରିଦିଏ ମିଠା ସ୍ୱାଦ
ଦୃଷ୍ଟିର ଚାହାଣୀରେ
ଅପରୂପ ଆନନ୍ଦ
ଓଠରେ ଉଙ୍କିମାରେ ମିଠାଭାଷ
ଆଉ ଆଖିର ବଙ୍କିମ
ଚାହାଣିରେ ବିଶ୍ୱାସ
କେବେ ଆଣେ
ନୀରବତାର ନମ୍ରତାତ
କେବେ ଆଣେ
ନୈରାଶ୍ୟର ବିନମ୍ରତା
କେବେ ଆଣେ
ଦୟା କରୁଣାତ
ଆଉ ପୁଣି କେବେ
ଆଣେ ସାହସିକତା
କେବେ ପୁଣି
ପ୍ରତିଫଳିତ କରାଏ
ଦିବ୍ୟସତ୍ତାର ପଦ୍ମ ମେଞ୍ଚାଏ
ଆଉ କେବେ ପୁଣି
ଦିଗଦର୍ଶନ ଦିଏ
ପରମାତ୍ମାଙ୍କ ସାନିଧ୍ୟର
ମୋତିପାଖୁଡାଏ
ସତରେ ଏତ ଜୀବନ ଦର୍ପଣ
ଅନୁଭବର ଏକ ନୂତନ ପ୍ରକମ୍ପନ
ଆହାକି ମଧୁମୟ ଆସ୍ଫାଳନ
ଅନୁଭବ ଏକ ଦର୍ପଣ
ଅନୁଭବ ଏକ ଦର୍ପଣ ।

+ ଶିକ୍ଷୟିତ୍ରୀ, ଜୟପୁର
ମୋ: ୭୯୭୮୮୩୨୫୪୫

## ପହଲଗାଁଓ

### ରତ୍ନକାନ୍ତି ମିଶ୍ର



ଜହ୍ଲାଦ ନିଶାଣେ ବେଦମ୍ ବ୍ୟଥିତ ପହଲଗାଁଓର ଆତ୍ମା
ଖୁସି କୋଳାହଳ ହୋଇଛି ସ୍ତବ୍ଧ ରକ୍ତରେ ସେ ଅଭିଷିକ୍ତା ।।

ଲୁଣ୍ଠିତ ଆଜି ସେ ମାଟି ମର୍ଯ୍ୟାଦା ସ୍ୱୀୟ ସ୍ୱାଭିମାନ ଧର୍ମ
ବିଦ୍ୱେଷୀ ଧର୍ମାନ୍ଧ ଉଲ୍ଲସିତ ଆଜି ରଚି ନିଷ୍କରୁଣ କର୍ମ,
ଧିକ ତାଙ୍କ ଚିନ୍ତା ଅସହିଷ୍ଣୁତାକୁ ଲହୁ ଲୁହେ ଯାହା ଧୌତ
ହେ ଈଶ୍ୱର ! ତୁମେ କୁହ ସତ କି'ବା ପବିତ୍ର ଏ ରକ୍ତପାତ ।।


ଗୋଟିଏ ହାତରେ ଶାସ୍ତ୍ର ତାଙ୍କର ଆରେକ ହାତରେ ଶସ୍ତ୍ର
ବାୟୋନେଟର ମୁନରେ ଅଙ୍କିତ ରକ୍ତ ରଙ୍ଗା ଝୋଟି ଚିତ୍ର,
କୁତ୍ସିତ ଚିନ୍ତାର ଆଭିମୁଖ୍ୟ ନେଇ ପ୍ରକଟ ସନ୍ତ୍ରାସବାଦ
ଭୂସ୍ୱର୍ଗ କାଶ୍ମୀର ଭୟେ ଜଡସଡ ହରାଇଛି ତା'ର ଛନ୍ଦ ।।

ସେବେ ଥିଲା ଯାହା ଏଯାବତ୍ ତାହା ରକ୍ତ ଲୋଲୁପଙ୍କ ଦୃଷ୍ଟି
ପ୍ରହେଳିକା ଲାଗେ 'ବସୁଧୈବ' ବାଣୀ.. ସନ୍ତ୍ରାସବାଦକୁ ତୁଷ୍ଟି,
ସମୟ ଆସିଛି ଭୁଲି ସହିଷ୍ଣୁତା ଧର୍ମ ନିରପେକ୍ଷ ଦୀକ୍ଷା
ପାଷାଣ୍ଡଙ୍କୁ ଏବେ ତାଙ୍କରି ଭାଷାରେ ଦିଅ ଉପଯୁକ୍ତ ଶିକ୍ଷା ।।

+ ଆଳି, କେନ୍ଦ୍ରାପଡା
ମୋ: ୮୨୪୯୭୯୯୯୬୧

## ଅପରାଜେୟ ନୁହେଁ ଖରା

### ଡ. ଦୀପକ କୁମାର ମିଶ୍ର



ହଂସା ଉଡିଯାଉଥିବା ଖରାରେ ସିଝୁଥିବା
ଭଙ୍ଗା ଖପରା ତଳେ ମଧ୍ୟ
ବଞ୍ଚି ରହିପାରେ
ପ୍ରାୟ ଦେଢ଼ଇଞ୍ଚ ଦୈର୍ଘ୍ୟ, ପ୍ରସ୍ଥ ପରିମାପର
ପାଣିଚିଆ ଛାଇଟିଏ,
କେବଳ କିଛି ଘାସ, ଘାସଫୁଲ ପାଇଁ ।

ବିଚକ୍ଷଣ ସର୍ବଗ୍ରାସି ଖରାକୁ
ଆହ୍ୱାନଦେବା କଉ କମ କଥା ଯେ,
ଏଇ ଯେମିତି
କଳା ମଚମଚ ମୁଗୁନି ପଥରବସା ଦେହର
ମିଞ୍ଜି ମିଞ୍ଜି ଆଖିରେ
ଚାଷୀଟିଏ ପାପୁଲିଏ ଛାଇ ବୋଲି
ଖୁବ୍ ଗମାତ କରେ
ଖରା ଆଚ୍ଛାଦିତ ସାରା ଆକାଶକୁ ।

କହିବା ବାହୁଲ୍ୟ
ତୁମ ନରମ ଛାତିର ଛାଇ ତଳେ
କାଟି ଦେଇଛି ପରା କେତେ କର୍କଶ ଖରାର
ତୀବ୍ର ତୂର୍ଯ୍ୟନାଦ
ଅବଶ୍ୟ ସେ ଭିନ୍ନ କଥା ଯେ
ତୁମ ବିଣ୍ଡି ବସିଯାଇଥିବା ସ୍ମୃତିରେ
ସେ ସବୁ କେବଳ ଏବେ
ଅପ୍ରକାଶିତ ବିଷୟବସ୍ତୁର ମୃତ ସଂସ୍କରଣ ।

ଏଇ ଦେଖ
ମୋ କବିତାରେ ଛାଇ ତଳେ
କେମିତି ଚାପି ହୋଇ ତ୍ରାହି ତ୍ରାହି ଡାକନ୍ତି
ଅପରାହ୍ନ ଖଇଫୁଟା ଖରାର
ଅବୋଲକରା ଯେତେକ ସୈନିକ ।

+ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଦର୍ପଣ

### ଗଜାନନ ମିଶ୍ର

ଡିଆଁଡେଇଁରେ ବ୍ୟସ୍ତ ଅନ୍ଧାର
ଝରକା ସେପଟେ
ପ୍ରତିବନ୍ଧ ଏଇଠି ସେଇଠି
ବ୍ୟାପିଲାବେଳେ ଆସ୍ତେ ଆସ୍ତେ ।

ସ୍ୱୀକୃତି ନ ଦେଲାଯାଏ
ପଶେ ନି ଜମାରୁ ମୋ ଘରେ ।
ମତେ ପାରେ ନି ଛୁଇଁ ମୋ କ୍ଷତି
ସାଧାରଣ ଇଚ୍ଛା ଏଡେଇବା ପୂର୍ବରୁ ।

କରେ ନା ଯାହାକୁ ଖାତିର୍
ଆସି ପଢାଏ ପାଠ ମତେ
ଆଉ ମୋଠୁ ଶୁଣେ ସୁଧା
ଠିଆ ଠିଆ ଦେଖେଇ ହେଉ ହେଉ ।

ନ ଥାଏ କିଛି ଲାଜ ସରମ
ମନର ଭାବନା ମଲାବେଳେ ମନରେ ।
ଶୁଭେ କାନ୍ଥ ଘଣ୍ଟାର ନିଶ୍ୱାସ ପ୍ରଶ୍ୱାସ
ପ୍ରଖର ଭାବେ ଆହୁରି ।

ହେବାକୁ ପଡେ ଅସ୍ତବ୍ୟସ୍ତ ନିଦରେ,
ଧରେଁ ଛାଡେଁ ଦର୍ପଣ ବାରମ୍ବାର
ବୁଝା ଅବୁଝା ଶବ୍ଦସବୁ
ଲଇଁଲାବେଳେ ସାପ ବିଷରେ ।

+ ତପୋବନ, ଟିଟିଲାଗଡ-୭୬୭୦୩୩

## ଶ୍ରମିକ

### ପ୍ରିୟନାଥ ପାଣି



ହଁ ତୁ ସର୍ବହରା
ଜାତି ଗୋତ୍ର କିଏ ତୋର ବୁଝେ
ନିଃସ୍ୱ ହୋଇ ବିଶ୍ୱ ଗଢୁ
ମୃତ୍ୟୁ ତୋର ଜପାମାଳି ପରା ।

କଷଣର ଡହଡହ ତାତି
ସବୁଠି ମୂଲେଇ ହେଉ
ଧୋକାବାଜି ଜୀବନରୁ
ଖୋଜୁ ଟିକେ ଶାନ୍ତି ।

ହାତଠାରି ଡାକୁଛି ଦାଦନ
ପଛକରି ରୋଗିଣୀ ଭାରିଯା
ପୋଷ ପୋଷ ରକ୍ତ ଦେଇ
ଅଭାବୀ ସୁଡ଼ଙ୍ଗେ ପଶୁ
ଲୁଚିରହୁ ହୋଇ ଗଣ୍ଡିଧନ ।

ଚାପାଣିଆ ଲୁଣି ଝାଳ ତଳେ
ଲହୁ ଲୁହେ ଆଶାଦୀପ ଜଳେ
ତର୍ପଣେ ଜୀବନ ବାଢି
ଝୁଲିପଡୁ ଦୟାହୀନ
ଶୋଷକର ଡାଳେ ।

କୋଣାର୍କ କି କୁତ୍ତବମୀନାର
ନଭଶ୍ଚୁମ୍ଭୀ ମନ୍ଦିର ପ୍ରାଚୀର
ସବୁଠି ତ ଅଲିଭା ସ୍ୱାକ୍ଷର
ସବୁଠି ତୋ ଜୟ ଜୟକାର ।

ପେଟପିଠି ଏକାକାର
ସମ୍ଭାଳୁ ଶ୍ରୀବତ୍ସ ପରି
ଗୋଇଠା ପ୍ରହାର
ଅନ୍ନ ପାଇଁ ବିକଳ ଚିତ୍କାର
ହାହାକାର ମନ୍ତ୍ର ପଢି
କି ଟେକ ଯେ, ରଖୁ କହ
ଶ୍ରମିକ କୂଳର ।

+ କଦଳିଆ, ବୈଶିଙ୍ଗା,ମୟୂରଭଞ୍ଜ
ମୋ- ୯୯୩୭୧୨୫୧୫୧

## କାପୁରୁଷ ମରେ ହଜାରେ ଥର

### ଜୟଶ୍ରୀ ପଟ୍ଟନାୟକ



କାପୁରୁଷ ମରେ ହଜାରେ ଥର
ଲୁଚି ଲୁଚି ଆସି ହତ୍ୟା କରିବାରେ
କି ବାହାଦୂରୀ ନେଲ
ଗୁଳିମୁନ ଆଉ ବୀରତାକୁ ତୁମେ
ଅପରାଧେ ସଜାଇଲ ।
କି ଦୋଷ କରିଲେ ନିରୀହ ଜନତା
କାହିଁକି ପାଷାଣ ହେଲ
ଧରା ପଡ଼ିଯିବ ବୋଲି ଭୟରେ
ଛଦ୍ମବେଶେ ହତ୍ୟା କଲ ।

କାହା ସଂସାର ଉଜାଡି ତୁମେ
କେଉଁ ସୁଖ ପାଉଅଛ
ଅଧର୍ମ କରି କେଉଁ ବୀର ପଣେ
ଇତିହାସ ଲେଖୁଅଛ
ଧର୍ମ ପଚାରି କରୁଛ ହତ୍ୟା
ଏ କି ବିଚାର ତୁମର
ଭାଇଚାରା ଭାବ ରଖୁଛ କହିକି
ଉଜାଡୁଛ ପରିବାର ।

ଶେଷ ରକ୍ତ ଯାଏଁ କହୁଥିବୁ ସଦା
ମା ମାଟି ସବୁ ଆମର
ସତ ଥିଲେ ଧର୍ମ ନିଶ୍ଚେ ପରଖିବ
ତୁମ ଫଳ କୁକର୍ମର
କାପୁରୁଷ ମରେ ହଜାରେ ଥର
ବୀର ମରେ ସାମ୍ନା ଯୁଦ୍ଧରେ
ଲଢ଼ି ପାରିବନି ଧର୍ମ ଯୁଦ୍ଧ ବୋଲି
ହତ୍ୟା କର ନିରୀହରେ ।
ଶୁଭିଲାନି କା'ର ଆର୍ତ୍ତ ଚିତ୍କାର
କେମିତି ହୃଦୟ ତୁମ
ଭାବନା, ବିବେକ ହଜିଗଲା ବୋଲି
ପାଲଟିଲ କ୍ରୁର ଯମ ।
ଜାତି ଧର୍ମ ତୁମ ଆତଙ୍କୀ ଗଣର
ନ ଥାଏ କେଉଁଠି ଦେଖା
ମାରିବା, କାଟିବା ହାଣିବାର କଥା
ଥାଏ କାପୁରୁଷେ ଲେଖା ।

+ ଗଙ୍ଗନଗର ଛକ, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

## ପଖାଳ...

### ରତିକାନ୍ତ ଜେନା

ଓଡ଼ିଆଙ୍କ ଅତି ପ୍ରିୟ ପଖାଳ
ସଞ୍ଜ ହେଉ ଅବା ହେଉ ସକାଳ
କଞ୍ଚା ଲଙ୍କା ସଙ୍ଗେ ଆମ୍ବୁଲ ଝୋଳ
ବେଳାଏ ଖାଇଲେ ଦେହରେ ବଳ
ଓଡ଼ିଆଙ୍କ ଅତି ପ୍ରିୟ ପଖାଳ....

ଯେମିତି ମେଣ୍ଟାଏ ଶୋଷକୁ ଜଳ
ଆତ୍ମା ତୃପ୍ତି କରେ ବାସି ପଖାଳ
ଆଳୁ ଚକଟାରେ ପିଆଜ ଫାଳ
କଲରା ଭଜାକୁ ଗୋଟି ପୋଟଳ.
ଓଡ଼ିଆଙ୍କ ଅତି ପ୍ରିୟ ପଖାଳ....

ଖରାରେ ଉଡ଼ିଲେ ଚାଷୀର ହଂସା
ମନ ଖୋଜୁଥାଏ ପଖାଳ କଂସା
ଚାଷ କାମ କରେ ଖୁସିରେ ଚଷା
ପଖାଳ ଖାଇକି ମୁରୁକି ହସା.
ଓଡ଼ିଆଙ୍କ ପ୍ରିୟ ପଖାଳ କଂସା...


ରସୁଣ ଦଳାକୁ ସଜନା ଶାଗ
କଞ୍ଚା ଲଙ୍କା ଟିକେ ବଢାଏ ରାଗ
ବାଇଗଣ ପୋଡା ସୁନ୍ଦର ବାସ୍ନା
ଚକଡି ଖାଇଲେ ମେଣ୍ଟାଏ ତୃଷ୍ଣା
ଓଡ଼ିଆଙ୍କ ପ୍ରିୟ ପଖାଳ କଂସା....

ଖରା ଦିନେ ସବୁ ଓଡ଼ିଆ ଘରେ
ଖାଆନ୍ତି ପଖାଳ ଅତି ମଜାରେ
ଭୃସଙ୍ଗ ପତ୍ରକୁ ଦହିର ଛୁଙ୍କ
ପିଲାଠାରୁ ବୁଢା ସଭିଏଁ ରଙ୍କ

ମନ ଥଣ୍ଡା ଆଉ ପେଟ ବି ଥଣ୍ଡା
ଖାଇବୁ ଯଦି ତୁ ପଖାଳ ଗଣ୍ଡା
ପଖାଳ ସାଥିରେ ଲେମ୍ବୁକୁ ଲଙ୍କା
ଚାଷ କରେ ଚାଷୀ ହୁଏନି ଥକା..

+ ବିଲବଲରାମପୁର, କେନ୍ଦ୍ରାପଡ଼ା,
ମୋ:୭୦୭୭୨୮୬୫୮୦

ଓଡ଼ିଆ କାବ୍ୟର ତପୋଭୂମିରେ ପଦ୍ମଭୂଷଣ ରମାକାନ୍ତ ରଥଙ୍କ 'ଶ୍ରୀରାଧା'... ବିରହର ମାର୍ମିକ ମର୍ମର ସୃଷ୍ଟି କରିଥିବା ଏକ ଚିର ଅମ୍ଳାନ ସଫଳ ସାରସ୍ୱତ ପ୍ରୟାସ ...ଯାହା ପାଠକର ହୃଦୟକୁ ଆଚ୍ଛନ୍ନ କରିରଖେ, ମନକୁ ଶ୍ରୀରାଧାମୟ କରିଦିଏ, ପ୍ରେମକୁ ତ୍ୟାଗଝରା ନିର୍ଝରଟିଏ କରି ବୁହାଇଆଣେ ଉଷର ଛାତିକୁ, ବୁନ୍ଦା ବୁନ୍ଦା ବିରହର ଅମୃତରସରେ ସିଞ୍ଚିତ କରିବାକୁ... ତାଙ୍କରି ଅମ୍ଳାନ ସ୍ମୃତିରେ ସମର୍ପଣ କରୁଚି, ତାଙ୍କରି ଧାରାର ଏ- 'ଶ୍ରୀରାଧାଙ୍କ ବିରହ ସ୍ୱର' ...



## ଶ୍ରୀରାଧାଙ୍କ ବିରହ ସ୍ୱର (୬)

### ଲକ୍ଷ୍ମୀଧର ନାୟକ ଆଦିସ୍ୟ



ହେ କୃଷ୍ଣ !
ଆକାଶ ଆଡ଼କୁ ଚାହିଁଲେ ହେ ପ୍ରିୟ
ନୀଳ ବିସ୍ତୃତିକୁ ଦେଖି
ତୁମ ରୂପ କାନ୍ତି ସ୍ମରଣରେ ନେତ୍ର-
ତା' ଦେହେ ଯାଉଚି ଲାଖି ।
ଚପଳା ଚପଳ ଛନ୍ଦ...
ତୁମ ପୀତବାସ ଜଡ଼ାଏ ମୋ ଦେହେ
ତୁମେ ହସ ମନ୍ଦ ମନ୍ଦ !
କୋଇଲିର କୁହୁ କୁହୁ...
ପଞ୍ଚମ ସେ ତାନ ତୁମ ବଂଶୀ ସ୍ୱନ
କେତେ ଯେ ମଧୁର ମହୁ !୨୧!

ମୟୁର ମୟୂରୀ ନୟନ ମିଳନ
ଆମ ମିଳନର ଧାରା
ସେହି ପାଇଁ ତୁମ ମୁକୁଟରେ ଶୋଭା
ମୟୁର ଚନ୍ଦ୍ରିକା ପରା !
ମୟୁରୀ ମୁଁ ପୁଚ୍ଛହରା...
ତୁମ ଚନ୍ଦ୍ରିକାରେ ସାଜୁଥିଲି ଦିନେ
ସେ ଶୃଙ୍ଗାର ଅପାଶୋରା !
କୃପା-ଜଳ ଧରି ଆସ...
ବିରହ ଜ୍ୱାଳାରେ ଜଳେ ମନ-ବନ
ସିଂଚି ସିଂଚି ପୀଡ଼ା ନାଶ..(୨୨).

ଜନ ମନହାରୀ ସ୍ୱରୂପ ଲୀଳାର
ମୁଁ ସଦା ସହଯାତ୍ରିଣୀ
ସୂର୍ଯ୍ୟ ଚାରି ଆଡ଼ କିରଣ ପରାଏ
ମୁଁ ତୁମ ଗୁଣ ବର୍ଦ୍ଧିନୀ
ତୁମ ବିନୁ ମୁଁ ଯେ ଛାର...
ନିର୍ଲିପ୍ତ ମୁଁ, ଲିପ୍ତ- ରହନ୍ତି କିପରି
ରଜୋଗୁଣ ଦୂର କର ।
ପାର ଯଦି ସୂର୍ଯ୍ୟ ହୁଅ...
ସାତ କିରଣରେ ଶୋଷିନିଅ ମୋତେ
ତୁମ ଦେହେ ଶାନ୍ତି ଦିଅ ।(୨୩)


କାମ କ୍ରୋଧ ଲୋଭ ମୋହ ଅହଂକାର
ତୁମକୁ ଛୁଇଁନି କେବେ
ମାୟାରେ ମୋହରେ ବୁଡ଼ିଚନ୍ତି ଯିଏ
ସେ କି ତୁମ ପାଶେ ଯିବେ ?
ମାୟା ପାଇଁକି ମୋ ଜନ୍ମ...
ବାସନା ବିଳାସେ ମୋ ଜୀବନ ଗଢ଼ା
ପ୍ରକୃତି ମୁଁ ସୃଷ୍ଟି ଧର୍ମ ।
ପ୍ରାଣ ପ୍ରିୟ କୃଷ୍ଣ ମୋର..!
ଶ୍ରେଷ୍ଠାଚାରୀ ଥିଲି ଅଶିଷ୍ଟ ଆଚାରେ
ତୁମ ବିନୁ ମନ ମୋର..(୨୪)..

(ଆର ଥରକୁ)

+ ସାହିତ୍ୟ ସାରାକାଳ,
ବ୍ରହ୍ମ ଆଳୟ ନିତ୍ୟ ନିଳୟ, ଦେଉଳସାହି,
ଓଳାଭର, କେନ୍ଦ୍ରାପଡା-୭୫୪୨୨୭
(ମୋ) ୬୩୭୧୩୮୯୮୭୧

## ମୁଁ କାହିଁକି ସ୍ୱପ୍ନ ଦେଖେ !

### ଡାଃ ମନୋରଞ୍ଜନ ଦାଶ



ସ୍ୱପ୍ନ ହିଁ ବାଟ ଚଲାଏ ମୋତେ
ସ୍ୱପ୍ନ ହିଁ ଦୁଃଖ ଓ ସମସ୍ୟାକୁ ଅତିକ୍ରମ
କରିବାର କୌଶଳ ଶିଖାଏ ।

ସ୍ୱପ୍ନ ହିଁ ସାକାର ହୁଏ, ପ୍ରଚେଷ୍ଟାରେ ..
ସ୍ୱପ୍ନ ତ ମନକୁ ବିଭୋର କରେ..
ସ୍ୱପ୍ନ ଦେଖିବା କ'ଣ ଭୂଲ୍ କି ସୁଜନେ ?
ସ୍ୱପ୍ନ ହିଁ ତ ମୋ ମନର ସମ୍ଭାର ।

ମୋ ଆବେଗ ସହିତ ସ୍ୱପ୍ନର ତ ବେଶ୍
ଆତ୍ମିକ ସଂପର୍କ..
କାହିଁକି ମୁଁ ସ୍ୱପ୍ନମନସ୍କ, ତା ମୁଁ ଜାଣେନା ।

ମନର କୂଳରେ ଆଉଜେଇ
ଯାଉଥିବା ସ୍ୱପ୍ନକୁ ଆଣି
ଛାତିରେ ସାଇତି ଜାଣିଚି
ବୋଲି ତ ପାଗଳ ଟିଏ ମୁଁ ..
ମୋ ସ୍ୱପ୍ନିଳ ପାରାବାରରେ
ଜୀବନ ଜୀଉଁଚି ଏକା
ବୈଚିତ୍ର୍ୟତାର କଳାରେ ..
ସଫଳତା, ଅସଫଳତା ଓ
ଦାମ୍ଭିକତାକୁ ଉଣ୍ଡାଳୁଚି ମୁଁ
ଏକ ଅନିଶ୍ଚିତତା ର ସମୟରେ ....

+ ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ ଜି : କେନ୍ଦ୍ରାପଡା
ମୋ -୯୪୩୭୩୧୭୭୨୨

## ବିରହୀ ସଖିର ଦାୟିନୀ...

### ହରପ୍ରିୟା ସାହୁ



ପ୍ରଥମ ଦେଖାରେ ନିଜର ଲାଗିଲ
ହୃଦୟରେ କଲ ଘର
ତୁମ ଛଡ଼ା ସଖା ଅନ୍ଧକାର ଲାଗେ
ପ୍ରତିଟି ମୁହୂର୍ତ୍ତ ମୋର ।।

ତୁମ ପାଇଁ ସଖା ପାଗେଲି ହେଲିଣି
ମନେ ମନେ ପ୍ରେମ କରି
ଥରୁଟିଏ ସଖା ଦେଖି ଯାଅ ଆସି
ହୃଦୟର ଦରଜା ଖୋଲି ।।

କହି ମନ କଥା ହରି ହୃଦ ବ୍ୟଥା
ଦେଲି ପ୍ରେମ ପ୍ରୀତି ଢାଳି
ଶୟନେ ସପନେ ଅଛ ପ୍ରତିକ୍ଷଣେ
ଯିବ ନାହିଁ କେବେ ଭୁଲି ।।

ବହୁ ପ୍ରତୀକ୍ଷାର ଅନ୍ତକୁ ଘଟାଇ
ଏ ସଖୀକୁ ଆସି କର ଆଲିଙ୍ଗନ
ସେ ଆଲିଙ୍ଗନ ପାଇ, ଆତ୍ମଶାନ୍ତି ମୁ ଲଭିବି
ସାର୍ଥକ ହୋଇବ ଏ ଛାର ଜୀବନ ।।

# ପିଓକେରେ ହାଇ ଆଲର୍ଟ ପରେ ଧାମରା ସ୍ଥଳପଥ ଏବଂ ଜଳପଥରେ ସୁରକ୍ଷା କଡାକଡି

ଭଦ୍ରକ,୦୫/୫(ନି. ପ୍ର): ପାକିସ୍ଥାନ ଅଧିକୃତ କାଶ୍ମୀରରେ ହାଇ ଆଲର୍ଟ ପରେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ସଂପୂର୍ଣ କଡାକଡି ହୋଇଛି। କେନ୍ଦ୍ର ଗୃହମନ୍ତ୍ରୀ ଙ୍କ ନିର୍ଦ୍ଦେଶରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଓଡିଶା ସୀମାନ୍ତ ଅଂଚଳରେ ଅନୁପ୍ରବେଶ କୁ ରୋକିବା ପାଇଁ ରାଜ୍ୟ ସରକାର ଙ୍କ ଗୃହ ବିଭାଗ ପକ୍ଷରୁ ହାଇ ଆଲର୍ଟ ଜାରୀ କରାଯାଇଛି। ଧାମରା ରୁ ଉତର ରେ ବାଲେଶ୍ୱର ଏବଂ ଦକ୍ଷିଣରେ ଥିବା କେନ୍ଦ୍ରାପଡା, ପାରାଦ୍ୱୀପ ଜମ୍ବୁ ,ଖରନାସୀ ଉପକୂଳ ଅଂଚଳକୁ ଧାମରା ଜଳପଥ ଦେଇ ବାଂଲାଦେଶୀ ଅନୁପ୍ରବେଶ କାରୀ ମାନେ ପ୍ରବେଶ କରୁଥିବା ନେଇ ଖବର ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି। ଏହାକୁ ଆଧାର କରି ବାଂଲାଦେଶୀ ଅନୁପ୍ରବେଶ କାରୀଙ୍କୁ କୌଣସି ପରିସ୍ଥିତିରେ ରାଜ୍ୟରେ ପୁରାଇ ଦିଆଯିବ ନାହିଁ ଏଥି ପାଇଁ ଧାମରା ସାମୁଦ୍ରିକ ଥାନା ଏବଂ ରାଜ୍ୟରେ ଥିବା ସମସ୍ତ ଉପକୂଳ ଅଂଚଳରେ ଥିବା ସାମୁଦ୍ରିକ ଥାନାକୁ ଏହି ନିର୍ଦ୍ଦେଶ ଦିଆଯିବା ସହ ଜଳପଥ ରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କୁ କଡାକଡି କରାଯାଇଛି । ଏହି ପରିପ୍ରେକ୍ଷୀରେ ଧାମରା ସାମୁଦ୍ରିକ ଥାନା ତରଫରୁ ଜଳପଥରେ ସ୍ପିଡ ବୋଟ ରେ ବଙ୍ଗୋପ ସାଗର ଏବଂ ତଟବର୍ତୀ ଇଲାକାରେ ମାଛ ମାରୁଥିବା ସମସ୍ତ ବୋଟକୁ କଡାକଡି ଭାବେ ଯାଂଚ କରାଯିବା ସହ ଏଥିରେ ଥିବା ସମସ୍ତ ଧୀବର ମାନଙ୍କ ଭୋଟ ପରିଚୟପତ୍ର ତଥା ଆଧାର କାର୍ଡ ଏବଂ ମସ୍ୟ ବିଭାଗ ତରଫରୁ ଦିଆଯାଇଥିବା କାର୍ଡ ଗୁଡିକ ମଧ୍ୟ ଟିକିନିଖି ଯାଂଚ କରାଯାଉଛି। ତଟ ସୁରକ୍ଷା ପାଇଁ ଧାମରାରେ ପର୍ଯ୍ୟାପ୍ତ ପରିମାଣରେ ଷ୍ଟାଫ ନଥିବା ବେଳେ ମାତ୍ର କେତେଜଣ ହାତଗଣତି ଷ୍ଟାଫ ମାନଙ୍କୁ ନେଇ ଚାଲିଛି ତଟ ସୁରକ୍ଷା। ଗୋଟିଏ ପଟରେ ତଟ ସୁରକ୍ଷା ପାଇଁ ନିର୍ଦ୍ଦେଶ ଦେଉଥିବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପାଖରେ କେଉଁ ସାମୁଦ୍ରିକ ଥାନାରେ କେତେ ପଦ ପଦବୀ ଫାଙ୍କା ପଡିଛି ତାହାର ସମସ୍ତ ତଥ୍ୟ /ହିସାବ ଥିବା ବେଳେ ଏହି ତଟ ସୁରକ୍ଷା ଏକ ପ୍ରହସନ ବୋଲି ମଧ୍ୟ ଚର୍ଚ୍ଚା ଚାଲିଛି। ଅନ୍ୟ ପଟରେ ବିଗତ ଦିନ ମାନଙ୍କରେ ଧାମରାରେ ୩ଟି ସ୍ପିଡ ବୋଟ ତଟ ସୁରକ୍ଷା ପାଇଁ ନିୟୋଜିତ ହେଉଥିବା ବେଳେ ସେହି ବୋଟ ରୁ ଗୋଟିଏ ବୋଟକୁ ଗୋପାଳ ପୁର କୁ ପଠାଇ ଦିଆ ଯାଇଥିବା ବେଳେ ଆଉ ୨ଟି ବୋଟ ମଧ୍ୟରୁ ଗୋଟିଏ ସଂପୂର୍ଣ ଅକାମୀ ହୋଇ ଯାଇଛି। ବାକି ଥିବା ଗୋଟିଏ ୧୨ଟନ ବିଶିଷ୍ଟ ବୋଟ ର ଇଞ୍ଜିନ କେତେବେଳେ ଅଚଳ ହୋଇ ପଡୁଛିତ ପୁନଶ୍ଚ ବୋଟ ର ବଡି ମଧ୍ୟ ଫୁଟି ଯାଇ ପାଣି ପଶି ଏହାକୁ ସ୍ଥାଣୁ କରି ଦେଉଛି।ଧାମରା ନିକଟରେ ଥିବା ଧାମରା ଆଦାନୀ ବନ୍ଦର ଏବଂ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗର ଅବଦୁଲ କଲାମ ଘାଟି ପ୍ରତି ଦୃଷ୍ଟି ତଥା ଏହାର ସୁରକ୍ଷା ପାଇଁ ତଟ ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡିଛି। ତୁରନ୍ତ ଜଳପଥରେ ସୁରକ୍ଷା କଡା କଡି କରିବାକୁ ହେଲେ କେନ୍ଦ୍ର ତଥା ରାଜ୍ୟ ସରକାର ଏଥିପ୍ରତି ସଜାଗ ହେବା ସହ ସାମୁଦ୍ରିକ ଥାନା ମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଷ୍ଟାଫ ନିୟୋଜିତ କରିବା ସହ ଜଳପଥରେ ପଇଁତରା ପାଇଁ ସ୍ପିଡ ବୋଟ ଯୋଗାଇ ଦେବା ମଧ୍ୟ ଜରୁରୀ ହୋଇ ପଡିଛି।

# ମହାବୀରଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ଓ ବିଶ୍ୱ ଶାନ୍ତି ମହାଯଜ୍ଞ

ଘଟଗାଁ ,୦୫/୫(ନି. ପ୍ର): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ନାଉକଣା ଗ୍ରାମର ମହାବୀର ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ଓ ବିଶ୍ୱ ଶାନ୍ତି ମହାଯଜ୍ଞ କମିଟି ସଭାପତି ପ୍ରଦୀପ କୁମାର ମାହାନ୍ତି, ସମ୍ପାଦକ ଦୀପକ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ଆଜି ସକାଳୁ ଗ୍ରାମସ୍ଥିତ ପାଟିଆ ପୁଷ୍କରିଣୀ ରୁ ୧୦୮ଜଣ ବ୍ରତ ଧାରୀ ଜଳ ସଂଗ୍ରହ କରି ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ପରେ ମହାବୀର ଙ୍କ ନୀତି ପୂଜକ ବିଜୟ କୁମାର ପଣ୍ଡା, ଯଜ୍ଞ ପୂଜକ ସୁମନ୍ତ ତ୍ରିପାଠୀ, କ୍ଷୀରୋଦ ପଣ୍ଡା, କୃଷ୍ଣ ଚନ୍ଦ୍ର ପାଢ଼ୀ, ଅମିତ ରଥ, କାଳନ୍ଦୀ ପତି ଙ୍କ ଦ୍ୱାରା ପ୍ରଥମେ କାୟ ଶୁଦ୍ଧି, ମଣ୍ଡଳ କରଣ ଏବଂ ସନ୍ଧ୍ୟା ସମୟରେ ଅଧିବାସ ଓ ଅଙ୍କୁରା ରୋପଣ ହୋଇ ଯଜ୍ଞ ଆରମ୍ଭ ହୋଇଥିଲା। ସଂକଳ୍ପ କାର୍ଯ୍ୟ ଚିନ୍ତାମଣି ଜେନା, ଦେବକୀ ଜେନା, କୃଷ୍ଣଚନ୍ଦ୍ର ପାତ୍ର, ଶୁଭସ୍ମିତା ପାତ୍ର, ଦୀପକ ଜେନା, ମାମୁନି ଜେନା ତୁଲାଇ ଥିଲେ। ଉକ୍ତ ଯଜ୍ଞ ଉତ୍ସବ ତିନିଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇ ଥିବା ବେଳେ ମଙ୍ଗଳ ବାର ଅପରାହ୍ନରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି। ଭକ୍ତ ମାନଙ୍କ ନିମନ୍ତେ କମିଟି ପକ୍ଷରୁ ତିନିଦିନ ଧରି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବୀର କମିଟି ର ସମସ୍ତ ସଦସ୍ୟ ସଦସ୍ୟା ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିରର ଉଦ୍ଘାଟନ କାର୍ଯ୍ୟକ୍ରମ

ଜୟପୁର,୦୫/୫(ନି. ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରଠାରେ ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଯାଇଛି । ଏହି କର୍ମଶାଳା ତା୦୩-୦୫-୨୦୨୫ରିଖ ରୁ ଆରମ୍ଭ ହୋଇ ତା୧୨-୦୫-୨୦୨୫ରିଖ ଅପରାହ୍ନ ପର୍ଯ୍ୟନ୍ତ ଚାଲୁ ରହିବ । ଏହାର ଉଦ୍ଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ରୂପେ ଶ୍ରୀ ତାରକ ଦାସ ସରକାର, ପ୍ରାନ୍ତ ସଂଗଠନ ମନ୍ତ୍ରୀ, ଶିକ୍ଷା ବିକାଶ ସମିତି, ଓଡ଼ିଶା, ମୁଖ୍ୟ ବକ୍ତା ଭାବେ ଶ୍ରୀମତୀ ଗାୟତ୍ରୀ ବାହିନୀପତି, ବିଦ୍ୟାଭାରତୀ ସହମନ୍ତ୍ରୀ, ଏବଂ ମୁଖ୍ୟ ଅତିଥି ଭାବେ ଶ୍ରୀ ରୂପଚନ୍ଦ୍ର ସୋରେନ୍, ଅଧ୍ୟକ୍ଷ, ଜୟପୁର ଉପସ୍ଥିତ ରହିଥିଲେ । ଏହି ଉଦ୍ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟନାରାୟଣ ସେଠୀଙ୍କ ଦ୍ୱାରା ଅତିଥିମାନଙ୍କ ପରିଚୟ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଶିକ୍ଷାର ମହତ୍ୱ ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରାଇବାର ଆବଶ୍ୟକତା ବିଷୟରେ ଶିକ୍ଷାର୍ଥୀମାନଙ୍କୁ ନିଜର ବୌଦ୍ଧିକ ମାଧ୍ୟମରେ ଆଲୋକପାତ କରିଥିଲେ । ସେହିପରି ମୁଖ୍ୟ ବକ୍ତା ସରସ୍ୱତୀ ଶିଶୁମନ୍ଦିରର ଯୋଜନା ତଥା ଗୁରୁଜୀ ଗୁରୁମାଙ୍କ ଦାୟିତ୍ୱବୋଧ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଶିକ୍ଷା ବିକାଶ ସମିତିର ସଂଗଠନ ପରିଚୟ ଉପରେ ଗୁରୁଜୀ ଗୁରୁମାଙ୍କ ଏକ କାଳାଂଶ ନେଇଥିଲେ ।

ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ସୁକାନ୍ତ କୁମାର ବେହେରା, ଦକ୍ଷିଣ ସମ୍ଭାଗ ସଂଯୋଜକ, ମାଧବ ଶତପଥୀ, ବିଭାଗ ନିରୀକ୍ଷକ କୋରାପୁଟ, ନରୋତମ ମିଶ୍ର, ପ୍ରାନ୍ତ ସଂସ୍କାର କେନ୍ଦ୍ର ସଂଯୋଜକ, ଶ୍ରୀଯୁକ୍ତ ବିପିନ୍ ବିହାରୀ ମିଶ୍ର, ବିଭାଗ ନିରୀକ୍ଷକ, କଳାହାଣ୍ଡି, ବିଷ୍ଣୁ ଚରଣ ଦାସ, ସହ ବିଭାଗ ନିରୀକ୍ଷକ, କୋରାପୁଟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟଶାଳାର ଶୋଭା ବଢାଇ ଥିଲେ । ଏହି କାର୍ଯ୍ୟଶାଳାର ପରିଚାଳନା ନିମନ୍ତେ ୯ ଜଣ ପ୍ରଶିକ୍ଷକ ଏବଂ ୭ ଜଣ ପ୍ରଶିକ୍ଷିକା ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ୫ଟି ଜିଲ୍ଲାରୁ ସର୍ବମୋଟ ୧୮୦ ଜଣ ନୂତନ ଭାବେ ନିଯୁକ୍ତି ପାଇଥିବା ଗୁରୁଜୀ ଗୁରୁମା ଉପସ୍ଥିତ ରହିଥିଲେ ।

ଉଦ୍ଘାଟନୀ କାର୍ଯ୍ୟକ୍ରମର ପରିଶେଷରେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ସୁରେଶ କୁମାର ନନ୍ଦ ଉପସ୍ଥିତ ଅତିଥିମାନଙ୍କୁ କୃତଜ୍ଞତା ଜଣାଇବା ସହିତ ପ୍ରଶିକ୍ଷଣ ଶିବିରର ସଫଳତା କାମନା କରିଥିଲେ ।

# ପାଲିଗୁଡା ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର,୦୫/୫(ନି. ପ୍ର): ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଆଜି ଅପରାହ୍ନ୨ଟାରେ ଚଢାଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ପାଲିଗୁଡା ଜଙ୍ଗଲରେ ଅବକାରି ଚଢାଉ ହୋଇଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ଥାନା ବହୁ ମଦ ଭାଟି ଭାଙ୍ଗିବା ସହ ୩୦ ଲିଟର ଦେଶି ମଦ ଓ ୪ ଶହ ଲିଟର ପୋଚ ଜବତ କରି ନଷ୍ଟ କରିଥିଲେ । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ହିରଣ ସୁବ୍ରତ ସୁଚନା ଦେଇଛନ୍ତି ।

# ସମାନ ତଥ୍ୟକୁ ବାରମ୍ବାର ଆରଟିଆଇରେ କିପରି ମଗାଯାଉଛି ?

ଭଦ୍ରକ,୦୫/୫(ନି. ପ୍ର): ଭଦ୍ରକ ସହରର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ସମ୍ପର୍କରେ ତଥ୍ୟ ପାଇଁ ଆର.ଟି.ଆଇ.କୁ ବ୍ୟବହାର କରି ନିଜକୁ ସମାଜ ସେବୀ ବୋଲାଉଥିବା କିଛି ଭଣ୍ଡ ଅସାଧୁ ଚରିତ୍ରର ମଣିଷ ଲୋକଙ୍କୁ ବ୍ଲାକମେଲ୍ କରି ଅନୈତିକ ଉପାୟରେ ଅର୍ଥ ଦାବୀ କରୁଛନ୍ତି। ଅନେକ ଲୋକ ଏସବୁକୁ ଜାଣି ମଧ ଅଯଥା ବିବାଦରେ ନପଶିବାକୁ ଉଦ୍ଦେଶ୍ୟରେ ଚୁପ୍ ରହୁଛନ୍ତି। ସୂଚନା ଅଧିକାର ଆଇନ୍ ଅନୁସାରେ ଜଣେ ବ୍ୟକ୍ତି କୌଣସି କାର୍ଯ୍ୟାଳୟରୁ ଗୋଟିଏ ତଥ୍ୟ ପ୍ରାପ୍ତ କଲାପରେ ସେହି ତଥ୍ୟ ଦ୍ୱିତୀୟ ଥର ମାଗି ପାରିବ ନାହିଁ। ମାତ୍ର କେତକ ଠକ ସୂଚନା ଅଧିକାର କର୍ମୀ ଗୋଟିଏ ଗୋଟିଏ ତଥ୍ୟକୁ ବାରମ୍ବାର ମାଗୁଛନ୍ତି ଓ ଅଯଥାରେ ଲୋକଙ୍କୁ ବିବାଦୀୟ କରି ସେମାନଙ୍କ ବିରୁଦ୍ଧରେ କୌଣସି ତଥ୍ୟ ନ ଥିଲେ ମଧ ସେମାନଙ୍କ ଠାରୁ ଅର୍ଥ ଦାବୀ କରୁଛନ୍ତି। ପ୍ରକାଶ ଥାଉକି:- ଗତ ତା୨୩.୦୧.୨୦୨୫ରିଖରେ ବିକାଶ ଧଳ ନାମକ ଜଣେ ବ୍ୟକ୍ତି ଯେ କି ଅତୀତରେ ବିଭିନ୍ନ ଠକାମି ଅସାଧୁ କାର୍ଯ୍ୟକଳାପରେ ଲିପ୍ତ ଥିବାର ନଜିର ଅଛି। ଆର.ଟି.ଆଇ.ରେ ତଥ୍ୟ ମାଗି ନିରଞ୍ଜନ ପରିଆଡ଼ି ବ୍ୟକ୍ତିଙ୍କୁ ବ୍ଲାକ୍ମେଲ୍ କରୁଛନ୍ତି ଓ ଅର୍ଥ ଦାବୀ କରୁଛନ୍ତି। ବାଙ୍କତୀରା ହାଇସ୍କୁଲ ବନ୍ତର ଦେବାଶିଷ ମହାପାତ୍ରଙ୍କୁ ଉକ୍ତ ବ୍ୟକ୍ତି ଆର.ଟି.ଆଇ.ରେ ଏକା ପ୍ରକାର ତଥ୍ୟ ବାରମ୍ବାର ମାଗି ବାରମ୍ବାର ଅର୍ଥ ଦାବୀ କରିବା ହେତୁ ପରିଶେଷରେ ସେ ଅତିଷ୍ଠ ହୋଇ ଚାକିରୀରୁ ଇସ୍ତଫା ଦେଲେ। ତା୯।୩।୨୦୨୫ ରିଖରେ ଉକ୍ତ ବିକାଶ ଧଳ କୁଆଁସର ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର ସୁକାନ୍ତ ପଣ୍ଡାଙ୍କୁ ବାରମ୍ବାର ଏକ ତଥ୍ୟ ଆର.ଟି.ଆଇରେ ମାଗୁଛନ୍ତି ଓ କର୍ତ୍ତୃପକ୍ଷ ଏକା ତଥ୍ୟ ବାରମ୍ବାର ମାଗୁଥିବା ଏହି ବ୍ୟକ୍ତିଙ୍କ ଦରଖାସ୍ତକୁ କିପରି ପ୍ରୋତ୍ସାହନ ଦେଉଛନ୍ତି, ତାହା ଏକ ପ୍ରଶ୍ନବାଚୀ ! ଜାଗୁଳାଇ ହାଇସ୍କୁଲ ବନ୍ତର ଗଙ୍ଗାଧର ବିଶ୍ୱାଳଙ୍କ ସମ୍ପର୍କରେ ମଧ ଏହି ବ୍ୟକ୍ତି ବାରମ୍ବାର (୫ଥର) ଏକା ପ୍ରକାର ତଥ୍ୟକୁ ମାଗୁଛନ୍ତି। ପ୍ରଶ୍ନ ଏହିକି ଥରେ ଗୋଟିଏ ତଥ୍ୟ ପାଇବା ପରେ ଏହି ବ୍ୟକ୍ତି ସେହି ତଥ୍ୟ ପୁନର୍ବାର କିପରି ଓ କାହିଁକି ମାଗୁଛନ୍ତି ଏବଂ ତାଙ୍କ ଦରଖାସ୍ତକୁ କର୍ତ୍ତୃପକ୍ଷ ବାରମ୍ବାର କାହିଁକି ଗ୍ରାଂଟ କରୁଛନ୍ତି। ଏ ସମ୍ପର୍କରେ ଆମ୍ଭେ ତୃତୀୟପକ୍ଷ ହେବାକୁ ଚାହୁଁ ଥିବାବେଳେ ଡ଼ି.ଇ.ଓ. ଆମ୍ଭ ଦରଖାସ୍ତ ଗ୍ରହଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର କାରଣ କଣ ବୋଲି ଦେବେନ୍ଦ୍ର ନାଥ ମାହାନା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ଜଣାଇବା ସହ ଏହି ପ୍ରଶ୍ନ ଉଠାଇଛନ୍ତି।

# କୀର୍ତ୍ତନ ବିହାରୀ ଲକ୍ଷ୍ମୀଦେବୀ ଟ୍ରଷ୍ଟର ସାରସ୍ୱତ ସମାରୋହ: ତରୁଣରୁ ପ୍ରବୀଣ ଯାଏ ଗଳ୍ପ ସଂକଳନ ଉନ୍ମୋଚିତ

ଭଦ୍ରକ,୦୫/୫(ନି. ପ୍ର): ଭଦ୍ରକ ବ୍ଲକ ବାଗୁରାଇ ମା ଦୁର୍ଗା ପାଲେସ ପରିସରରେ କିର୍ତନ ବିହାରୀ ଲକ୍ଷ୍ମୀଦେବୀ ମେମୋରିଆଲ୍ ଟ୍ରଷ୍ଟର ତୃତୀୟ ବାର୍ଷିକ ସାରସ୍ୱତ ସମାରୋହ ପାଳିତ ହୋଇଛି । ସାହିତ୍ୟିକ ଡ.ମମତା ସାହୁଙ୍କ ମଂଚ ସଂଚାଳନରେ ପ୍ରଫେସର ଡ.ନାରାୟଣ ସେନାପତି ସଭାକୁ ଅଧ୍ୟକ୍ଷତା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଅତିଥି କବି ଚିନ୍ତାମଣି ମହାଳିକଙ୍କୁ କାବ୍ୟ କବିତା, ମାୟାଧର ନାୟକଙ୍କୁ ସାମଗ୍ରିକ ସାହିତ୍ୟ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅତିଥି ଦ୍ୱୟ ସମ୍ବର୍ଦ୍ଧନାର ଉତରରେ ସାହିତ୍ୟ ମଣିଷ ପ୍ରାଣର ଏକ ବାକ୍ମୟ ପରିପ୍ରକାଶ ବୋଲି କହିଥିବା ବେଳେ ଟ୍ରଷ୍ଟର ଉତୋରତର କାମନା କରିଥିଲେ । ଏହି ଅବସରରେ ତାଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଦ୍ୱିତିୟ ପର୍ଯ୍ୟାୟରେ ଆନନ୍ଦପୁର କଲେଜର ପ୍ରାକ୍ତନ ଅଧ୍ୟାପକ ସ୍ୱର୍ଗତଃ ବିଭୂତି ଭୂଷଣ ମହାନ୍ତି ଙ୍କୁ ମରଣତ୍ତର ଗୁରୁପୂଜନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହାକୁ କନିଷ୍ଠ ପୁତ୍ର ଆଇନଜିବୀ କୁମାରେଶ୍ୱର ମହାନ୍ତି ଗ୍ରହଣ କରିଥିଲେ । ତୃତୀୟ ପର୍ଯ୍ୟାୟରେ ସ୍ୱର୍ଗତଃ ପ୍ରାଧ୍ୟାପକ ଭୀମସେନ ପୃଷ୍ଟି ସ୍ମୃତି ସମ୍ମାନ ୨୦୨୨ ରେ ପ୍ରାଧ୍ୟାପକ ଡ.କୁଳମଣୀ ତ୍ରିପାଠୀ, ୨୦୨୩ ରେ ପ୍ରାଧ୍ୟାପକ ଡ.ନାରାୟଣ ସେନାପତି, ୨୦୨୪ ରେ ଶିକ୍ଷାବିତ୍ ପ୍ରେମାନନ୍ଦ ନାୟକଙ୍କୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶେଷ ପର୍ଯ୍ୟାୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ ସଭାକୁ ମେନେଜିଙ୍ଗ୍ ଟ୍ରଷ୍ଟି ଡ.ନାରାୟଣ ସେନାପତି ପୌରହିତ୍ୟ କରିଥିଲେ । ଏଥିରେ ଡ. ସେନାପତିଙ୍କ ସଂଙ୍କଳନ ଓ ସମ୍ପାଦନରେ ୬୬ଟି ଗଳ୍ପ ର ଏକ ମନୋଜ୍ଞ ସଂକଳନ 'ତରୁଣରୁ ପ୍ରବୀଣ ଯାଏ' ଉନ୍ମୋଚିତ ହୋଇଥିଲା । ଏହାକୁ ମୁଖ୍ୟ ଅତିଥି ଭାବେ ବରେଣ୍ୟ କଥାଶିଳ୍ପୀ ରଜନୀ କାନ୍ତ ମହାନ୍ତି, ମୁଖ୍ୟବକ୍ତା କଥାକାର ପବିତ୍ର ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଗାଳ୍ପିକ ପ୍ରିୟବ୍ରତ ପାତ୍ର, ସମ୍ମାନିତ ଅତିଥି ଗାଳ୍ପିକା ଲୋପାମୁଦ୍ରା ମିଶ୍ର ଯୋଗ ଦେଇ ଏହି ସାଧୁ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ । ଗଳ୍ପ ସଂକଳନଟି ସଂଗ୍ରହଣୀୟ ଭାବେ ଅତିଥି ମାନେ ପ୍ରତିପାଦନ କରିଥିଲେ । ଏହି ଅବସରରେ ସାହିତ୍ୟିକ ଗଣେଶ ପ୍ରସାଦ କରଶର୍ମାଙ୍କ କବିତା ସଂକଳନ 'ରାଗ ରାଗେଶ୍ରୀ', 'ଇଂରାଜୀରେ ଭାରତୀୟ ସ୍ଥାପତ୍ୟ ପ୍ରତ୍ୟେୟ' କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ପୁସ୍ତକର ସମୀକ୍ଷକ ଭାବେ ଅଧ୍ୟାପକ ଗଜେନ୍ଦ୍ର କୁମାର ସେନାପତି ଥିଲେ । କାର୍ଯ୍ୟକ୍ରମକୁ କବି ଅବନୀ ପ୍ରଧାନ, ଗାଳ୍ପିକ ପିତାମ୍ବର ବିଶ୍ୱାଳ, ଅଧ୍ୟାପିକା ଭାନୁମତୀ ମାଟିଆ,ଉଷାରାଣୀ ଜେନା, ଅଧ୍ୟକ୍ଷ ରବିନ୍ଦ୍ର କୁମାର ଜେନା, ଶିକ୍ଷୟିତ୍ରୀ ତପସ୍ୱିନୀ ପହି,ସୁକାନ୍ତି ବିଶ୍ୱାଳ, କଳ୍ପନା ପୃଷ୍ଟି ପ୍ରମୁଖ ମାନପତ୍ର ପାଠ ଓ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶୁଭ୍ରଜିତ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଘଟଗାଁର ଅଧାରୁ ପାଠ ଛାଡ଼ିଥିବା ବିଦ୍ୟାର୍ଥୀଙ୍କର ୯୭ % ସଫଳତା

ଘଟଗାଁ,୦୫/୫(ନି. ପ୍ର): ସର୍ବଭାରତୀୟ ସ୍ତରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଶିକ୍ଷା ଅନୁଷ୍ଠାନ ପ୍ରଥମ ଓଡ଼ିଶା ସେକେଣ୍ଡ ଚାନ୍ସ ପ୍ରୋଗ୍ରାମ ତରଫରୁ ଶିକ୍ଷା କ୍ଷେତ୍ରରେ ପଛୁଆ ରହିଥିବା ଅଂଚଳରେ ମାଟ୍ରିକ ପାସରୁ ବଂଚିତ ହେଉଥିବା ବାଳିକା ଓ ମହିଳାମାନଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ମାଟ୍ରିକ ପାସ୍ କରିବାର ବ୍ୟବସ୍ଥା କରାଯାଇଆସୁଅଛି । ଏହି ସଂଗଠନ ତରଫରୁ କେଉଁଝର ଜିଲ୍ଲା ଘଟଗାଁ ବ୍ଲକରେ ୨୦୨୪-୨୫ ଶିକ୍ଷା ବର୍ଷରେ ୯୭% ବିଦ୍ୟାର୍ଥୀ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି । ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଢ଼େଙ୍କିକୋଟ, ସାନ୍ତରାପୁର , ଛତିଆ, ନୁଶୁରୀପଶି , ତରା , ଗୋଳାବନ୍ଧ , ଟିକିରା, ଓ କଟରାବେଡା ଆଦି ଗ୍ରାମରେ କ୍ଲଷ୍ଟର କ୍ଲାସ କାରଯାଇ ୬୦ ରୁ ୫୮ଜଣ ବିଦ୍ୟାର୍ଥୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଏଥିମଧ୍ୟରୁ ବି ୨ ଗ୍ରେଡ ରେ ୭ ଜଣ ,ସି ଗ୍ରେଡ ରେ ୧୬ ଜଣ, ଗ୍ରେଡ ରେ ୩୦ ,ଇ ଗ୍ରେଡ ରେ ୫ଜଣ ବିଦ୍ୟାର୍ଥୀ ମାଟ୍ରିକ ପୂର୍ବରୁ ପାଠ ଛାଡ଼ିଦେଇଥିବା ବାଳିକା ଓ ମହିଳାମାନଙ୍କୁ ପାସ୍ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟରତ ଏହି ସ୍ୱେଚ୍ଛାସେବୀ ଶିକ୍ଷା ଅନୁଷ୍ଠାନ ପ୍ରଥମ ର କାର୍ଯ୍ୟକ୍ରମକୁ ଅଭିଭାବକମାନେ ଭୂରୀଭୂରୀ ପ୍ରସଂଶା କରିଥିଲେ । ଘଟଗାଁ ବ୍ଲକରେ ଶହ ଶହ ବାଳିକା ମାନେ ମାଟ୍ରିକ ପୂର୍ବରୁ ପାଠ ଛାଡ଼ିଦେଇଥିବାରୁ ପ୍ରଥମ ସେକେଣ୍ଡ ଚାନସ ପ୍ରୋଗ୍ରାମ ମାଧ୍ୟମରେ ଶିକ୍ଷାଦାନ କରାଯାଇ ଗୋଟିଏ ବର୍ଷରେ ମାଟ୍ରିକ ପାସ କରାଯିବାର ବ୍ୟବସ୍ଥା ଅଧିକ ସୁଦୃଢ଼ କରିବାକୁ କହି ପ୍ରଥମ ଓଡ଼ିଶା ର ଘଟଗାଁ ବ୍ଲକ ଟିମ୍ ଲିଡର ଶ୍ରୀ ପ୍ରହଲ୍ଲାଦ ପ୍ରଧାନ ରାଜ୍ୟ ସଂଯୋଜକ ରାମ ପ୍ରସାଦ ମହାନ୍ତି, ରାଜ୍ୟ ପ୍ରମୁଖ ଶ୍ରୀମତୀ ପୁଷ୍ପାଞ୍ଜଳି ପରିଡ ଗୃହବିଜ୍ଞାନ ଶିକ୍ଷକ ଅନୁପ କୁମାର ବେଜ,ସାହିତ୍ୟ ଶିକ୍ଷକ ଅଭିମନ୍ୟୁ ସେଠି, ଇଂରାଜୀ ଶିକ୍ଷୟିତ୍ରୀ ରଶ୍ମିରେଖା ମହନ୍ତ ଓ ବିନ୍ଦୁ କୁମାରୀ ରଣା, ଚିତ୍ରକଳା ଶିକ୍ଷୟିତ୍ରୀ ସୁଷମା ମହନ୍ତ, ଭାରତୀୟ ସଂସ୍କୃତି ଓ ଐତିହ୍ୟ ଶିକ୍ଷକ ପଦ୍ମାବତୀ ମହନ୍ତଙ୍କୁ ଘଟଗାଁ ବ୍ଲକ ଅଭିଭାବକ ବୃନ୍ଦ ଓ ଶିକ୍ଷାପ୍ରେମୀ ଶ୍ରୀ ଅଶୋକ କୁମାର ନାଥ ସାଧୁବାଦ ଜଣାଇଛନ୍ତି ।

# ଧାମନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ ତମ ବାର୍ଷିକ ଉତ୍ସବ

ଭଦ୍ରକ,୦୫/୫(ନି. ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୪ ତମ ବାର୍ଷିକ ଉତ୍ସବ ଆଜି ସନ୍ଧ୍ୟା ରେ ଶିଶୁ ମନ୍ଦିର ପରିସର ରେ ପାଳିତ ହୋଇଯାଇଛି । ଶିଶୁ ମନ୍ଦିରର ପ୍ରତିଷ୍ଠାତା ଶରତ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଓଡ଼ିଶା ସରକାର ଙ୍କ ଉଚ୍ଚଶିକ୍ଷା , କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ କୁନିକୁନି ଛାତ୍ର ଛାତ୍ରୀ ଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଆଜିର ଛାତ୍ର ଆଗାମୀ ଦିନର ଦେଶର ଭବିଶ୍ୱତ ତେଣୁ ଛାତ୍ର ଛାତ୍ରୀ ଙ୍କୁ ଉତମ ଶିକ୍ଷା ପ୍ରଦାନ କରିବାରେ ଯେତିକି ଗୁରୁଜୀ ଗୁରୁ ମା ଙ୍କ ଭୂମିକା ରହିଛି ସେତିକି ମଧ ବାପା ମାଙ୍କ ଭୂମିକା ରହିଛି ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟ ରେ କହିଥିଲେ ।

# ହାତୀ ଆକ୍ରମଣରେ ବୃଦ୍ଧା ଗୁରୁତର

ଭୁବନ,୦୫/୫(ନି. ପ୍ର): ଭୁବନ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜିରାଳ ସେକ୍ସନ ରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଥିବା ଜଣାପଡିଛି । କଇରା ନାଳି ଗ୍ରାମର ରଜନୀ ରାଉତ (୬୭) ନାମକ ଜଣେ ବୃଦ୍ଧା ଆଜି ରବିବାର ସକାଳ ସାଢ଼େ ପାଂଚ ଘଟିକା ସମୟରେ ଶୌଚ ହେବା ପାଇଁ ଯାଉଥିବା ବେଳେ ଗୋଟିଏ ହାତୀ ହାବୁଡରେ ପଡ଼ିଥିଲେ । ହାତୀ ଗୋଡାଇବାରୁ ସେ ଦୌଡି ନ ପାରି ତଳେ ପଡ଼ିଯାଇଥିଲେ ଓ ହାତୀ ତାଙ୍କୁ ଦଳି ଦେଇଥିଲା । ଏ ସମ୍ପର୍କରେ ଖବର ପାଇ ଜିରାଳ ବନପାଳ କବିତା ବିଶ୍ୱାଳ ଓ କର୍ମଚାରୀ ମାନେ ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଜିରାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ପରେ ତାଙ୍କୁ ଢ଼େଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

# ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୦୫/୫(ନି. ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ କ୍ଲଷ୍ଟର ଅନ୍ତର୍ଗତ ଭଗବତୀ ପଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବିଦାୟକଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ କୁମାର ଧିର ଓ ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ଦାସ ତାଙ୍କ ଚାକରୀ କାଳରୁ ଅବସର ନେଇଚନ୍ତି। ତାଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଭାରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ରସୁଲପୁର ମଣ୍ଡଳ ସହ ଶିକ୍ଷା ଅଧିକାରୀ ଡ. ପ୍ରଭଞ୍ଜନ ପତି,ରସୁଲପୁର ସାହିତ୍ୟ ଘରର ସମ୍ପାଦକ ପ୍ରତାପ ରୁଦ୍ର ପଣ୍ଡା,ବନ୍ଧଡିହ ପଂଚାୟତର ପ୍ରାକ୍ତନ ସରପଂଚ ବିଜୟ କୁମାର ଜେନା,ଶିକ୍ଷାବିତ୍ ବିଶ୍ୱନାଥ ସ୍ୱାଇଁ,କମିଟି ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ଓ ଆଂଚଳିକ ସାଧନକନ୍ଦ୍ରେ ସଂଯୋଜକ ବିଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଶିକ୍ଷା ଦାନ କ୍ଷେତ୍ରରେ ଦୁହିଁଙ୍କ ଅବଦାନ ଅତୁଳନୀୟ । ତାଙ୍କ ବିଦାୟ ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ଉପରେ ପ୍ରଭାବ ପଡିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ/ସଭ୍ୟା,ପୁରାତନ ଛାତ୍ରଛାତ୍ରୀ ଓ ଆଂଚଳିକ ସାଧନକେନ୍ଦ୍ରର ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ପ୍ରକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ ଶଶିଭୂଷଣ ଖଣ୍ଡାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ସହକାରୀ ଶିକ୍ଷକ ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଖରୀରେ ଗାଧୋଉଥିବା ବେଳେ ବୁଡି ନାବାଳକ ମୃତ

ଘଟଗାଁ,୦୫/୫(ନି. ପ୍ର): ପୋଖରୀରେ ବୁଡି ଜଣ ନାବାଳକର ମୃତ୍ୟୁ ଘଟିଥିବା ଜଣାପଡିଛି ଓ ସୂଚନାରୁ ଜଣାଯାଏ ଘସିପୁରା ଥାନା ଅନ୍ତର୍ଗତ ଖଳି ପାଟିଆ ଗ୍ରାମର ସୁନାରାମ ସୋରେନ ଙ୍କ ପୁଅ ଅଜୟ ସୋରେନ୍ (୭) ଗତକାଲି ପୂର୍ବାହ୍ନରେ ସାଙ୍ଗ ମାନଙ୍କ ସହିତ ଖେଳୁଥିବା ବେଳେ ଗ୍ରାମରେ ଥିବା ଏକ ପୋଖରୀକୁ ଧୋଇ ହେବାକୁ ଯାଇଥିଲା । ହେଲେ ଅସାବଧାନତାରୁ ପୋଖରୀରେ ସେ ବୁଡିଯାଇଥିଲା। କିଛି ସମୟପରେ କେହି ଜଣେ ଲୋକ ପୋଖରୀ ରେ ଭାସୁଥିବା ଦେଖି ଗାଁ ଲୋକ ଙ୍କୁ ଡାକିଥିଲେ ଗ୍ରାମର ଛୁଆ ବୋଲି ଜଣିବା ପରେ ପରିବାର ଲୋକେ କୁ ଖବର କରିବା ସହିତ ଅଜୟକୁ ଉଦ୍ଧାର କରି ପ୍ରଥମେ କେଶଦୁରାପାଳ ଡାକ୍ତଖାନାକୁ ଆଣିଥିଲେ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ କୁ ଆଣିଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ,ଘସିପୁରା ପୋଲିସ ଶବକୁ ଜବଦ କରିବା ସହିତ ରାତି ହୋଇଯିବାରୁ ଶବ ବ୍ୟବଚ୍ଛେଦ କରି ପାରି ନ ଥିବା ଜଣାପଡିଛି ।

# କୋରାପୁଟ ଜିଲ୍ଲାରେ ମାରାତ୍ମକ ହେବାରେ ଲାଗିଛି ଅନ୍ ଲାଇନ୍ ଜୁଆ

ଜୟପୁର,୦୫/୫(ନି. ପ୍ର): କୋରାପୁଟ ଜିଲାରେ ବର୍ତମାନ ଅନ୍ ଲାଇନ୍ ଗେମ୍ ପିଲାଠାରୁ ବୁଢାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାଇଆ କରିଛି । ଅନ୍ ଲାଇନ ଖେଳ ଆକୃଷ୍ଟ କରୁଛି । ମାତ୍ର ପ୍ରତିଦିନ ଖବରକାଗଜରେ ବାହାରୁଛି – ଅନ୍ ଲାଇନ ଖେଳରେ ଏତେ ଟଙ୍କା ହାରିଲେ, ଅନ୍ ଲାଇନ ଗେମ୍ ଖେଳି ଜୀବନ ହାରିଲେ; କିନ୍ତୁ ଏସବୁ କାହାକୁ ପ୍ରଭାବିତ କରୁନି । କଂପ୍ୟୁଟର ବା ମୋବାଇଲରେ ଖେଳାଯାଉଥିବା ଯେ କୌଣସି ଖେଳ ଯେ ଜୁଆଠାରୁ କୌଣସି ଗୁଣରେ କମ୍ ନୁହେଁ ଏକଥା ସମସ୍ତ ଜାଣନ୍ତି; ମାତ୍ର ଖେଳୁଛନ୍ତି । ଏ କଥା ସତ୍ୟ ପ୍ରଯୁକ୍ତିବିଦ୍ୟା ଆମ ଜୀବନକୁ ବହୁତ ସହଜ କରିଦେଇଛି; କିନ୍ତୁ ପ୍ରଯୁକ୍ତିର ସୁଫଳ ତୁଳନାରେ ଏହାର ବିପରୀତ ଫଳ ଆମକୁ ଅଧିକ ବିପଦରେ ପକାଉଛି । ଅନ୍ ଲାଇନ ଗେମ୍ ଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଏମିତି କଳା ଦୁନିଆ ଯାହା ପ୍ରଥମେ ଆମର ଯୁବପିଢିଙ୍କ ଗଳାରେ ଫାଶ ହୋଇଥିଲା, ଏବେ ଏହା ସମାଜର ସବୁବର୍ଗର ଲୋକଙ୍କୁ ନିଜର ଅକ୍ତିଆରକୁ ନେଲାଣି । ପ୍ରାରମ୍ଭରେ ଏହି ଖେଳଗୁଡ଼ିକ କେବଳ ମନୋରଞ୍ଜନ ପାଇଁ ଖେଳାଯାଏ; କିନ୍ତୁ ଏହା ଧୀରେ ଧୀରେ ଏକ ନିଶାରେ ପରିଣତ ହୁଏ । ପିଲା ଏବଂ ଯୁବକମାନେ ଦିନରାତି ମୋବାଇଲ୍ କିମ୍ବା କମ୍ପ୍ୟୁଟରରେ ଖେଳ ଖେଳିବାରେ ବ୍ୟସ୍ତ ରହନ୍ତି । ଏହା କେବଳ ସେମାନଙ୍କ ପାଠପଢ଼ା ଓ ବୃତିକୁ ପ୍ରଭାବିତ କରେନାହିଁ, ବରଂ ସେମାନଙ୍କର ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ମଧ ଖରାପ ହେବାକୁ ଲାଗେ । ଆଜିକାଲି କୋରାପୁଟ ଜିଲାର ଗାଁ ଗହଳି, ସହରବଜାର ଯୁଆଡେ ଗଲେ ଆମେ ଦେଖିବାକୁ ପାଇବା ପିଲାମାନେ ମୁହଁ ତଳକୁ କରି ମୋବାଇଲରେ କ'ଣସବୁ କରୁଛନ୍ତି । ଦଳଦଳ ହୋଇ ପିଲାଏ ବସିଥିବେ ମାତ୍ର କାହାରି କାହା ସହିତ କଥା ନଥିବ, ନିଜ ନିଜ ମୋବାଇଲରେ ମୁଣ୍ଡମାଡି ଦେଇଥିବେ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ ?ଲାଇନ ଗେମ୍ ହିଁ ଖେଳିଥାନ୍ତି । ଆଗରୁ ଅନ୍ ଲାଇନ ଖେଳଗୁଡିକରେ ବିଭିନ୍ନ ଚ୍ୟାଲେଞ୍ଜ ମିଳୁଥିଲା ଯାହାକୁ ଖେଳାଳି ସମ୍ମୁଖୀନ ହୋଇ ନିଶାଗ୍ରସ୍ତ ଭାବେ ଖେଳୁଥିଲା । ଏବେ ଏସବୁରେ ଯୋଡି ହୋଇଯାଇଛି ଟଙ୍କା । ଅଧିକାଂଶ ଖେଳରେ ଟଙ୍କା ବିନିଯୋଗ କରି ଖେଳିବାର ବିକଳ୍ପ ଅଛି । ତେବେ ଟଙ୍କା ବିନିଯୋଗ କରି ଖେଳାଯାଉଥିବା ଖେଳଗୁଡିକ ଜୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏମିତି ଖେଳଗୁଡ଼ିକରେ ଅନେକ ଯୁବକ ହଜାର ହଜାର ଟଙ୍କା ହରାଉଛନ୍ତି ଏବଂ ଅନେକ ସମୟରେ ଋଣରେ ବୁଡ଼ି ଯାଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି । ଏହି ଖେଳରେ ଜିତି ଲାଭବାନ ହେବା ବ୍ୟକ୍ତିଙ୍କ ପ୍ରତିଶତ ଅତି ନଗଣ୍ୟ ହୋଇଥିବା ବେଳେ ଶହଶହ ଯୁବକ ନିଜର ପୁଞ୍ଜି ହରାଇ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଉଛନ୍ତି । ଏହି ଖେଳଗୁଡ଼ିକ ପିଲାମାନଙ୍କୁ ସାମାଜିକ ଜୀବନରୁ ଦୂରେଇ ନେଉଛି । ଅନ୍ ଲାଇନ ଗେମ୍ ରେ ବୁଡ଼ି ରହୁଥିବା ପିଲାଏ ଘର ପରିବାର ଲୋକଙ୍କ ସହ ମିଶନ୍ତି ନାହିଁ, ସମାଜରେ କ'ଣ ଘଟୁଛି ସେଥିରେ ସେମାନଙ୍କ ରୁଚି ନଥାଏ, ସେମାନେ ଏକାକୀତ୍ୱର ଶିକାର ହୁଅନ୍ତି ଏବଂ ମାନସିକ ଚାପ ମଧ୍ୟରେ ରହିଥାନ୍ତି । ମନସ୍ତତ୍ୱବିତ୍ ମାନଙ୍କ ମତରେ ଅନ୍ ଲାଇନ ଗେମ୍ ଏକ ଅଦୃଶ୍ୟ ନିଶା । ଏହି ନିଶା ଡ୍ରଗ୍ସଠାରୁ ମଧ ମାରାତ୍ମକ । କାରଣ ଏଥିରୁ ବାହାରିବା ସହଜ ନୁହେଁ । ଆଉ ଏକ ଗୁରୁତର ବିଷୟ ହେଲା ଏହି ଗେମ୍ ରେ ପ୍ରାୟତଃ ପିଲାମାନେ ହାରିଥାନ୍ତି ଓ ନିଜର ଅର୍ଥ, ସମୟ ଓ ମାନସିକ ଶାନ୍ତି ହରାଇଥାନ୍ତି । ହେଲେ ଏ କଥା ସେମାନେ କାହା ଆଗରେ କହିନଥାନ୍ତି । ଏହା ଗୁପ୍ତ ରଖିଥାନ୍ତି । ଏମିତିକି ଲକ୍ଷଲକ୍ଷ ଟଙ୍କା ହରାଇଥିଲେ ବି ଏ ଖବର ପୁଲିସ୍ ରେ ଦେବାକୁ ଉଚିତ ମଣିନଥାନ୍ତି । ସେମାନଙ୍କର ଏହି ନୀରବତାର ସୁଯୋଗ ନେଇ ଅନ୍ ଲାଇନରେ ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଗେମିଂ ଆପ୍ସ ଚଲାଉଥିବା କମ୍ପାନୀଗୁଡ଼ିକ ପ୍ରଥମେ ଯୁବପିଢ଼ିଙ୍କୁ ଜିତିବାର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରନ୍ତି । କିଛି ମନସ୍ତତ୍ୱବିତ୍ ଙ୍କ ମତରେ ଏହି ଖେଳଗୁଡ଼ିକ ଏକ ନିଶା ପରି କାମ କରେ । ଟିକିଏ ଜିତିବା ଦ୍ୱାରା ପ୍ରାରମ୍ଭରେ ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କରେ ଏକ ବିଶେଷ ପ୍ରକାରର ହରମୋନ ସୃଷ୍ଟି ହୁଏ ଯାହା ତାଙ୍କୁ ବାରମ୍ବାର ଖେଳିବାକୁ ପ୍ରେରଣା ଦିଏ । ପରେ ଏମିତି ଗୋଟେ ଅବସ୍ଥା ଆସେ ଯେତେବେଳେ ପିଲାଟି ଖେଳରୁ କୌଣସି ଆନନ୍ଦ ପାଉନଥିଲେ ବି ନିଶାଗ୍ରସ୍ତ ହୋଇ ଖେଳିଥାଏ । ଜଣେ ବିଶିଷ୍ଟ ମନୋଚିକିତ୍ସକ କହିଛନ୍ତି ଯେ ପ୍ରତିଦିନ ସେ ଦେଖୁଥିବା ପ୍ରାୟ ୫୦ ଜଣ ରୋଗୀଙ୍କ ମଧ୍ୟରୁ ଦୁଇରୁ ତିନି ଜଣ ଅନ୍ ଲାଇନ ଗେମ୍ କିମ୍ବା ଇଂଟରନେଟ ପ୍ରତି ନିଶାରେ ପୀଡିତ ।

# ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ ଉଦ୍‌ଯାପିତ



ବାସୁଦେବପୁର, ୦୫/୫ (ନି.ପ୍ର): ବାସୁଦେବପୁର ବାଲି ନଗର ଯାଦବ ପଡ଼ିଆରେ ଦଶ ଦିନ ଧରି ଚାଲିଥିବା ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ ମହା ସମାରୋହରେ ଉଦଯାପିତ ହୋଇଯାଇଛି । ବାସୁଦେବପୁର ନବ ନିର୍ମାଣ ସେନା ଓ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଉଦଯାପନ ଦିବସରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ମହାକାଳପଡ଼ା ବିଡିଓ ତଥା ଯୁବ ସାହିତ୍ୟିକ ସୌମ୍ୟଶ୍ରୀ ପାଣିଗ୍ରାହୀ, ଶିକ୍ଷାବିତ୍ ଡକ୍ଟର ପ୍ରତାପ ନାୟକ, ବିଜେପି ର ବାସୁଦେବପୁର ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପି ନେତା ଅଶୋକ ସାହୁ, ସମାଜସେବୀ ଚନ୍ଦ୍ରକାନ୍ତ ଦାସ, ନବ ନିର୍ମାଣ ସେନାର ସଭାପତି ଜୟ ପ୍ରକାଶ ମଲ୍ଲିକ ଓ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାକୁଡ଼ । ସମସ୍ତ ଅତିଥି କଳା ସାହିତ୍ୟ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ମାଟି ଓ ସ୍ୱାଧିନତା ସଂଗ୍ରାମର ପବିତ୍ର ମାଟିକୁ ପ୍ରଶଂସା କରିବା ସହିତ ରକ୍ତତୀର୍ଥ ଇରମ ଘଟଣା କୁ ମଧ୍ୟ ଆଲୋଚନା କରିଥିଲେ । ରଞ୍ଜନ ନାୟକ ମଞ୍ଚ ସଂଯୋଜନା କରିଥିଲେ । ନବ ନିର୍ମାଣ ସେନାର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ । ଏହି ଉତ୍ସବରେ ବିଭିନ୍ନ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ମୁଖପତ୍ର ଭାବ ବନ୍ଧନ ପାଇଁ ପ୍ରସ୍ତୁତି ବୈଠକ

ଉଦଳା , ୦୫/୫ (ନି.ପ୍ର): ନୁଦଡ଼ିହା ପିଙ୍ଗୁସ୍ଥିତ ବିରାଟ ଲୀଳାକ୍ଷେତ୍ରର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅବସରରେ ପ୍ରକାଶିତ ହେଉଥିବା ବାର୍ଷିକ ଆଧ୍ୟାତ୍ମିକ ପତ୍ରିକା 'ଭାବବନ୍ଧନ'ର ପ୍ରାକ୍-ପ୍ରସ୍ତୁତି ବୈଠକ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ଭାବବନ୍ଧନ ମୁଖପତ୍ରର ମୁଖ୍ୟ ସଂପାଦକ ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରଂପରାକୁ ନେଇ ଲେଖା ଆହ୍ୱାନ କରିବା ସଂପର୍କରେ ମତ ଉପସ୍ଥାପନ କରିଥିଲେ । ସହ-ସଂପାଦକ ମନୋରଂଜନ ମଲ୍ଲିକ ଭାବବନ୍ଧନ ପତ୍ରିକା ପ୍ରକାଶନ ଦ୍ୱାରା ଗ୍ରାମାଂଚଳର ଲେଖକ/ଲେଖିକା ମାନଙ୍କୁ କିପରି ନିଜର ଭାବ ପ୍ରକାଶ କରିବାରେ ମୂଳଦୂଆ ସ୍ଥାପନ କରିବାରେ ସହାୟକ ହୋଇପାରିଛନ୍ତି ତାହା ଦର୍ଶାଇଥିଲେ । ସଂପାଦକମଣ୍ଡଳୀ ପତ୍ରିକା ପ୍ରକାଶନ ନିମନ୍ତେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ମତ ଉପସ୍ଥାପନ କରି ଏହାର ସମାଧାନ ଦିଗରେ ଗୁରୁତ୍ୱ ଦେବା ପାଇଁ ସୁଚିନ୍ତିତ ଦିଗ୍‌ଦର୍ଶନ ଦେଇଥିଲେ । ଲେଖାଗୁଡ଼ିକ ୨୦୨୫ ମଇ ମାସ ୩୧ ତାରିଖ ମଧ୍ୟରେ (୧) ପ୍ରଫୁଲ୍ଲ କୁମାର ଖିଲାର, ଅବସରପ୍ରାପ୍ତ ଶିକ୍ଷକ, ଜଗନ୍ନାଥୀ, ୱାର୍ଡ଼ ନଂ -୧୧, ମୟୂରଭଂଜ, ମୋ-୮୯୦୮୬୫୬୬୬୨, (୨) ମନୋରଂଜନ ମଲ୍ଲିକ, ଗ୍ରନ୍ଥାଗାରିକ, ମେଘାସନ ମହାବିଦ୍ୟାଳୟ, ନୁଦଡ଼ିହା, ମୟୂରଭଂଜ, ମୋ- ୯୪୩୮୧୧୬୮୪୨ ଓ (୩) ଭୋଳାନାଥ ସାହୁ, ପ୍ରାକ୍ତନ ପ୍ରାଧ୍ୟାପକ, ଯନ୍ତୀଦା, ଉଦଳା, ୱାର୍ଡ଼ ନଂ-. ମୟୂରଭଂଜ, ମୋ-୯୯୩୭୧୫୧୩୧୦ ସଂପାଦକଙ୍କ ନିକଟରେ ପୈଠ କରିବାକୁ ସୂଚନା ପ୍ରଦାନ କରାଯାଇଛି । କାର୍ଯ୍ୟବ୍ୟସ୍ତତା ଯୋଗୁଁ ଅନୁପସ୍ଥିତ ଥିବା ମନ୍ଦିର କମିଟିର ସଭାପତି ସର୍ବେଶ୍ୱର ରାଉତ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପ୍ରୋତ୍ସାହନ ଦେଇଥିଲେ । ଉପଦେଷ୍ଟା ସୁଧାଂଶୁ କୁମାର ଦାସ, ସଂପାଦକ ନକୁଳ ଜେନା, ନିରଂଜନ ପରିଡ଼ା, ଦିବାକର ନାୟକ, ଜନାର୍ଦ୍ଦନ ଜେନା ପ୍ରମୁଖ ଉପସ୍ଥିତ ରହି ଭାବବନ୍ଧନ ପତ୍ରିକା ପ୍ରକାଶନର ଉନ୍ନତିମୂଳକ ଦିଗ ସଂପର୍କରେ ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ଶେଷରେ ସଂପାଦକ ପ୍ରଫୁଲ୍ଲ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ ।

## ତାଜମହଲ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

କିନ୍ତୁ ଦୁହେଁ , ଏବିଷୟରେ ପୁଅକୁ କହିବାକୁ ମନା କରିଦେଲେ । ତୁମେ ଝିଅ ଜ୍ୱାଇଁ କେବେ କେବେ ଆସ ! ମଝିରେ ମଝିରେ ବୁଲିକରି ଯିବ , ଏହା ଆମ ପାଇଁ ଯଥେଷ୍ଟ । ଝିଅ ପରଘର ହେବା ପରେ ତା' ଠାରେ ଆଉ କ'ଣ ଅଛି । ବାସ୍ତବରେ ପୁଅ ବୋହୂ ଯିବା ପରେ ପତି ପତ୍ନୀଙ୍କ ହୃଦୟରେ ଅନେକ ଯନ୍ତ୍ରଣା ଅନୁଭବ ହୋଇଥିଲା, ଘର କଥା ନୁହେଁ । ଦୁହେଁ ପରସ୍ପରକୁ ବହୁତ ସାନ୍ତ୍ୱନା ଦେଇଥିଲେ । କିନ୍ତୁ ସେମାନେ ଦିନେ ବିଶ୍ୱାସ କରିନଥିଲେ ଯେ ପୁଅ ସେମାନଙ୍କୁ ଏପରି ଏକା ଛାଡି ପାରିବେ । ଉଭୟ ପରସ୍ପର ସାମ୍ନାରେ ଖୁସି ରହିବାକୁ ଚେଷ୍ଟା କରନ୍ତି । କିନ୍ତୁ ଏକୁଟିଆ ସମୟରେ ଲୁହକୁ ରୋକିବାରେ ଅସମର୍ଥ ହୋଇଥାଆନ୍ତି ।

'ଆରେ । ଚା ତିଆରି କରୁଛ ନା ନାହିଁ , ରାକେଶଙ୍କ ସ୍ୱର । ଏହା ଶୁଣି ଅନାମିକାଙ୍କ ଧ୍ୟାନ ଭାଙ୍ଗିଗଲା ।

ଆଜି ଚାଲ ବଜାରକୁ ଯିବା । ତାଙ୍କୁ ଏକ କପ୍ ଚା 'ଦେବାବେଳେ ରାକେଶ କହିଛନ୍ତି । 'ହଁ ହଁ ଚାଲ ଯିବା ।' ଚା 'କପ୍ ଧରିଥିବାବେଳେ ରାକେଶ କହିଥିଲେ ।

'ଠିକ ଅଛି, ମୁଁ ବ୍ୟାଗ ଆଣିବି ।'

'ଆରେ, ତୁମେ ଏହିପରି ଚାଲି ଯିବକି ? ଅତି କମରେ ତୁମର ପୋଷାକ ବଦଳାନ୍ତୁ । 'କିଏ ଏ ବୃଦ୍ଧ ବୃଦ୍ଧା ୍ୟସରେ ଦେଖିବ ?' ହଁ ହଁ କେହି ତୁମକୁ ଦେଖନ୍ତି କି ନାହିଁ, କିନ୍ତୁ ମୁଁ ତୁମକୁ ଦେଖେ !' ଏହା କହି ସେ ହସିବାକୁ ଲାଗିଲେ ଅନାମିକା । ସତେ ଯେପରି ସେ ଏହି ହସ ମାଧ୍ୟମରେ ନିଜର ଏକାକୀତାକୁ ଦୂର କରିବାକୁ ଚେଷ୍ଟା କରୁଥିଲେ । ଦୀର୍ଘ ସମୟ ପରେ ତାଙ୍କୁ ଖୋଲାଖୋଲି ହସୁଥିବା ଦେଖି ରାକେଶ ମଧ୍ୟ ତାଙ୍କ ସହିତ ହସିଲେ । ବଜାରରେ ଥିବା ଏକ ଉଷୁମ ପୋଷାକ ଦୋକାନକୁ ଯାଇ ସେ ତାଙ୍କ ପାଇଁ ନେହେରୁ ଜ୍ୟାକେଟ୍ ଓ ଦୁଇଟି ସ୍ୱେଟର୍ କିଣିଲେ । ଏଥିରେ ଆଗପରି ରାକେଶ ଦ୍ୱିଧାବୋଧ କରିନଥିଲେ । ନିଜର ପସନ୍ଦ ଅନୁଯାୟୀ ସ୍ୱେଟର୍ କିଣିଥିଲେ । ଅନାମିକା ଦୋକାନୀଙ୍କୁ କିଛି ଭଲ ପଶମ କୁର୍ତ୍ତା ବାହାର କରିବାକୁ କହିଲେ । ' ସାର୍ଟ କାହା ପାଇଁ ! ' ତୁମ ପାଇଁ , ଆଉ କାହା ପାଇଁ ।' ଓଃ , ମୋର ଅନେକ ସାର୍ଟ ଅଛି । କୌଣସି ଅସୁବିଧା ନାହିଁ, ଗୋଟିଏ କିମ୍ବା ଦୁଇଟି ଅଧିକ ହେଇଗଲେ ଅସୁବିଧା କ'ଣ । ବାଛି ବାଛି ଦୁଇଟି ଭଲ ଶାଢ଼ୀ କିଣି ଥିଲେ । ଏହା ପରେ ଦୁହେଁ ଅପରାହ୍ନରେ ଏକ ରେଷ୍ଟୁରାଣ୍ଟରେ ରାତ୍ରୀ ଭୋଜନ କରିଥିଲେ । ଦୁହେଁ ପରସ୍ପରର ପ୍ରେମାଳାପ ଉପଭୋଗ କରୁଥିଲେ । ଘରକୁ ଫେରିବା ପରେ ହଠାତ୍ ଜଣେ ବ୍ୟକ୍ତି ଆସି ଏକ କନଭ୍ଲେଟ୍ ଦେଇଗଲା । ଦୁହେଁ ବସିଥିଲେ । 'ଏହା କଣ ( ?) ରାକେଶ ଧୀରେ ଅନାମିକାଙ୍କୁ ପଚାରିଲେ ?' 'ଏହାକୁ ଖୋଲ ଓ ଦେଖ ।' ' ଦୁଇଟି ଟିକେଟ୍, ଆଗ୍ରାର । ରାକେଶ ଟିକିଏ ମୁରୁକି ହସିଲେ । 'ଆମେ ପିଲାମାନଙ୍କ ପାଇଁ ଏତେ ବର୍ଷ ବିତାଇଦେଲେ । ହେଲେ ପାଇଲେ କ'ଣ । ଯେଝା ବାଟରେ ଯିଏ । ପିଲାମାନେ ନିଜ ନିଜର ଘର କରିବା ନିଶାରେ ପାରିବାର ହୋଇଗଲେ । କାହିଁକି ନା ଆମେ ମଧ୍ୟ ଏହି ଏକାକୀ ନିଃସଂଗତାରୁ ମୁକ୍ତି ପାଇଁ ଆମ ଜୀବନରେ ଏକ ନୂତନ ଏକାଏକା ବଞ୍ଚିବାର ଜୀବନ ଶୈଳୀ ଆରମ୍ଭ କରିବା । ଯେଉଁ ଇଚ୍ଛା ଆମ ଭିତରେ ଗୋପନରେ ଅନେକ ଦିନୁ ଆମ ମନରେ ଅଦ୍ୟାବଧି ବାନ୍ଧି ହୋଇ ରହିଥାଏ । ଆମକୁ ସେଗୁଡିକ ପୂରଣ କରିବାକୁ ହେବ '। ଦୁହେଁ ଲଗେଜ୍ ପ୍ୟାକ୍ କରିବାରେ ବ୍ୟସ୍ତ ଥିଲେ... ! ! !

+ତାରା ନିଳୟ , ପ୍ଲଟ: ୮୫୪/ଏ
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା:୦୫୫ ,
ମୋ: ୯୦୪୦ ୧୫୧୪

# ସାମ୍ୟବାଦର ପ୍ରବର୍ତ୍ତକ କାର୍ଲ ମାର୍କସଙ୍କ ଜୟନ୍ତୀ ପାଳନ




ଜଳେଶ୍ୱର, ୦୫/୫ (ନି.ପ୍ର): ସମାଜବାଦ ପ୍ରବର୍ତ୍ତକ ବିଶ୍ୱ ବିଖ୍ୟାତ ଦାର୍ଶନିକ ତଥା ସମାଜ ବିଜ୍ଞାନୀ କାର୍ଲ ମାର୍କସଙ୍କ ୨୦୮ ତମ ଜୟନ୍ତୀ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଜଳେଶ୍ୱର ଆଞ୍ଚଳିକ କମିଟିର କାର୍ଯ୍ୟାଳୟରେ ପାଳିତ ହୋଇ ଯାଇଛି ।ପାର୍ଟିର ଜିଲ୍ଲା ସମ୍ପାଦକୀୟ ମଣ୍ଡଳୀ ସଦସ୍ୟ ଦିପ୍ତୀମାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମ୍ପାଦକ ଶିଶିର ହୁଇ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।ଶ୍ରୀ ହୁଇ ତାଙ୍କ ବକ୍ତବ୍ୟରେ କହିଥିଲେ ସମାଜବାଦର ପ୍ରବର୍ତ୍ତକ କାର୍ଲ ମାର୍କସ ପ୍ରଥମ କରି ପୁଞ୍ଜିର ମୁନାଫାଖୋର ଦିଗକୁ ବିଶ୍ଳେଷଣ କରିବା ସହିତ ଶ୍ରେଣୀ ସଂଗ୍ରାମ ସମ୍ପର୍କରେ ବୈଜ୍ଞାନିକ ମତ ଉପସ୍ଥାପନ କରିଥିଲେ ।ଏକ ଶୋଷଣ ବିହୀନ ସମାଜ ଗଠନ ନିମନ୍ତେ ଆହ୍ୱାନ ଦେବାକୁ ଯାଇ କହିଥିଲେ,'ଜାଗାରେ ସର୍ବହରା, ହାରିବାକୁ ହେବ ବନ୍ଧନ ଫାଶ, ଜିଣିବାକୁ ହେବ ଧରା' ।ଧର୍ମ ସମ୍ପର୍କୀତ ତାଙ୍କର ବ୍ୟାଖ୍ୟା କେତେ ସଠିକ୍ ଥିଲା ତାହା ଆଜି ବିଶ୍ୱବାସୀ ମର୍ମେ ମର୍ମେ ଅନୁଭବ କରି ପାରୁଛନ୍ତି ।ମାର୍କ୍ସବାଦ ହେଉଛି ଏକମାତ୍ର ଦର୍ଶନ ଶାସ୍ତ୍ର ଯାହା ମଣିଷକୁ ଶୋଷଣରୁ ମୁକ୍ତି ଦେଇ ପାରିବ ବୋଲି ଶ୍ରୀ ହୁଇ ଦୃଢ଼ତାର ସହ କହିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ ମିଶ୍ର, ପାର୍ଟିର ଜିଲ୍ଲା କମିଟି ସଭ୍ୟ ଦିଲ୍ଲୀପ ଗିରି, ମମି ପଣ୍ଡା, କୃଷକ ନେତା ରବିନ୍ଦ୍ର ବାରିକ, ଶ୍ରମିକ ନେତା ପଲ୍ଟୁ ଦାସ, ଜୀବନ ପରିଡ଼ା, ପୂର୍ବତନ ସରପଞ୍ଚ ତଥା ଯୁବ ନେତା ଦିଲ୍ଲୀପ ପରିଡ଼ା, ଗଣେଶ ଭୂୟାଁ, ଧନଞ୍ଜୟ ପଲାଇ, ଅନନ୍ତ ମୁଖୀ, ଶେଖ୍ ନାଜିରୁଦ୍ଦିନ, ରାଜୀବ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।ସଭାର ପ୍ରାରମ୍ଭରେ କାର୍ଲ ମାର୍କସଙ୍କ ଫଟୋ ଚିତ୍ରରେ ପୁଷ୍ପ ଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋକୁ କୃଷି କ୍ଷେତ୍ରରେ ସମ୍ବର୍ଦ୍ଧନା



ବାସୁଦେବପୁର, ୦୫/୫ (ନି.ପ୍ର): ଓଡ଼ିଶାର କୃଷି ଓ କୃଷକର ବିକାଶ କ୍ଷେତ୍ରରେ ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ସବୁବେଳେ କାର୍ଯ୍ୟ କରିଆସୁଛି । ୨୦୧୮ରୁ ଆରମ୍ଭ ହୋଇଥିବା ଏହି ଉଦ୍ୟୋଗ ଏବେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜୈବିକ କୃଷିର ପ୍ରଚାର ପ୍ରସାର କରିବା ସହ ଜୈବ ଉତ୍ପାଦର ବିପଣନ ଦିଗରେ ମଧ୍ୟ କାର୍ଯ୍ୟ କରୁଛି । କୃଷି ଭିତ୍ତିକ ସୂଚନାକୁ ସହଜରେ ଓ କମ ସମୟରେ ଚାଷୀ ମାନଙ୍କ ନିକଟରେ ପହଁଚାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରେ । ୭ମ ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବରେ ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋକୁ କୃଷି କ୍ଷେତ୍ରରେ ଏହି ସମ୍ମାନ ମିଳିଛି । କୃଷି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଉଦ୍ୟୋଗ ବର୍ତ୍ତମାନ ସମୟରେ ମହିଳା ସଶକ୍ତିକରଣ , ଡ଼ିଜିଟାଲ ମାଧ୍ୟମରେ କୃଷକ ମାନଙ୍କ ବିକାଶ ଦିଗରେ ମଧ୍ୟ କାର୍ଯ୍ୟକରୁଛି । ୧୮୦୦୦ରୁ ଉର୍ଦ୍ଧ୍ୱ ଚାଷୀ ମାନଙ୍କୁ ସଂଗଠିତ କରି ଜୈବ ଚାଷର ଅଧିକ ପ୍ରସାର ପାଇଁ ରସାୟନ ମୁକ୍ତ ଓଡ଼ିଶାର ଆହ୍ୱାନରେ ଏହା ନିଜର ପାରଦର୍ଶିତା ପ୍ରତିପାଦିତ କରିଛି । ଏହି ଉପକ୍ରମରେ ସୂଚନା ଥାଉ କି ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ବାସୁଦେବପୁର ସହରରୁ ହିଁ ଆରମ୍ଭ ହୋଇଥିଲା । ତେବେ ବାସୁଦେବୁପର ସୌରଭ ସମ୍ମାନ ମହୋତ୍ସବର ଉଦଯାପନୀ ସମାରୋହରେ ମହାକାଳପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀ, ବିଜେପି ନେତା ବାଣୀକଲ୍ୟାଣ ମହାନ୍ତି ତଥା ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ତରଫରୁ ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ଦାସ ଏହି ସମ୍ମାନ ଗ୍ରହଣ କରିଥିଲେ । ତେବେ ଆଗାମୀ ଦିନରେ ଜୈବ ଓଡ଼ିଶା ଗଠନ ସହ ରାଜ୍ୟର ୧୦ଲକ୍ଷ ଚାଷୀଙ୍କୁ ଡ଼ିଜିଟାଲ ମାଧ୍ୟମରେ ସଶକ୍ତ କରିବା ଆମ ଲକ୍ଷ୍ୟ ବୋଲି ଏହାର ନିର୍ଦ୍ଦେଶିକା ଡ଼ି ସ୍ୱାତୀ କହିଛନ୍ତି ।

## ଧାନ ବିକ୍ରି କରିବାର ୪ ମାସ ପରେ ମଧ୍ୟ ମିଳୁନାହିଁ ଟଙ୍କା

କେନ୍ଦ୍ରାପଡା, ୦୫/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆୟବା କୃଷି ସମବାୟ ସମିତିରେ ଦୀର୍ଘ ୪ ମାସ ତଳେ ଆଶାଲତା ନାୟକ ତାଙ୍କର ଧାନ ବିକ୍ରି କରିଥିଲେ ମଧ୍ୟ ୪ ମାସ ହେଲା ସେ ଟଙ୍କା ପାଇପାରୁନାହାଁନ୍ତି । ଏହି ସମିତିରେ ଆଶାଲତା ୧୦୨ ବସ୍ତା ଧାନ ଆନୁମାନିକ ଧାନ ପ୍ରାୟ ୩୫ କ୍ୱିଂଟାଲ ହେବ ସେ ମଣ୍ଡିରେ ବିକ୍ରି କରିଥିଲେ । ଏହି ମଣ୍ଡିରେ ଧାନ ବିକ୍ରି କରିବାର ୪ ମାସ ବିତିଯାଇଥିଲେ ମଧ୍ୟ ପାକ୍ସର ସଂପାଦକ, ସଭାପତି ଏ ଦିଗରେ କିଛି ପଦକ୍ଷେପ ନେଉନାହାନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଜେଡିର ନୂଆ ଟିମ୍...

କମିଟି ଘୋଷଣା କରାଯାଇଛି । ତେବେ ଦୀର୍ଘ ବର୍ଷ ପରେ ବିଜେଡି ପୁଣିଥରେ ଗଠନ କରିଥିବା ପଲିଟିକାଲ ଆଫେୟାର୍ସ ବା ରାଜନୈତିକ ବ୍ୟାପାର କମିଟିକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା ଓ ଆଲୋଚନା । ଯାହା ପଲିଟିକାଲ୍ ଆଫାୟାର୍ସ କମିଟି ନୁହେଁ ବରଂ ପାଣ୍ଡିଆନ ଆଫାର୍ୟସ କମିଟି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । କାରଣ ଏହି କମିଟିରେ କେବଳ ପାଣ୍ଡିଆନ ମାର୍କା ନେତାଙ୍କୁ ହିଁ ମିଳିଛି ସ୍ଥାନ । କମିଟିର ଅଧ୍ୟକ୍ଷ ଖୋଦ୍ ନବୀନ ଥିବାବେଳେ ସଦସ୍ୟ ଭାବେ ରହିଛନ୍ତି ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ବିକ୍ରମ ଆରୁଖ, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ସୁଦାମ ମାରାଣ୍ଡି, ପ୍ରମିଳା ମଲିକ, ସସ୍ମିତ ପାତ୍ର ଓ ସଂତୃପ୍ତ ମିଶ୍ରଙ୍କ ଭଳି ୯ ଜଣ ନେତା । ସେପଟେ ଅସନ୍ତୁଷ୍ଟଙ୍କୁ ଥଇଥାନ କରିବାକୁ ବିଭିନ୍ନ ଛାମୁଆ ସଂଗଠନ ପଦବିର ଥୋପ ଦେଇଛନ୍ତି ନବୀନ । ପ୍ରସନ୍ନ ଆଚାର୍ଯ୍ୟ, ଅନଙ୍ଗ ଉଦୟ ସିଂହଦେଓ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଦ୍ରି ନାରାୟଣ ପାତ୍ର, ଦେବାଶିଷ ସାମନ୍ତରାୟ, ଅରୁଣ ସାହୁ, ମହେଶ ସାହୁ, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଭଳି ନେତାଙ୍କୁ କରାଯାଇଛି ଥଇଥାନ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦଳର ପକ୍ଷରୁ ଘୋଷଣା କରାଯାଇ ଥିବା ୭୧ ଜଣିଆ ରାଜ୍ୟ ପଦାଧିକାରୀ ତାଲିକାରେ ଉଭୟ ଯୁବ, ବରିଷ୍ଠଙ୍କୁ ରଖି କନ୍ଦଳ ଦୂର ପାଇଁ ପ୍ରୟାସ କରିଛନ୍ତି ନବୀନ । ବରିଷ୍ଠ ଉପସଭାପତି ମୁଖ୍ୟାଳୟ ଭାବେ ଦେବୀପ୍ରସାଦ ମିଶ୍ର, ଉପସଭାପତି ମୁଖ୍ୟାଳୟ ଭାବେ ପ୍ରତାପ ଜେନାଙ୍କୁ ଦାୟିତ୍ୱ ଦିଆଯାଇଛି । ହେଲେ ବବିଙ୍କୁ ବଢୁଥିବା ବିରୋଧକୁ ଦେଖି ସଂଗଠନ ସଂପାଦକ ପଦବୀକୁ ଉଚ୍ଛେଦ କରି ଦେଇଛନ୍ତି ନବୀନ । ବବିଙ୍କୁ ଏଥର ଉପସଭାପତି ପଦବି ମିଳିଛି । ଅନ୍ୟପକ୍ଷରେ ଦଳ ବିରୋଧରେ ମୁହଁ ଖୋଲିଥିବା କିଛି ବରିଷ୍ଠଙ୍କ ପକ୍ଷ ଛେଦନ କରାଯାଇଛି । ଭୂପିନ୍ଦର ସିଂ, ଶଶିଭୂଷଣ ବେହେରା, ପ୍ରଫୁଲ୍ଲ ମଲ୍ଲିକଙ୍କ ଭଳି ବରିଷ୍ଠ ନେତାଙ୍କୁ କୌଣସି ସାଂଗଠନିକ ଦାୟିତ୍ୱ ମିଳିନି । ଏସବୁ ଭିତରେ କିନ୍ତୁ କନ୍ଦଳ କାରଣରୁ ଆହୁରି ୯ ଜିଲ୍ଲାର ସଭାପତି ପଦବୀ ଘୋଷଣା କରିପାରିନି ବିଜେଡି । ଦେଖିବାର କଥା ଗଠନ ହୋଇଥିବା ଟିମ୍, ବିଜେଡିକୁ କେଉଁ ଆଡ଼କୁ ନେଇକି ଯାଉଛି ।

### ତେଜୁଛି 'ଜଗନ୍ନାଥ ଧାମ' ...

ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କୌଣସି ଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠିତ ଶ୍ରୀବିଗ୍ରହଙ୍କୁ ସମର୍ପିତ ନୈବେଦ୍ୟକୁ 'ମହାପ୍ରସାଦ' କହିବା ଶାସ୍ତ୍ରସମ୍ମତ ନୁହେଁ । କହିରଖୁଛୁ କି, ଅକ୍ଷୟ ତୃତୀୟ ଦିନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୀଘାଠାରେ ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ । ମମତାଙ୍କ ନିମନ୍ତ୍ରଣ କ୍ରମେ ପୁରୀରୁ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ସମେତ କିଛି ସେବାୟତ ଏହି ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ । କିନ୍ତୁ ଏହି ମନ୍ଦିରକୁ ନେଇ ଏତେ ବିବାଦ ହେବାର କାରଣ ହେଲା, ଏହାକୁ 'ଜଗନ୍ନାଥ ଧାମ' ବୋଲି କୁହାଯିବା ଏବଂ ବଳକା ନବକଳେବର ଦାରୁରେ ଦୀଘା ବିଗ୍ରହ ନିର୍ମାଣ ନେଇ ଚର୍ଚ୍ଚା ହେବା । ଭାରତରେ ୪ଟି ଧାମ, ସେଥିମଧ୍ୟରୁ ପୁରୀରେ ଅବସ୍ଥିତ ଶ୍ରେଷ୍ଠ ଜଗନ୍ନାଥ ଧାମ । ଅନ୍ୟ କୌଣସି ମନ୍ଦିରକୁ ଜଗନ୍ନାଥ ଧାମ କୁହାଯାଇ ପାରିବ ନାହିଁ । ଏହାସତ୍ତ୍ୱେ ଦୀଘା ମନ୍ଦିରକୁ ଧାମ କୁହାଯାଉଥିବାରୁ ଏହାକୁ ନେଇ ଓଡ଼ିଶାରେ ବିରୋଧ ଓ ବିବାଦ ତେଜିଛି । ଏହି ବିବାଦ ପରେ ପଶ୍ଚିମବଙ୍ଗ ସରକାର ଦୀଘା ମନ୍ଦିରର ଗୋଟିଏ ସ୍ଥାନରୁ ଜଗନ୍ନାଥ ଧାମ ଲେଖିଥିବା ଫଳକ ହଟାଇଥିଲେ ହେଁ ଏବେ ବି ମନ୍ଦିର ୱେବସାଇଟ୍‌ରେ 'ଧାମ' ଲେଖାରହିଛି ।

### ଦ୍ୱନ୍ଦ ଦୂର କଲେ...

ଅନ୍ୟ କୌଣସି ସ୍ଥାନକୁ ଧାମ କୁହାଯାଇ ପାରିବ ନାହିଁ । ସେହିପରି ଦୀଘା ବେଳାଭୂମିକୁ ମହୋଦଧି କହିବାକୁ ବିରୋଧ କରୁଛୁ । ଏନେଇ ରାଜ୍ୟ ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖିବେ । ସେ ନ ମାନିଲେ ଆମେ ଆଇନର ଆଶ୍ରୟ ନେବୁ କହିଛନ୍ତି ପୃଥ୍ୱୀରାଜ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆହୁରି କହିଛନ୍ତି, ''ଜଗନ୍ନାଥଙ୍କ ଜିନିଷ ନେଇ କେହି ବଞ୍ଚିଯାଇ ପାରିବେନି । ପୂର୍ବରୁ ମଧ୍ୟ ଏହାର ଉଦାହରଣ ଅଛି । ମହାପ୍ରଭୁଙ୍କ ଜିଭ ଛେଲା ଜଣେ ସେବାୟତ ଚୋରି କରିନେଇଥିଲେ । ମାତ୍ର କିଛି ଦିନରେ ସେ ପକ୍ଷାଘାତର ଶିକାର ହୋଇ ତାଙ୍କର ଦେହାନ୍ତ ହେଲା ।'' ତେବେ ସବୁ ଜଗନ୍ନାଥ ମନ୍ଦିର ନେଇ ମାର୍ଗଦର୍ଶିକା ଆସିବ । ସେବାୟତଙ୍କ ଲାଗି ଏସଓପି ଅଣାଯିବ ବୋଲି ସେ ସୂଚନା ଦେଇଛନ୍ତି ।

### ପୁଣି ଚମକାଇଲା ଡୋନାଲ୍ଡ ...

ଏକ ପୋଷ୍ଟ ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ସେୟାର କରିଛନ୍ତି । ଟ୍ରମ୍ପଙ୍କ ୧୦୦ ପ୍ରତିଶତ ଶୁଳ୍କ ନିଷ୍ପତ୍ତିର ସିଧାସଳଖ ପ୍ରଭାବ ହଲିଉଡ୍ ଉପରେ ପଡ଼ିବ । ହଲିଉଡ୍‌ରେ ନିର୍ମିତ ଚଳଚ୍ଚିତ୍ରଗୁଡ଼ିକୁ ଏବେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଟ୍ରମ୍ପ ବିଶ୍ୱାସ କରନ୍ତି ଯେ ବିଦେଶରେ ନିର୍ମିତ ଚଳଚ୍ଚିତ୍ର ଦ୍ୱାରା ଆମେରିକାର କ୍ଷତି ହେଉଛି । ସେପଟେ ବଲିଉଡ୍‌ରେ ଏନେଇ ବିରୋଧ ଆରମ୍ଭ ହେଲାଣି ।

# ରାସ୍ତା ଦୁର୍ଘଟଣାର ବ୍ୟବସାୟୀଙ୍କ ମୃତ୍ୟୁ

ନୀଳଗିରି , ୦୫/୫ (ନି.ପ୍ର): ରାସ୍ତା ଦୁର୍ଘଟଣା ଘଟି ଜଣେ ଯୁବବ୍ୟବସାୟୀଙ୍କ ଅକାଳ ମୃତ୍ୟୁକୁ ନେଇ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ବାବନ୍ଧ ଗ୍ରାମର ଧ୍ରୁବଚରଣ ସିଂହଙ୍କ ପୁଅ ମନୋରଞ୍ଜନ ଓରଫ କାଳିଆ (୫୦) ଗତ ୨ତାରିଖ ନିକଟସ୍ଥ ପୋଡାଶୂଳ ବଜାରରେ ଏକ ଲୁଗାଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ । ଗତ ୨ତାରିଖ ଶୁକ୍ରବାର ଦୋକାନ ବନ୍ଦକରି ରାତ୍ରି ପ୍ରାୟ ୧୦ଟା ସମୟରେ ଅନ୍ୟଜଣେ ସହଯୋଗୀ ଚାଳକ ଶଶଧର ସିଂହଙ୍କ ସହିତ ଓଡି -୦୧ଏ ୱାଇ ୬୩୮୫ନଂ ହୁଣ୍ଡା ଏଚପି ୧୨୫ ମଟରସାଇକେଲ ପଛରେ ବସି ଘରକୁ ଫେରୁଥିବା ବେଳେ ଚତରସାହି ଉମାଅର୍ଜୁନ ବାଳିକା ବିଦ୍ୟାଳୟ ନିକଟରେ ଦୁଇଟି କୁକୁର ହଠାତ୍ ମଟରସାଇକେଲ ସାମ୍ନାକୁ ଆସିଯିବାରୁ ହଠାତ୍ ଚାଳକ ଶଶଧର ବ୍ରେକ ମାରି ଦେଇଥିଲେ ।ଫଳରେ ଉଭୟ ଗାଡିରୁ ତଳକୁ ଖସିପଡ଼ିଥିଲେ । ଶଶଧର ସାମାନ୍ୟ ଆହତ ହୋଇଥିବା ବେଳେ ମନୋରଞ୍ଜନଙ୍କ ମୁଣ୍ଡ ଏବଂ ହାତରେ ଗଭୀର ଆଘାତ ଲାଗିଥିଲା । ଖବରପାଇ ସ୍ଥାନୀୟ ଲୋକଙ୍କ ସହିତ ସାନଭାଇ ଦିବ୍ୟଲୋଚନ ଉଭୟଙ୍କୁ ନୀଳଗିରି ପରେ ବାଲେଶ୍ୱର ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ । ମନୋରଞ୍ଜନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ କଟକ ବଡ଼ମେଡ଼ିକାଲ ନେଉଥିବା ବେଳେ ଭଦ୍ରକ ନିକଟରେ ସନ୍ଦେହ ହେବାରୁ ଭଦ୍ରକ ଡାକ୍ତରଖାନା ନେଇଥିଲେ ହେଁ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ ।ଏନେଇ ଦିବ୍ୟଲୋଚନ ଭଦ୍ରକ ଟାଉନଥାନାରେ ଶଶଧରଙ୍କ ବେପରୁଆ ଗାଡିଚାଳନା ପାଇଁ ଭାଇଙ୍କର ଜୀବନ ଯାଇଥିବା ଅଭିଯୋଗ କରିଥିବା ବେଳେ ଶବବ୍ୟବଚ୍ଛେଦ ସହ ତଦନ୍ତକରି ପରିବାରକୁ ନ୍ୟାୟଦେବାକୁ ଅନୁରୋଧ କରିଛନ୍ତି ।


## SRIAUROBINDO PURNANGA SHIKSHYA NIKETAN (SAPSN)

**AT/PO-CHHAMAUJ , VIA-JALESWAR**
**DIST-BALASORE , MOB-9437532022**

**Admission Notice**

*S.A.P.S.N., Chhamauj , Jaleswar , Balasore -756086 (One Residential School) has invited applications from parents in Primary class ( Class-1 to 5 ) for Both Boys & Girls within 31st May -2025 .*

*For Free admission in entry class (Class-1only) weaker & disadvantage group 25% of total seat reserved for them as per RTE norms . Parents from SC, ST, and SEBC categories with Ration card holders can apply with proper evidence within 2 k.m. radius from school .*

*Principal*
*SAPSN , Chhamauj*


# ଶିକ୍ଷାବିତ୍ ସଂକର୍ଷଣ ମିଶ୍ରଙ୍କ ପରଲୋକ

କଟକ, ୦୫/୫ (ନି.ପ୍ର): ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଡକ୍ଟର ସଂକର୍ଷଣ ମିଶ୍ର (୮୦)ଙ୍କର ଶନିବାର ରାତିରେ ତାଙ୍କ ଶିଖରପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ଦୁଇପୁଅ, ବୋହୂ ଓ ନାତି ଉପସ୍ଥିତ ଥିଲେ । ଡକ୍ଟର ମିଶ୍ର 'ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦ, ଓଡ଼ିଶା'ର ଉପସଭାପତି ଥିଲେ ଏବଂ ପରିଷଦର ମୁଖପତ୍ର 'ରାଷ୍ଟ୍ରବାଦୀ'ର ସମ୍ପାଦନା କରୁଥିଲେ । ସେ ଓଡ଼ିଶାର ଅଳଙ୍କାର ଶାସ୍ତ୍ର ଉପରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ଲାଭ କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ମାଧ୍ୟମିକ ଶିକ୍ଷା ବୋର୍ଡ଼ର ପୂର୍ବତନ ସଭାପତି ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ଯୁଗ୍ମସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି, 'ର୍ନିର୍ତା'ର ନିର୍ଦ୍ଦେଶକ ଡକ୍ଟର ପତିତପାବନ ମହାନ୍ତି, ବରିଷ୍ଠ ଶିକ୍ଷାବିତ୍ ରବିନାରାୟଣ ମହାନ୍ତି ପ୍ରମୁଖ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ଏବଂ ବଡ଼ପୁଅ ବାଣୀପ୍ରସାଦ ମୁଖାଗ୍ନି ଦେଇଥିଲେ । ଡକ୍ଟର ମିଶ୍ରଙ୍କ ବିୟୋଗରେ 'ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦ, ଓଡ଼ିଶା'ର ପୂର୍ବତନ ସଭାପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସଂଗଠନ ସମ୍ପାଦକ ମହେନ୍ଦ୍ର କାପୁର, ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି, ପୂର୍ବତନ ସଭାପତି ଡକ୍ଟର ବିମଳ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି ।

# ଜାନୁଆରୀ ୩୧ ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇଥିବା ମାମଲାରେ ବିଳମ୍ବିତ ରାୟ ଉପରେ ସମସ୍ତ ହାଇକୋର୍ଟଙ୍କୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୦୫/୫ (ନି.ପ୍ର): ଝାଡ଼ଖଣ୍ଡ ହାଇକୋର୍ଟ ୬୭ ଅପରାଧିକ ମାମଲାରେ ଫଇସଲା ସଂରକ୍ଷିତ ରଖିବାର ମାସେରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ରାୟ ଶୁଣାଇ ନାହାଁନ୍ତି, ଯାହାକୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ । ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ବେଂଚ ଦେଶର ସମସ୍ତ ହାଇକୋର୍ଟରୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ରାୟ ସଂରକ୍ଷିତ ରଖାଯାଇଥିବା ମାମଲା ବିଳମ୍ବିତ ହେବା ଉପରେ ଏକ ମାସ ମଧ୍ୟରେ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହା ଅତ୍ୟନ୍ତ ଚିନ୍ତାଜନକ ଅଟେ ଯେ, ରାୟ ସଂରକ୍ଷିତ ରଖାଯିବାର ଦୀର୍ଘ ସମୟ ବିତି ଯାଇଥିଲେ ସୁଦ୍ଧା ରାୟ ପ୍ରକାଶ ପାଇନାହିଁ । ତେବେ ଏହି ମାମଲା ଉପରେ ଏକ ଦିଶା ନିର୍ଦ୍ଦେଶ ଜାରି କରାଯିବ । ଏପରି ହେବା ଅନୁଚିତ୍ । ଶୁଣାଣି ସମୟରେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନରାଲ ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ,୨୦୨୨ ଜାନୁଆରୀ ଠାରୁ ୨୦୨୪ ଡିସେମ୍ବର ପର୍ଯ୍ୟନ୍ତ ହାଇକୋର୍ଟଙ୍କ ଡିଭିଜନ ବେଂଚ ୫୬ ଅପରାଧିକ ଅପିଲ୍ ଉପରେ ଶୁଣାଣି କରିଛନ୍ତି । ସେସବୁ ଉପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ରାୟ ଶୁଣାଇନାହାଁନ୍ତି । ଝାଡ଼ଖଣ୍ଡ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନରାଲ କହିଛନ୍ତି ଯେ, ହାଇକୋର୍ଟଙ୍କ ସିଙ୍ଗଲ ବେଂଚ ୧୧ ଅପରାଧିକ ଅପିଲ୍ ଉପରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ କିନ୍ତୁ ଏ ପର୍ଯ୍ୟନ୍ତ ରାୟ ଶୁଣାଇ ନାହାଁନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଜିଲ୍ଲା ପ୍ରେସ କ୍ଲବ ନିର୍ବାଚନ : ଶୁଭ୍ରାଂଶୁ ସଭାପତି, ଦିଲ୍ଲୀପ ସମ୍ପାଦକ ଭାବେ ପୁନଃ ନିର୍ବାଚିତ

ଖୋର୍ଦ୍ଧା, ୦୫/୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ର ୨୦୨୫-୨୦୨୬ ବର୍ଷ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବ ର ବରିଷ୍ଠ ସଦସ୍ୟ ତପନ କୁମାର ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ନିର୍ବାଚନ ପରିଚାଳନା ଅଧିକାରୀ ଭାବରେ ଅବ୍ୟକ୍ତ ହରି ହର ଖାଡ଼ଙ୍ଗାଙ୍କୁ ନିଯୁକ୍ତ କରାଯାଇଥିଲା । ପ୍ରେସ କ୍ଲବ ପରିଚାଳନା ପରିଷଦ ସଦସ୍ୟ ଙ୍କ ମତାମତ ଆଧାର ରେ ସର୍ବସମ୍ମତିକ୍ରମେ ପ୍ରେସ କ୍ଲବ ର କର୍ମକର୍ତ୍ତା ଚୟନ କରାଯାଇଥିଲା । କ୍ଲବ ର ସଦସ୍ୟ ରଞ୍ଜିତ ସାମନ୍ତରାୟ ସଭାପତି ପ୍ରାର୍ଥୀ ଭାବେ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ଓ କୃଷ୍ଣ ଚନ୍ଦ୍ର ଦାଶ ସମର୍ଥନ କରିଥିଲେ । ଜିତେନ୍ଦ୍ର କୁମାର ଭଞ୍ଜ ସମ୍ପାଦକ ପ୍ରାର୍ଥୀ ଭାବେ ଦିଲ୍ଲୀପ କୁମାର ପଟ୍ଟନାୟକ ଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ପ୍ରସନ୍ନ ପାଇକରାୟ ଏବଂ ମହମ୍ମଦ ମୋତାହାର ୟୁସୁଫ ସମର୍ଥନ କରିଥିଲେ । ଉପ-ସଭାପତି ଭାବେ ପ୍ରସନ୍ନ ପାଇକରାୟ ଓ ଲଳିତ ମୋହନ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ରଞ୍ଜିତ କୁମାର ପାଟଶାଣୀ ଓ ଗୋପାଳ କୃଷ୍ଣ ପ୍ରଧାନ, ସହ-ସମ୍ପାଦକ ସୟଦ ଲିୟାକତ ଅଲ୍ଲୀ, କୋଷାଧକ୍ଷ ଶୁଭ୍ରକାନ୍ତ ମହାପାତ୍ର, ଆବାହକ ପ୍ରକାଶ କୁମାର ହାତୀ, ଆଇନ ପରାମର୍ଶଦାତା ଅବ୍ୟକ୍ତ ହରି ହର ଖାଡ଼ଙ୍ଗା ଓ ସଂଗ୍ରାମ କେଶରୀ ହୋତା, ମୁଖ୍ୟ ପରାମର୍ଶଦାତା, ତପନ କୁମାର ନାୟକ,ଗଣମାଧ୍ୟମ ସଂଯୋଜକ ଭାବେ ସନ୍ତୋଷ ଚୌଧୁରୀ ଏବଂ ପରିଚାଳନା ସଦସ୍ୟ ଭାବେ, ଗୋପାଳ କୃଷ୍ଣ ଦାସ, ରାମ ନାରାୟଣ ଦାଶ, ସନ୍ଦୀପ ବର୍ମନ, ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସନ୍ତୋଷ ବାରିକ, ପ୍ରବୀଣ ଭଞ୍ଜ, ପ୍ରକାଶ ପଟ୍ଟନାୟକ ଓ ଜିତେନ୍ଦ୍ର ଭଞ୍ଜ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ଖାଡ଼ଙ୍ଗା ଘୋଷଣା କରିଥିଲେ । ପ୍ରେସ କ୍ଲବ ପକ୍ଷରୁ ନବନିର୍ବାଚିତ ସଦସ୍ୟ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଜୀବିକା ମିଶନ ଏକାଭିମୁଖତା କର୍ମଶାଳା

ବାଲେଶ୍ୱର , ୦୫/୫ (ନି.ପ୍ର): ଅଦ୍ୟ ଅପରାହ୍ନ ୨ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅଡ଼ିଟରିୟମ ଠାରେ ଜିଲ୍ଲାସ୍ତରୀୟ ଜୀବିକା ମିଶନ ଏକାଭିମୁଖତା କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି, ଏହି କର୍ମଶାଳାରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ ମଞ୍ଚାସିନ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ମିଶନ ଶକ୍ତି ଜରିଆରେ ଜୀବିକା ମିଶନ ଏକାଭିମୁଖତା କର୍ମଶାଳା ଉପରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଏଥିରେ ଡି.ପି.ସି ଶ୍ରୀଯୁକ୍ତ କାର୍ତ୍ତିକ ନାୟକ ଜିଲ୍ଲାର ସମସ୍ତ ବ୍ଲକ ରେ କାର୍ଯ୍ୟକ୍ଷମ ଥିବା ମିଶନ ଶକ୍ତି ଏବଂ ଓରମାସ ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଶାନ୍ତନୁ ବାନାର୍ଜୀ ମିଶନ ଶକ୍ତି ଜରିଆରେ ଉତ୍ପାଦିତ ସାମଗ୍ରୀର ଗୁଣବତ୍ତା, ପରିମାଣ, ପେକିଂ, ନାମକରଣ, ବଜାର ବିକ୍ରି ବ୍ୟବସ୍ଥା ସହିତ ବିଭିନ୍ନ ପ୍ରସଙ୍ଗ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ. ଏତଦ ଭିନ୍ନ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଡ. ମଧୁସ୍ମିତା ସାମନ୍ତରାୟ ମିଶନ ଶକ୍ତିର ସଦସ୍ୟା ମାନେ ଜୀବିକା ମିଶନ ଜରିଆରେ ସରକାରଙ୍କ ପ୍ରୋତ୍ସାହିତ ରାଶିର ସଦ ଉପଯୋଗ କରି ଏହାର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ. ଅନ୍ୟମାନଙ୍କ ମଧ୍ୟରେ ଓରମାସ ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଶାନ୍ତନୁ ବାନାର୍ଜୀ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ମଧରେ ବାଲେଶ୍ୱର ସଦର, ବାଲିଆପାଳ, ବସ୍ତା, ଭୋଗରାଇ, ଜଳେଶ୍ୱର, ଖଇରା, ନୀଳଗିରି, ରେମୁଣା, ସୋର, ବାଲେଶ୍ୱର ମୁନିସିପାଲିଟି ମିଶନ ଶକ୍ତି ଜରିଆରେ ଭିନ୍ନ ଭିନ୍ନ ଉତ୍ପାଦିତ ଦ୍ରବ୍ୟ ଯଥା ଶୁଖିଲା ମାଛ, ଅଗରବତ୍ତୀ, ଛତୁ, ମହୁ, ଲାଖ, ଟସର, ମାଣ୍ଡିଆ, ଟେରାକୋଟା ସାମଗ୍ରୀ, ପଥର ଖୋଦେଇ ସାମଗ୍ରୀ, ଚାନ୍ଦୁଆ ଗୁଡିକର ମାନ ବଜାର ବିକ୍ରୟ ଉପରେ ବିଶେଷ ଭାବରେ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବି.ଡି.ଓ ମାନେ ନିଜ ନିଜ ଅଞ୍ଚଳରେ ଉତ୍ପାଦିତ ଦ୍ରବ୍ୟ ମାନଙ୍କ ଚାହିଦା ନିମନ୍ତେ ଆବଶ୍ୟକତା ଉପରେ ପ୍ରସ୍ତାବ ଆଗତ କରିଥିଲେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ କର୍ମଶାଳାରେ ଉପସ୍ଥିତ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ବି.ଡି.ଓ, ବି.ପି.ସି, ଓ.ଏଲ.ଏମ ମାନଙ୍କୁ ମିଶନ ଶକ୍ତି ଜରିଆରେ ଉତ୍ପାଦିତ ସାମଗ୍ରୀ ଗୁଡିକର ବଜାର ବିକ୍ରୟ ବ୍ୟବସ୍ଥା, ଦ୍ରବ୍ୟ ମାନ ବୃଦ୍ଧି ନିମନ୍ତେ ତାଲିମ, ସରକାରୀ ପ୍ରୋତ୍ସାହନ ରାଶି ସମ୍ପର୍କରେ ସମସ୍ତେ ଯତ୍ନବାନ ହେବାପାଇଁ ଏବଂ ସମ୍ପୃକ୍ତ ବିଭାଗ ସହଯୋଗରେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ , ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ନାବାର୍ଡ ମ୍ୟାନେଜେର ଶ୍ରୀଯୁକ୍ତ ତପନ ରାଉତ, ଏଲ.ଡି.ଏମ ଶ୍ରୀଯୁକ୍ତ ମୋତି କୁମାର ସାହା, ଓରମାସର ଶ୍ରୀଯୁକ୍ତ ଶାନ୍ତନୁ ବାନାର୍ଜୀ, ଡି.ପି.ଏମ ବନଜା ମାହାରୀ, ଡି.ପି.ସି. ଶ୍ରୀଯୁକ୍ତ କାର୍ତ୍ତିକ ନାୟକ ସମେତ ଜିଲ୍ଲାର ସମସ୍ତ ବି.ଡି.ଓ, ବି.ପି.ସି, ଓ.ଏଲ.ଏମ ମାନେ ଯୋଗ ଦେଇଥିଲେ।

## ଜନଗଣନା ପୂର୍ବରୁ ରାଜସ୍ୱ ଗାଁ ପାଇଁ ଆସିଥିବା ଆବେଦନକୁ ମଂଜୁରୀ

ଭୁବନେଶ୍ୱର, ୦୫/୫ (ନି.ପ୍ର): ଜୁଲାଇରେ ହେବ ଜନଗଣନା । ଏହା ପୂର୍ବରୁ ପଡା ଗାଁରୁ ରାଜସ୍ୱ ଗ୍ରାମ ହେବା ପାଇଁ ଆସିଥିବା ଆବେଦନ ଗୁଡିକୁ ମଂଜୁର କରିବାକୁ ଚେଷ୍ଟା ହେବ । ୧୦୦୦ ଆବେଦନରୁ ୩୦୦ ରାଜସ୍ୱ ଗାଁ ହୋଇ ସାରିଲାଣି । ମୋଡାଲିଟି ଅନୁସାରେ ଯେଉଁ ପଡା ଗାଁରେ ୨୫୦ ଲୋକ ଥିବେ ଓ ତାହା ମୂଳ ଗାଁରୁ ୫୦୦ ମିଟର ଦୂରରେ ଥିବ, ତାକୁ ହିଁ ରାଜସ୍ୱ ଗାଁ ମାନ୍ୟତା ମିଳିବ । ଅନେକ ଏନଏସି ଓ ମୁନିସିପାଲିଟି ପାଇଁ ବି ପ୍ରସ୍ତାବ ରହିଛି ନଗର ଉନ୍ନୟନ ବିଭାଗ ପାଖରେ । ହେଲେ ଥରେ ଜନଗଣନା ଆରମ୍ଭ ହୋଇଗଲେ, ଏ ସବୁ ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ତେଣୁ ଜୁନ ୩୦ ସୁଦ୍ଧା ସୀମା ପୁନଃନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଧୋବଶିଳା ପଞ୍ଚାୟତ ଜିପିଏଲ୍ଏଫ ଦୁର୍ନୀତିରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ମାମଲା

ନୀଳଗିରି , ୦୫/୫ (ନି.ପ୍ର): ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ରସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବାବେଳେ ଏନେଇ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକର ୨୫ଗୋଟି ପଞ୍ଚାୟତର ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଦିଆଯାଇଛି। ଏହି କ୍ରମରେ ଛେଳିଚାଷ ପାଇଁ ୨୦୨୩ମସିହା ଜାନୁଆରୀ ୨ତାରିଖରେ ବ୍ଲକର ଧୋବଶିଳା ପଞ୍ଚାୟତ ଜିପିଏଲ୍ଏଫ୍ ର ସଭାପତି ପ୍ରଭାତୀ ସ୍ୱାଇଁ, ସମ୍ପାଦିକା ସୁମିତ୍ରା ସିଂ, ଏମବିକେ ରଶ୍ମିତା ସ ଏବଂ ତତ୍କାଳୀନ ବିପିଏମ ତଥା ବର୍ତ୍ତମାନର ଓଏଲ୍ଏମ ଅଧିକାରୀ ଅର୍ଜୁନ ପାଲ ଫଲ୍ସ ବିଲ୍ କରି ଦୁଇଲକ୍ଷ ପଚାଶ ହଜାର ଟଙ୍କା ନିଜନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ପରେ ଏସଂପର୍କରେ ବିଭିନ୍ନ ଏସଏସଜି ମହିଳାମାନେ ଏପରି ଭାବରେ ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ଜାଣି ଅଭିଯୋଗ କରି ଆସୁଥିଲେ ହେଁ ସଂପୃକ୍ତ ଅଧିକାରୀ, ସଭାପତି, ସମ୍ପାଦକ ଏବଂ ଏମବିକେ ଫାଙ୍କି ଆସୁଥିଲେ। ଶେଷରେ ବାଲେଶ୍ୱର ସାଂସଦଙ୍କ ଠାରେ ଅଭିଯୋଗ ପରେ ଗତ ଏପ୍ରିଲ ୧୯ତାରିଖରେ ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ନିର୍ଦ୍ଦେଶରେ ଏବଂ ମାନ୍ୟବର ସାଂସଦଙ୍କ ଉପସ୍ଥିତିରେ ନୀଳଗିରି ବିଡ଼ିଓ ବିକ୍ରମ କିଶୋର ପରିଡା ଏବଂ ଅନ୍ୟ ଅଧିକାରୀ ଧୋବଶିଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଯାଞ୍ଚ କମିଟି ବସିଥିଲା। ଏଥିରେ ସମସ୍ତ ଜିପିଏଲ୍ଏଫ୍ ସଦସ୍ୟା ଉପସ୍ଥିତ, ସଭାପତି, ସମ୍ପାଦକ, ଏମବିକେ ଏବଂ ବିଭାଗୀୟ ଅଧିକାରୀ ଅର୍ଜୁନ ପାଲ ଉପସ୍ଥିତ ରହିଥିଲେ। ସମସ୍ତଙ୍କ ଉପସ୍ଥିତିରେ ସରକାରୀ ଅର୍ଥ ଆତ୍ମସାତ କରିଥିବା ସ୍ୱୀକାର କରିଥିଲେ ଏବଂ ଲିଖିତ ସ୍ୱିକାରୋକ୍ତି ପ୍ରଦାନ କରିଥିଲେ। ପରେ ବିଡ଼ିଓ ଏନେଇ ସମସ୍ତ ଅର୍ଥ ହଡପକାରୀ ବ୍ୟକ୍ତିଙ୍କୁ ଶୁଣାଣୀ ପାଇଁ ନୋଟିସ କରିଥିଲେ। ଏହି ଶୁଣାଣିରେ ସମସ୍ତ ଇସି ମେମ୍ବର,୯ଜଣ ସିଆରପି, ୨ଜଣ ପ୍ରାଣୀମିତ୍ର, ୨ଜଣ କୃଷିମିତ୍ର ଏବଂ ଜିପିଏଲ୍ଏଫ୍ ର ସଭାପତି, ସମ୍ପାଦକ, ଏମବିକେ ଙ୍କ ସହିତ ଅଧିକାରୀ ଅର୍ଜୁନ ପାଲ ଯୋଗଦେଇଥିଲେ। ଅର୍ଥହଡପ ନେଇ ସମସ୍ତ ପ୍ରମାଣ ମିଳିବା ପରେ ଗତ ମଇ ୩ତାରିଖରେ ବିଡ଼ିଓ ଶ୍ରୀଯୁକ୍ତ ପରିଡା ନୀଳଗିରି ଥାନାରେ ଏତଲା ଦେଇଛନ୍ତି। ଏନେଇ ନୀଳଗିରି ଥାନାରେ ୧୫୯/୨୫ରେ କେଶ ରୁଜୁ ହୋଇଥିବା ବେଳେ ୪୦୬/୪୦୯/୩୪ଦଫାରେ ମାମଲା ରୁଜୁ କରାଯାଇ ତଦନ୍ତ ପାଇଁ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ସବ ଇନ୍ସପେକ୍ଟର ସୁବର୍ଣ୍ଣା ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରରେ ନୃତ୍ୟ ସଙ୍ଗୀତ ପରୀକ୍ଷା



ବାଲିଆପାଳ, ୦୫/୫ (ନି.ପ୍ର): ରବିବାର ସ୍ଥାନୀୟ ହନୁମାନ ମନ୍ଦିର ନିକଟସ୍ଥ ସରସ୍ୱତୀ ଶିଶୁମନ୍ଦିର ବାଲିଆପାଳରେ ଗ୍ରାମାଂଚଳର ମେଧାବୀ ଛାତ୍ରଛାତ୍ରୀମାନଙ୍କର ଅର୍ନ୍ତନିହୀତ ଗୁଣାବଳିର ବିକାଶ ନିମନ୍ତେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟ ଅଧିନରେ ନୃତ୍ୟ ସଙ୍ଗୀତ ଏବଂ ତବଲା ବିଷୟରେ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପରୀକ୍ଷାକୁ ନିରୀକ୍ଷକ ଭାବେ ଶିବାନନ୍ଦ କଳାବିକାଶ କେନ୍ଦ୍ର କୁରୁଡା ବାଲେଶ୍ୱରର ଅଧାପିକା ଶ୍ରୀମତୀ ମମତା ହାଜିରା,ଗୁରୁ ସୁଶାନ୍ତ କୁମାର ଘଡାଇ ,ଗୁରୁ ସଦାନନ୍ଦ ଦାସ, ଗୁରୁ ପ୍ରଫୁଲ ବାରିକ ,ଗୁରୁ ରାଧାରମଣ ରାଉତ,ଗୁରୁ ସରୋଜ କୁମାର ଦାସ,ଏବଂ ଗୁରୁମା ଅର୍ଚ୍ଚନା ଉପାଧ୍ୟାୟ ପରୀକ୍ଷାକୁ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ସନ୍ଧ୍ୟାରାଣୀ ଜେନା,ସଭାପତି ପଂଚାନନ ପଣ୍ଡା,ସଂପାଦକ ଦେବବ୍ରତ ଦଣ୍ଡପାଟ,ଗୁରୁମା ସଞ୍ଜୁବାଳା ମହାନ୍ତି କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ କରିଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର , ୦୫/୫ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାଜ ପ୍ରସାଦଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୨୯ ଜଣ ଅଭିଯୋଗକାରୀ ନିଜ ନିଜ ନାମ ପଞ୍ଜିକରଣ କରି ଅଭିଯୋଗ ଉପସ୍ଥାପନ କରି ଥିଲେ।ସେଗୁଡ଼ିକ ମଧ୍ୟରୁ ୧୧୧ ଗୋଟି ବ୍ୟକ୍ତିଗତ ୮ ଗୋଟି ସାମୁହିକ, ୭ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଓ ୩ ଗୋଟି ରେଡ କ୍ରସ ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୨୩ ଗୋଟି ଦରଖାସ୍ତର ତୁରନ୍ତ ଫୈସଲା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ,ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା . ସୁଶାନ୍ତ କୁମାର ନାୟକ, ବାଲେଶ୍ୱର ସଦର ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ବେହେରା, ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନିବେଦିତା ସୋରେନ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ତ୍ୟାଗପୂତ ଜୀବନ ପାଇଁ ହରେକୃଷ୍ଣ ଜନ ମାନସରେ ଅମର



ବାଲିଆପାଳ/ଲଙ୍ଗଳେଶ୍ୱର, ୦୫/୫ (ନି.ପ୍ର): ନିସ୍ୱାର୍ଥପର ସେବା ଓ ତ୍ୟାଗପୂତ ଜୀବନ ପାଇଁ ବିଶିଷ୍ଟ ସମାଜସେବୀ, ସଂଗଠକ, ବିଚାରକ ତଥା ଚଳଚିତ୍ର ପ୍ରଯୋଜକ ହରେକୃଷ୍ଣ ଗିରି ଜନ ମାନସରେ ଅମର ବୋଲି ସୋମବାର ଏସ କେ ଜି ସାରସ୍ୱତ ଟ୍ରଷ୍ଟ ପକ୍ଷରୁ ପାରୁଳିଆ ଛକ ସ୍ଥିତ ସ୍ୱର୍ଗତ ହରେକୃଷ୍ଣ ଗିରିଙ୍କ ପ୍ରତିମୂର୍ତ୍ତି ଠାରେ ଆୟୋଜିତ ୧୫ ତମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭାରେ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରି ଛନ୍ତି। ଟ୍ରଷ୍ଟ ର ସଭାପତି ଅଧାପକ ଡ଼ଃ ସୁକାନ୍ତ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପ୍ରାକ୍ତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ, ପ୍ରାକ୍ତନ ଅଧାପକ କୁଞ୍ଜକାନ୍ତ ପାତ୍ର, ପ୍ରାକ୍ତନ ଏସ ଆଇ ଅଫ ସ୍କୁଲସ୍ ମନ୍ମଥ କୁମାର ସାହୁ, ଡାକ୍ତର ହରେକୃଷ୍ଣ ଦାସ, ପୂର୍ବତନ ସୈନିକ ସଂଗଠକ ସଭାପତି କମଳ ଲୋଚନ ପିଳା, ସୁବର୍ଣ୍ଣ ରେଖା ସେବା ସଂଘ ସଭାପତି ଦେବ କୁମାର ପାତ୍ର, ବାଘା ଯତୀନ ସ୍ମୃତି ପରିଷଦ ସଭାପତି ଅରବିନ୍ଦ ବେହେରା, ଯବନ କବି ସେକ ନିମାଜୀ, କବି ବିଜୟ କୁମାର ପାତ୍ର, ସ୍ୱାଭିମାନୀ ବାଲିଆ ପାଳିଆ ମଞ୍ଚ ଆବାହକ ସତ୍ୟକାମ ମହାନ୍ତି, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧାଂଶୁ ପାଣ୍ଡା, ଶ୍ରୀହରି ମଣ୍ଡଳ, ଡି ଏସ ଟିଭି ଚେନାଲ ମୁଖ୍ୟ ସଦାଶିବ ସେଠୀ, ସାମ୍ବାଦିକ ସଞ୍ଜୟ କୁମାର ଗିରି, ଦିଲ୍ଲୀପ କୁମାର ଦାସ, ସାମ୍ବାଦିକା କବିତା ଗିରି, କଣ୍ଠଶିଳ୍ପୀ ରାମ କୃଷ୍ଣ ଦାସ ଅଧିକାରୀ, ବିଜୟ କୁମାର ମାହାନା ପ୍ରମୁଖ ଯୋଗ ଦେଇ ଦିବଂଗତ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସ୍ମୃତି ଚରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଗିରିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଗଲା ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଯୁବ ସମାଜସେବୀ କ୍ଷୀତିଶ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସହକାରୀ ଶ୍ରମ ଅଧିକାରୀଙ୍କ ନୂତନ ଏସସିବି ବିଲ୍ଡିଂ ପରିଦର୍ଶନ

ଭୁବନେଶ୍ୱର , ୦୫/୫ (ନି.ପ୍ର): ସହକାରୀ ଶ୍ରମ ଅଧିକାରୀ ରଶ୍ମି ରଞ୍ଜନ ବରାଳ ଏବଂ ଦୀପଙ୍କର ଦୀକ୍ଷିତ ନିର୍ମାଣାଧୀନ ନୂତନ ଏସସିବି କୋଠା ପରିଦର୍ଶନ କରିଥିଲେ। ସକାଳ ୧୧ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ ଚାଲୁ ନଥିବା ଜଣାପଡ଼ିଥିଲା। ଏହା ବ୍ୟତୀତ ପ୍ରତିଦିନ ଶ୍ରମିକମାନଙ୍କୁ ବଂଟନ ପାଇଁ ୧ ଲକ୍ଷ ଓଆରଏସ ପ୍ୟାକେଟ ଉପଲବ୍ଧ ଥିଲା। ଶ୍ରମିକମାନେ ପିପଇ ସୁରକ୍ଷା ଉପକରଣ ବ୍ୟବହାର କରୁଥିବା ଦେଖାଯାଇଥିଲା। ଏହି ସ୍ଥାନରେ ନିୟୋଜିତ ୧୨୦ ଜଣ ନିର୍ମାଣ ଶ୍ରମିକ ପୂର୍ବରୁ ପଞ୍ଜୀକୃତ ହୋଇସାରିଛନ୍ତି । ଅନସାଇଟ୍ ପଞ୍ଜୀକରଣ ମଧ୍ୟ ନିରନ୍ତର ଭାବରେ କରାଯାଉଛି ବୋଲି ସହକାରୀ ଶ୍ରମ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ । ଏଠାରେ ସୂଚନାଯୋଗ୍ୟ ଯେ, ଡହ ଡହ ଖରାରେ ଶ୍ରମିକମାନେ କଟକ ବଡ ମେଡ଼ିକାଲର ନୂଆ ବିଲ୍ଡିଂ କାମ କରୁଛନ୍ତି ବୋଲି ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଥିଲା ।

# ଉଦଳାରେ ରୋଟାରି ଖେଳାଇ ଦେଇଛି ନୂଆ ଉତ୍ସାହ: ସୃଷ୍ଟି କରିଛି ବହୁ ସମ୍ଭାବନା

ଉଦଳା, ୦୫/୫ (ନି.ପ୍ର): ଉଦଳାରେ ରୋଟାରି କ୍ଲବ ଗତ ୨୦୧୮ ମସିହାରୁ ତାର କାର୍ଯ୍ୟ ଆରମ୍ଭ କରିଛି । ଇତି ମଧ୍ୟରେ ଏହା ଦିର୍ଘ ୭ ବର୍ଷ ସମୟ ଅତିକ୍ରାନ୍ତ କରିସାରିଲାଣି । 'ସେବା' ଓ 'ବନ୍ଧୁତା'ର ନାରା ଦେଉଥିବା ରୋଟାରି ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଖେଳାଇ ଦେଇଛି ନୂଆ ପ୍ରକାର ଉତ୍ସାହ ଓ ସୃଷ୍ଟି କରିଛି ବହୁ ସମ୍ଭାବନା । ତେଣୁ ରୋଟାରି କ୍ଲବର ପ୍ରଶଂସା ଉଦଳା ସହରର ବିଭିନ୍ନ ମହଲରେ ଆଜି ସ୍ୱତଃ ଶୁଣିବାକୁ ମିଳୁଛି । ତେବେ ନିକଟରେ ରୋଟାରି ଜିଲ୍ଲା- ୩୨୬୨ର ପ୍ରାନ୍ତପାଳ ଯଂଜ୍ଞାସିସ ମହାପାତ୍ର ଉଦଳା ପରିଦର୍ଶନରେ ଆସି ଆନନ୍ଦିତ ହେବା ସହିତ ଏଠାକାର ଭାଇ ଭଉଣୀ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସହକାରୀ ପ୍ରାନ୍ତପାଳ ନିରଂଜନ ମହାନ୍ତି ଓ ରୋଟାରିଆନ ଇନ୍ଦ୍ରଜିତ ସାହୁ ଅତିଥି ଭାବରେ ଯୋଗଦେଇ ଏତେ ଅଳ୍ପଦିନ ମଧ୍ୟରେ ଉଦଳା




ରୋଟାରି କ୍ଲବ ଯେଉଁଭଳି କାମ କରି ଦେଖାଇ ପାରିଛି ତାହା ଆଜି ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ବୋଲି ବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରତିବର୍ଷ ପରି ଚାଲୁଥିବା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିରକୁ ସ୍ଥାନୀୟ ନଗରପାଳ ପ୍ରମିଳା ପଣ୍ଡା ଫିତାକାଟି ଉଦ୍ ?ଘାଟନ କରିଥିଲେ । ସେହିପରି କ୍ଲବ ତରଫରୁ ବର୍ଷ ତମାମ ଚାଲିଥିବା ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମକୁ ଡ଼ା. ଭାଗବତ ବେହେରା ଯେଉଁଭଳି ପରିଚାଳନା କରୁଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ବହୁ ଲୋକ ମତ ଦେଉଛନ୍ତି । ଆଜିର କାର୍ଯ୍ୟକ୍ରମରେ କ୍ଲବର ସଭାପତି ପ୍ରହ୍ଲାଦ ଦାସ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଚିତରଂଜନ ବାରିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଳାରେ ରୋଟାରି କ୍ଲବର ପ୍ରତିଷ୍ଠାତା ଇଂ.ସୁବାଷ ଚନ୍ଦ୍ର ପଣ୍ଡାଙ୍କ ସମେତ ପ୍ରାକ୍ତନ ସଭାପତି ଡ଼ା.ସଚିଦାନନ୍ଦ ପରିଡ଼ା, ଅଶୋକ ମହାନ୍ତି, ହରେନ ପଟ୍ଟନାୟକ, ମନୋରଂଜନ ପାଢ଼ି ପ୍ରମୁଖ ଉପସ୍ଥିତ ଥିଲେ । ଇନରହୁଇଲ କ୍ଲବର ସଦସ୍ୟାବୃନ୍ଦ ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ପ୍ରକାଶଥାଉକି ରକ୍ତଦାନ, ବସ୍ତ୍ର ବିତରଣ, ପାନୀୟ ଜଳ ବିତରଣ, ବୃକ୍ଷରୋପଣ ସହିତ ବିଭିନ୍ନ ପ୍ରକାର ସଚେତନତା ମୂଳକ କାର୍ଯ୍ୟକ୍ରମ ବର୍ଷ ତମାମ ଆୟୋଜନ କରି ଉଦଳା ରୋଟାରି କ୍ଲବ ପ୍ରଶଂସାର ପାତ୍ର ପାଲଟିପାରିଛି । ବର୍ତ୍ତମାନ ବହୁସଂଖ୍ୟାରେ ନୂଆ ,ଭାଇ ଭଉଣୀ ମାନେ କ୍ଲବର ସଦସ୍ୟ ହେବା ପାଇଁ ଆଗ୍ରହ ପ୍ରକାଶ କରୁଥିବାରୁ ଆଗାମି ଦିନରେ ଏହାର ଏକ ଉଜ୍ଜଳ ଭବିଷ୍ୟତର ସମ୍ଭାବନା ଆଶା ବାନ୍ଧିଛି ।

# କାର୍ଯ୍ୟସୂଚୀ ଅନୁଯାୟୀ ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ବାରିପଦା, ୦୫/୫ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସକାଳ ୭ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟ ଭା. ପ୍ର. ସେଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଥିଲା । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ, ଭା.ପୋ.ସେ., ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୬୯ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୬୯ଗୋଟି ଅଭିଯୋଗ ମଧ୍ୟରୁ ୧୫୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୧୧ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୫ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗ ର ଗୁରୁତ୍ୱ କୁ ବିଚାର କରି ଜିଲ୍ଲାପାଳ ୫ଜଣ ଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫,୦୦୦/-ଟଙ୍କା ମଂଜୁର କରିଛନ୍ତି। ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜି ଜନ ଶୁଣାଣି ଶିବିରକୁ ଆସିଥିବା ଆବେଦନକାରି ମାନଙ୍କ ପାଇଁ ଶେଡ଼ ବ୍ୟବସ୍ଥା କରାଯିବା ସହ ଲୋକମାନଙ୍କୁ ପିଇବା ପାଇଁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ

# ସର୍ବନିମ୍ନ ମଜୁରୀ ସଠିକ୍ ନିର୍ଦ୍ଧାରଣ ଓ ସ୍କିମ୍ ୱାର୍କରର୍ସଙ୍କୁ ଶ୍ରମିକ ମାନ୍ୟତା ଦାବିରେ ଏଆଇଟିୟୁସି ପକ୍ଷରୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର, ୦୫/୫ (ନି.ପ୍ର): ଏଆଇଟିୟୁସିର ଆହ୍ୱାନରେ ସୋମବାର ଦିନ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଏକ ଦାବିପତ୍ର ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଭାରତୀୟ ଶ୍ରମ ସମ୍ମିଳନୀର ୪୪ ଓ ୪୫ର ନିଷ୍ପତ୍ତି ଅନୁଯାୟୀ ସମସ୍ତ ସ୍କିମ୍ ୱାର୍କରର୍ସ ଯଥା - ଅଙ୍ଗନୱାଡ଼ି, ଆଶା, ପାଚିକା, ସହାୟିକା, ଜଳସାଥୀ ଓ କୃଷକ ସାଥୀଙ୍କ ସମେତ ସମସ୍ତ ସରକାରୀ ସ୍କିମ୍‌ରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ ଦାବି ସହ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ସମୟରେ ସାଂପ୍ରତିକ ବଜାର ଦର, ଶ୍ରମିକ ପରିବାରର ଶିଶୁ ଓ ନିର୍ଭରଶୀଳ ପିତାମାତା ଏବଂ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ଖର୍ଚ୍ଚକୁ ବିଚାରକୁ ନେବାପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସଂପାଦକ ଶ୍ୟାମସୁନ୍ଦର ଜେନା, ଉପସଭାପତି ମାୟାଧର ନାୟକ, ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶରତ ଚନ୍ଦ୍ର ଦଳାଇ, ଆରତୀ ଦାସ ମହାପାତ୍ର, ଅନ୍ନପୂର୍ଣ୍ଣା ପ୍ରଧାନ, ପଦ୍ମାବତୀ ନାୟକ, ଦୁକୁଲ ଚନ୍ଦ୍ର ଘଡ଼ାଇ ଓ ସଂଗ୍ରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida